# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 199 | ଭାଗ ୩୨ | ସଂଖ୍ୟା ୧୯୯ | Bhubaneswar | Tuesday 08 October 2024 | Page 8 Rs. 4.00 | ଭୁବନେଶ୍ୱର | ମଙ୍ଗଳବାର ୮ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ପୃଷ୍ଠା ୫ ମହାକାଶରୁ ଭୋଟଦେବେ ସୁନୀତା ୱିଲିୟମ୍ସ

## ସେତେବେଳେ ସବୁଜ, ଏବେ ଗେରୁଆ

ଭୁବନେଶ୍ୱର,୭।୧୦ (ସଂଚାର ବ୍ୟୁରୋ): ଓଡ଼ିଶାରେ ସରକାର ପରିବର୍ତ୍ତନ ପରେ ନୂତନ ସରକାର ଅନେକ ନୂଆ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ରାଜ୍ୟରେ ସମସ୍ତ ସରକାରୀ କୋଠା କମଳା ଓ ଲାଲ ରଙ୍ଗ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସମସ୍ତ ନୂତନ ସରକାରୀ



କୋଠାର ପର୍ଯ୍ୟାୟ କ୍ରମେ ମରାମତି ବା ନବୀକରଣ କାର୍ଯ୍ୟ କରାଯିବ। ସେହି ସମୟରେ ସରକାରୀ କୋଠାଗୁଡ଼ିକ ପାଇଁ ନୂତନ ରଙ୍ଗ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ରାଜ୍ୟ ସରକାରଙ୍କ ଏହି ନଷ୍ପତ୍ତି ଆଗାମୀ ଦିନରେ ବୁମେରାଂ ହେବନି ତ?

ପୂର୍ତ୍ତ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ସରକାରୀ କୋଠାର ବାହାର ପଟ କମଳା ଓ ନାଲି ବର୍ଡ଼ର ରହିବ।

**ତହବିଲ ଉପରେ ବଢୁଛି ଅଯଥା ଚାପ**

**ୟୁନିଫର୍ମ ପରେ ସରକାରୀ କୋଠାର ରଙ୍ଗ ବଦଳିବ**

ଏନେଇ ସମସ୍ତ ମୁଖ୍ୟଯନ୍ତ୍ରୀ ସବୁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି କରିଛନ୍ତି। ନିକଟରେ ସରକାର ସ୍କୁଲ ୟୁନିଫର୍ମ ରଙ୍ଗ ମଧ୍ୟ ବଦଳାଇବାକୁ ନିଷ୍ପତ୍ତି ନେଇଥିଲେ। ସବୁଜ ରଙ୍ଗ ବଦଳରେ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଲାଗି ବାଦାମୀ ରଙ୍ଗର ୟୁନିଫର୍ମ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନା ➪ପୃଷ୍ଠା-୬

# ବିଜେଡିକୁ ଦରକାର ମୋହନ 'ବର୍ଣ୍ଣୋଲ୍'

ଭୁବନେଶ୍ୱର,୭।୧୦ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଛାଇ ଦେଖି ଡରିଲାଣି ବିଜେଡି । ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଫଟୋଦେଖି ହଡବଡେଇ ଯାଇଥିବା ବିଜେଡି ଆଜି ଏହାକୁ ନେଇ ସାମ୍ବାଦିକ ସମ୍ମିଳନୀ କରିବା ସହିତ ନିଜର ସବୁ ଅପାରାଗତା ନୂଆ ସରକାରର ମୁଣ୍ଡରେ ଲଦିଛି । ତେବେ ଅଳ୍ପଦିନ ତଳେ ସମ୍ବଲପୁରବାସୀ ଠାରୁ ପାନେ ପାଇଥିବା ବିଜେଡିର ଏଭଳି ହାସ୍ୟାସ୍ପଦ ଅଭିଯୋଗ ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

ଆଜି ବିଜେଡି ସାମ୍ବାଦିକ ସମ୍ମିଳନୀ କରି ସମ୍ବଲପୁରରେ ମୋହନ ମାଝିଙ୍କ ଫଟୋ ମରାଯିବାକୁ ପ୍ରସଙ୍ଗ କରିଛି ବିଜେଡି । ହେଲେ ବିଜେଡି ଭୁଲିଯାଇଛି ଯେ ଚାରିମାସ ତଳେ ସେମାନେ ରାଜ୍ୟର ଗଳିକନ୍ଦିରେ କିଭଳି ନବୀନଙ୍କ ଫଟୋ ମାରି ପ୍ରଚାର ଚଳାଇଥିଲେ । ଖାଲି ରାସ୍ତାଘାଟରେ ଫଟୋ ମାରିନଥିଲେ, ବିଭିନ୍ନ ଗଣମାଧ୍ୟମରେ ବି କୋଟି କୋଟି ଟଙ୍କାର ବିଜ୍ଞାପନ ଦେଇଥିଲେ । ମାତ୍ର ଚାରିମାସର ଘଟଣାକୁ କିଭଳି ନବୀନ ଓ ତାଙ୍କ ଟିମ୍ ଭୁଲିଗଲେ ବୋଲି ସାଧାରଣରେ ଲୋକେ ପ୍ରଶ୍ନ

- ମୋହନଙ୍କ ଫଟୋ ଦେଖି ବିଜେଡି ଛାନିଆ
- ବିଜେଡି ଆରମ୍ଭ କରିଥିଲା କପି ପେଷ୍ଟ ଯୁଗ
- ଛତିଶଗଡ଼ ବନ୍ଧ ବାନ୍ଧୁଥିଲାବେଳେ ଶୋଇଥିଲେ ବିଜେଡି ନେତା

କରୁଛନ୍ତି । ଲୋକଙ୍କ ମତ ହେଉଛି ସରକାର ଏକ ଚିରାଚରିତ ପ୍ରକ୍ରିୟା । ଯିଏ କ୍ଷମତାକୁ ଆସିବ ସିଏ ପୂର୍ବ ସରକାରର ଉନ୍ନୟନ କାର୍ଯ୍ୟକୁ ଜାରି ରଖିବ । ହେଲେ ଚାରି ମାସର ସରକାର କାର୍ଯ୍ୟ ଠିକଣା ଭାବେ ଆରମ୍ଭ ନକରଣୁ ଶାସନ କରିବାର ହ୍ୟାଙ୍ଗଭୋର ଯାଇନଥିବା ବିଜେଡି ଏବେ ସମାଲୋଚନା କରିବା




ଆରମ୍ଭ କରିଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ବିଜେଡି ବିଜେପି ସରକାରକୁ କପି ପେଷ୍ଟ ସରକାର ବୋଲି କହିଛି । କିନ୍ତୁ ବିଜେଡି ଭୁଲିଯାଉଛି ଯେ ୧୦୮ ଆମ୍ବୁଲାନ୍ସ ହେଉ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଘର ଅଥବା ଟଙ୍କିକିଆ ଚାଉଳ,ସେମାନେ କ୍ଷମତାରେ ଥିବାବେଳେ କିଭଳି ସେଥିରେ ସବୁ ଷ୍ଟିକର ମାରି ନିଜର ପ୍ରଚାର କରୁଥିଲେ ଏବଂ ଜୋରଦାର ପ୍ରତିବାଦ ପରେ ଏଭଳି କାର୍ଯ୍ୟରୁ ନିବୃତ୍ତ ହୋଇଥିଲେ ।

ବିଜେଡି ପୁଣି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା, ଭିସୁଟ୍ ଓ ମେଡିକାଲ କଲେଜକୁ ନେଇ ଚାରି ମାସର ବିଜେପି ସରକାରକୁ ସମାଲୋଚନା କରିଛି । ସମାଲୋଚନା କରୁଥିବା ନେତାମାନେ ଭୁଲିଯାଉଛନ୍ତି ଯେ ସେମାନେ ଓଡିଶାରେ ୨୫ବର୍ଷ କ୍ଷମତାରେ ଥିଲେ । ଚାହିଁଥିଲେ ଏହିସବୁ ସମସ୍ୟାର ସମାଧାନ କରିପାରିଥାନ୍ତେ। ହେଲେ ଭୋଟ ରାଜନୀତି ପାଇଁ ସବୁଗୁଡିକୁ ଅଧାପନ୍ତରିଆ କରି ଛାଡିଛନ୍ତି । ଏବେ ବିଜେପି ସରକାର ଘରେ ପଶୁ ପଶୁ ସେହିସବୁ ସମସ୍ୟାର ବୋଝ ବିଜେପି ମୁଣ୍ଡରେ ରଖି ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରୁଛନ୍ତି ।

ତେବେ ରାଜନୈତିକ ବିଶ୍ଳେଷକମାନଙ୍କ ମତରେ ଦୀର୍ଘଦିନ ଧରି କ୍ଷମତାରେ ଥିବା ଗୋଟିଏ ସଶକ୍ତ ବିରୋଧିଦଳ ଏଭଳି ➪ପୃଷ୍ଠା-୬

## ଲାଲ ବାହିନୀକୁ ଶାହଙ୍କ ଅଲ୍ଟିମେଟମ୍



ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମସ୍ତ ଏଲ୍‌ଡବ୍ଲ୍ୟୁଇ ପ୍ରଭାବିତ ରାଜ୍ୟ ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲବାଦକୁ ସମ୍ପୂର୍ଣ୍ଣ ରୂପେ ନିପାତ କରିବାକୁ ପ୍ରତିଶ୍ରୁତିବଦ୍ଧ । ବିକଶିତ ଭାରତର ପ୍ରକୃତ ଅର୍ଥ ହେଉଛି ଆମର ୮ କୋଟି ଆଦିବାସୀ ଲୋକଙ୍କ ସମେତ ଦେଶର ୧୪୦ କୋଟି ଲୋକଙ୍କ ପାଖରେ ବିକାଶ ପହଞ୍ଚିବା। ଦୁର୍ଗମ ଅଞ୍ଚଳ ଓ ଆଦିବାସୀ ସମ୍ପ୍ରଦାୟରେ ଆଜି ବିକାଶ ଆଣିବାରେ ସବୁଠାରୁ ବଡ ବାଧକ ହେଉଛି ନକ୍ସଲବାଦ। ନକ୍ସଲବାଦ ଶିକ୍ଷା, ସ୍ୱାସ୍ଥ୍ୟସେବା, ଯୋଗାଯୋଗ, ବ୍ୟାଙ୍କିଙ୍ଗ୍ ଏବଂ ଡାକ ସେବାକୁ ଗାଁ ଗାଁରେ ପହଞ୍ଚିବାରୁ ରୋକିଥାଏ। ସମାଜର ଶେଷ ବ୍ୟକ୍ତିଙ୍କ ପାଖରେ ବିକାଶ ପହଞ୍ଚାଇବା ପାଇଁ ନକ୍ସଲବାଦକୁ ସମ୍ପୂର୍ଣ୍ଣ ରୂପେ ନିପାତ କରିବାକୁ ପଡିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମତବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀରେ ସୋମବାର ବାମପନ୍ଥୀ ଉଗ୍ରବାଦ (ଏଲ୍‌ଡବ୍ଲ୍ୟୁଇ) ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହ କହିଛନ୍ତି, ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ନକ୍ସଲ ବିରୋଧୀ ଲଢ଼େଇରେ ବଡ଼ ସଫଳତା ମିଳିଛି। ବାମପନ୍ଥୀ ➪ପୃଷ୍ଠା-୬

- ୨୦୨୬ ସୁଦ୍ଧା ମୂଳପୋଛ ହେବ
- ୮ କୋଟିରୁ ଅଧିକ ଲୋକ ମୌଳିକ ସୁବିଧାରୁ ବଞ୍ଚିତ
- ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଡିଜିପି ନକ୍ସଲ ବିରୋଧୀ ଅଭିଯାନର ସମୀକ୍ଷା କରନ୍ତୁ

### ୧୨ କଂପାନୀ ସିଏପିଏଫ୍ ଦାବି କଲେ ମୋହନ

ନୂଆଦିଲ୍ଲୀ, ୭।୧୦(ଏଜେନ୍ସି): ଓଡ଼ିଶାରେ ନକ୍ସଲ ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କୁ ଅତିରିକ୍ତ ସହଯୋଗ ମାଗିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଛତିଶଗଡ଼ରେ ନକ୍ସଲ ଅପରେସନ ଜୋରଦାର ହୋଇଥିବାରୁ ସେଠାକାର ନକ୍ସଲଙ୍କର ଓଡ଼ିଶାରେ ଅନୁପ୍ରବେଶ ସମ୍ଭାବନା ରହିଛି । ନୂଆପଡ଼ା, କନ୍ଧମାଳ, ମାଲକାନଗିରି ଫୋକସରେ ଥିବାରୁ ୧୨ କଂପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଓ ଗୋଟିଏ ହେଲିକପ୍ଟର ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ। ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନକ୍ସଲ ମୁକାବିଲା ରଣନୀତି ନିର୍ଦ୍ଧାରଣ ➪ପୃଷ୍ଠା-୬

## ଓଏସ୍‌ଡି ନିଯୁକ୍ତି ପାଇଁ ଜାରି ହେଲା ମାର୍ଗଦର୍ଶିକା

ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ): ମନ୍ତ୍ରୀମାନଙ୍କ ପ୍ରାଇଭେଟ ସେକ୍ରେଟେରୀ ବା ବ୍ୟକ୍ତିଗତ ସଚିବ ଏବଂ ଓଏସ୍‌ଡି ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗାଇଡଲାଇନ ବା ମାର୍ଗଦର୍ଶିକ ଜାରି କରାଯାଇଛି।

ଏହି ଗାଇଡଲାଇନ ଅନୁଯାୟୀ, ଅତିରିକ୍ତ ସଚିବ କିମ୍ବା ଯୁଗ୍ମ ସଚିବ ପାହ୍ୟା ଅଫିସରମାନେ ମନ୍ତ୍ରୀମାନଙ୍କର ବ୍ୟକ୍ତିଗତ ସଚିବ ହୋଇପାରିବେ। ଯୁଗ୍ମ ସଚିବ କିମ୍ବା ଅନୁ ସଚିବ ପାହ୍ୟା ଅଫିସରମାନେ ମନ୍ତ୍ରୀମାନଙ୍କର ଓଏସ୍‌ଡି ନିଯୁକ୍ତ ହୋଇପାରିବେ। ବ୍ୟକ୍ତିଗତ ସଚିବଙ୍କଠାରୁ ଓଏସ୍‌ଡି ଗୋଟିଏ ପାହ୍ୟା ଜୁନିୟର ହୋଇଥିବା ଆବଶ୍ୟକ। ଯଦି ଜଣେ ପୂର୍ବରୁ ପ୍ରାଇଭେଟ ସେକ୍ରେଟାରୀ ବା ଓଏସ୍‌ଡି ଥିବେ, ତା'ହେଲେ ତାଙ୍କୁ ନୂଆ କରି ସେହି ପଦବୀଗୁଡ଼ିକରେ ନିଯୁକ୍ତି ଦେବାକୁ ହେଲେ ୫ ବର୍ଷ ବ୍ୟବଧାନ ରଖାଯିବା ଜରୁରୀ। ଅର୍ଥାତ୍ ଏହି ପଦବୀରେ ପୂର୍ବ ନିଯୁକ୍ତି ଓ ବର୍ତ୍ତମାନ ନିଯୁକ୍ତି ମଧ୍ୟରେ ୫ ବର୍ଷ ବ୍ୟବଧାନ ରହିବା ବାଞ୍ଛନୀୟ।

ଯେଉଁ ଅଧିକାରୀମାନଙ୍କୁ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବ ବା ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯିବ, ସେମାନଙ୍କ ନାଁରେ କୌଣସି ପ୍ରକାର ଶୃଙ୍ଖଳାଗତ ମାମଲା ନଥିବା ଆବଶ୍ୟକ। ➪ପୃଷ୍ଠା-୬

## ଟାଟା ପାୱାରର ଗଡଫାଦର କିଏ?

ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ): ଓଡ଼ିଶାରେ ଟାଟା ପାୱାରର ଗଡଫାଦର କିଏ ? କେଉଁମାନେ ଏହି ଘରୋଇ କମ୍ପାନୀ ହାତରେ ହଜାର ହଜାର କୋଟି ଟଙ୍କାର ସରକାରୀ ସମ୍ପତ୍ତିକୁ ଟେକିଦେଲେ? କେଉଁମାନଙ୍କ ସହାୟତାରେ ମାତ୍ର ୧୭୮ କୋଟି ଟଙ୍କାରେ ବିଜୁଳି ବ୍ୟବସ୍ଥାର ୫୧ ପ୍ରତିଶତ ଅଂଶଧନ ହାତେଇନେଲା ଏହି କମ୍ପାନୀ ? ବିଜୁଳି କାଟ୍ ଠାରୁ ବିଲ୍ ଆଦାୟ ପର୍ଯ୍ୟନ୍ତ ସବୁଥିରେ ଅତିଷ୍ଠ ରାଜ୍ୟବାସୀଙ୍କ ମନରେ ଏହି ପ୍ରଶ୍ନ । ପ୍ରଶ୍ନର ଉତ୍ତର ଅନେକ ରହସ୍ୟ ଉପରୁ ପରଦା ଉଠାଇବା ସହିତ ଟାଟା ପାୱାରର ଗଡଫାଦରମାନଙ୍କ ମୁଖା ଖୋଲିବ ବୋଲି କୁହାଯାଉଛି।

ଉଲ୍ଲେଖନୀୟ ଯେ ଟାଟା ପାୱାର ମାତ୍ର ୧୭୮ କୋଟି ୫୦ଲକ୍ଷ ଟଙ୍କାରେ ସେସୁର ୫୧ ପ୍ରତିଶତ ଅଂଶଧନ ହାତେଇଛି। ୩୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତିର ମାଲିକ ଥିବା ସେସୁର ୫୧ ପ୍ରତିଶତ ଅଂଶଧନକୁ କେଉଁମାନେ ଟାଟା ପାୱାର ହାତରେ ଟେକି ଦେଇଛନ୍ତି ଲୋକେ ଏବେ ସେମାନଙ୍କ ନାମ ଜାଣିବାକୁ ଚାହିଁଲେଣି । ଖାଲି ଜାଣିବାକୁ ଚାହୁଁନାହାନ୍ତି ଏଭଳି ଦେଣ ନେଣ ପଛରେ

- ପରଦା ପଛରେ ରହି ଦେଉଛନ୍ତି ସୁରକ୍ଷା
- ପଶ୍ଚିମର ମିଟର ନିଆଁ ଦକ୍ଷିଣକୁ ବ୍ୟାପିଲାଣି
- ଅଣଓଡ଼ିଆଙ୍କୁ ଆଣି ଓଡ଼ିଶାରେ ଖୁନ୍ଦୁଛି




କେତେ କାରବାର ହୋଇଛି ବର୍ତ୍ତମାନର ବିଜେପି ସରକାର ତାହାର ଖୁଲାସା ସର୍ବସାଧାରଣରେ କରିବାକୁ ବି କହିଲେଣି।

ଓଡିଶାରେ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ରିଲାୟନ୍ସ କମ୍ପାନୀ ରାଜ୍ୟ ଶକ୍ତି ବିଭାଗକୁ ଚୂନ ଲଗାଇ ଯିବାପରେ ଶକ୍ତି ବିଭାଗ ଓଡିଶାକୁ ଚାରିଟି ➪ପୃଷ୍ଠା-୬

## ଭାଇରାଲ ହେଉଛି ବିଧାୟକଙ୍କ ଭିଡିଓ

ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ): ଗତକାଲିଠାରୁ ସୋସିଆଲ ମିଡିଆରେ ଜଣେ ବିଧାୟକଙ୍କ ଭିଡିଓ ଭାଇରାଲ ହେଉଛି। ଏହି ବିଧାୟକ ଜଣକ ଶାସକ ଦଳର ଓ ପୁରୀ ଜିଲ୍ଲାର ବୋଲି ଜାଣାପଡିଛି। ଏହି ବିଧାୟକ ଜଣକ ଜଣେ ନିଜ ଦଳର ମହିଳା କର୍ମୀଙ୍କ ସହ ଅସଜ୍ଜିତ ଅବସ୍ଥାରେ ଥିବା ଭିଡିଓରୁ ଦେଖିବାକୁ ମିଳିଛି। ବିଧାୟକ ➪ପୃଷ୍ଠା-୬



## କୋଟିଏ ଡେଇଁଲା ସୁଭଦ୍ରା ଯୋଜନା ପଞ୍ଜୀକରଣ

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ମହିଳାଙ୍କ ପାଇଁ ଖୁସି ଖବର। ଦଶହରା ପୂର୍ବରୁ ମିଳିବ 'ସୁଭଦ୍ରା' ଯୋଜନା ଅର୍ଥ। ଏହାଥିସହିତ ଏସ୍‌ଏଚ୍‌ଜିଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ୯ରେ ଏସ୍‌ଏଚ୍‌ଜି ମହିଳାଙ୍କ ଋଣ ଛାଡ଼ ହେବ। ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଛାଡ଼ କରାଯିବ।ଆଜି ସୁଦ୍ଧା ଓଡ଼ିଶାର ୧ କୋଟି ୨୦ ହଜାର ମହିଳା ହିତାଧିକାରୀ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ଯୁଗାନ୍ତକାରୀ 'ସୁଭଦ୍ରା' ଯୋଜନାରେ ଏକ କୋଟିରୁ ଅଧିକା ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ଏକ ବଡ ଉପଲବ୍ଧି ➪ପୃଷ୍ଠା-୬

- ଛାଡ଼ ହେବ ଏସ୍‌ଏଚ୍‌ଜି ମହିଳାଙ୍କ ଋଣ
- ସୋସିଆଲ ମିଡିଆ ଖବରରେ ପ୍ରଭାବିତ ହୁଅନ୍ତୁନି

## ଦଶହରା ବଜାରରେ 'ପେଡ୍ ଗର୍ଲଫ୍ରେଣ୍ଡ'



- କେନିଆ, ନାମ୍ବିଆ ଯୁବତୀଙ୍କ ବଢୁଛି ଡିମାଣ୍ଡ
- ରାଜଧାନୀରେ ହାଉଯାଉ ବିଦେଶୀ ଯୁବତୀ
- ଉଚ୍ଚଶିକ୍ଷା ବାହାନାରେ ନିଶା ଚାଲାଣରେ ଲିପ୍ତ

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ହେଡିଂ ପଢ଼ିବା ପରେ ଅଜବ ଲାଗୁଥିବ। ଆମେ ଓଡ଼ିଶାରେ ଅଛେ ନାଁ ବ୍ୟାଙ୍କକ୍‌ରେ? ସତରେ କଣ ଏମିତି ଧନ୍ଦା ଭୁବନେଶ୍ୱର ରେ ହେଉଛି! ହଁ ଆଜ୍ଞା ଆପଣଙ୍କ ପଇସା ଥିଲେ ଆପଣ ପାଇପାରିବେ ପ୍ରେମିକା । ସେକ୍ସ ରାକେଟର କିଙ୍ଗପିନ୍ ସୁନିଲ ମେହେରର ଗିରଫଦାରୀ ପରେ ପଚରାଉଚରା ବେଳେ ଏଭଳି ସ୍କିମ ବିଷୟରେ କିଛିବର୍ଷ ପୂର୍ବେ ଜାଣିବାକୁ ପାଇଥିଲା କମିସନରେଟ ପୋଲିସ। ଜାମିନରେ ଆସିବା ପରେ ସେକ୍ସ ରାକେଟର କିଙ୍ଗପିନ ସୁନିଲ ଗତ କିଛି ଦିନ ହେବ ରାଜଧାନୀରେ ପୁଣି ଆରମ୍ଭ କରିଛି ଏହି ପେଡ୍ ଗର୍ଲଫ୍ରେଣ୍ଡ୍ ସ୍କିମ୍। ରାଜଧାନୀର ପ୍ରମୁଖ ଛକ ମାନଙ୍କରେ ଖଟି କରିବା ସହ କିଛି ସାମ୍ବାଦିକଙ୍କୁ ଢାଲ କରି ଆରମ୍ଭ କରିଛି ଦେହ ବେପାର। ଗତକିଛି ଦିନ ହେବ ଏଜି ଛକ ପାଖରେ ସୁନୀଲ ବସାଉଠା କରୁଥିବା ଦେଖିବାକୁ ମିଳୁଛି।

ତେବେ ସୁନୀଲ ବିଷୟରେ ଚର୍ଚ୍ଚା ପୂର୍ବରୁ ଆସନ୍ତୁ ଜାଣିବା କଣ ଏହି ପେଡ ଗାର୍ଲଫ୍ରେଣ୍ଡ ଫଣ୍ଡା ? ପେଡ୍ ଗର୍ଲଫ୍ରେଣ୍ଡ୍ ପାଇଁ ପ୍ରଥମେ ହ୍ୱାଟସଅପରେ ତାଲିକା ପ୍ରସ୍ତୁତ କରାଯାଏ । ଗର୍ଲଫ୍ରେଣ୍ଡ ଚୟନ କରିବା ପରେ, ପ୍ରଥମ ୭ ଦିନ ପାଇଁ ଦଲାଲକୁ ଆଗୁଆ ୩୦ ହଜାର ଟଙ୍କା ଦେବାକୁ ପଡେ । ଭୁବନେଶ୍ୱରର କିଛି ବ୍ୟକ୍ତି ମାସ ମାସ ଧରି ପେଡ୍ ଗର୍ଲଫ୍ରେଣ୍ଡ ସ୍କିମରେ ଅଛନ୍ତି । ଆଉ ଏହି ପେଡ୍ ଗର୍ଲଫ୍ରେଣ୍ଡ ସ୍କିମରେ ବିଶେଷ କରି ପଞ୍ଜାବୀ, ବେଙ୍ଗଲୀ ଓ ଗୁଜୁରାଟୀ ଝିଅଙ୍କୁ ହିଁ ରଖାଯାଇଛି । ଗାର୍ଲ ଫ୍ରେଣ୍ଡ ଭଳି ସେମାନେ ମଧ୍ୟ ଏଞ୍ଜୟ କରିବାର ସୁବିଧା ଦିଅନ୍ତି। ଏସବୁ ବାବଦରେ ସୁନିଲ ମେହେରକୁ ଜେରା କରିବା ସମୟରେ ଜାଣିବାକୁ ପାଇଥିଲା ପୋଲିସ । କିନ୍ତୁ ତାର ଗିରଫ ପରେ ଏସବୁ ବନ୍ଦ ହୋଇଯାଇଥିଲା। ଏବେ ପୁଣି ଏହା ଟ୍ରେଣ୍ଡ କରିବାରେ ଲାଗିଛି । ନୂଆବର୍ଷ ଠାରୁ ଏହାର ଚାହିଦା ହୁ ହୁ ହୋଇ ➪ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ଭାରତର ପ୍ରଥମ ମହିଳା ଭାବେ ଅଲିମ୍ପିକ୍ସର ଜିମ୍ନାଷ୍ଟିକ୍ସ ଇଭେଣ୍ଟରେ ଭାଗ ନେଇ ଦୁନିଆକୁ ପ୍ରଭାବିତ କରିଥିବା ଦୀପା କର୍ମକାର(୩୧) ଜିମ୍ନାଷ୍ଟିକ୍ସରୁ ଅବସର ନେଉଥିବା ଘୋଷଣା କଲେ। ଭବିଷ୍ୟତରେ ସେ କୋଚ କିମ୍ବା ମେଣ୍ଟୋର ଭୂମିକାରେ ଆସି ପାରନ୍ତି ବୋଲି ସଙ୍କେତ ଦେଲେ।
- ସେୟାର ବଜାରରେ ସୋମବାର ଲଗାତାର ଷଷ୍ଠ ଦିନ ପାଇଁ ରେକର୍ଡ ହ୍ରାସ ଘଟିଛି । ସେନସେକ୍ସ ୫୫୦ ଅଙ୍କ କମିଥିବା ବେଳେ ନିଫ୍ଟି ୨୪୮୦୦ ତଳକୁ ଖସି ବନ୍ଦ ହୋଇଛି। କାରବାରରେ ସ୍ମଲକ୍ୟାପ୍ ଏବଂ ମିଡ୍‌କ୍ୟାପ୍ ସବୁଠୁ ବଡ଼ ମାଡ଼ ସହିଛନ୍ତି।
- ହିଂଜିଳି ନିର୍ବାଚନମଣ୍ଡଳୀ ପାଇଁ ଚାରି ଜଣଙ୍କୁ ପ୍ରତିନିଧି ଭାବେ ଦାୟିତ୍ୱ ଦେଲେ ବିରୋଧୀ ଦଳ ନବୀନ ପଟ୍ଟନାୟକ। ହିଂଜିଳି ବ୍ଲକ ପାଇଁ ଏ.ସୁଦର୍ଶନ, ସେରଗଡ ପାଇଁ ଦିଗମ୍ବର ନାହକ, ହିଂଜିଳିକାଟୁ ପୌରାଞ୍ଚଳ ପାଇଁ ପ୍ୟାରୀମୋହନ ପାତ୍ରୀ, ଗଂଜାମ ଜିଲ୍ଲା ପରିଷଦ ପାଇଁ ଦେବାନନ୍ଦ ମହାପାତ୍ର ନବୀନଙ୍କ ପ୍ରତିନିଧି ଭାବେ କାମ କରିବେ।

# ୫-ଟିର ଆଡ୍‌ଭୋଟେରିଆଲ କେଳେଙ୍କାରୀ

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ବିଜେଡି ସରକାରର ବହୁ ପ୍ରଚାରିତ ୫-ଟି ଆଢୁଆଳରେ ହୋଇଥିବା ଆଉ ଏକ ମହାଦୁର୍ନୀତି ପଦାକୁ ଆସିଛି । ସମସ୍ତଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଭାଗବଣ୍ଟାରେ ୫-ଟିର ସର୍ଦ୍ଦାର ଓ ତାଙ୍କ ଅନୁଗତମାନେ ପ୍ରାୟ ୧୫୦ କୋଟି ଟଙ୍କା ଉଡାଇ ଦେଇଛନ୍ତି । ଏହି ପଇସାରେ ୫-ଟିର ସର୍ବେସର୍ବା ନିଜର ଭାବମୂର୍ତ୍ତି ତିଆରି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନାଁରେ ରାଜ୍ୟ ରାଜକୋଷରୁ ଏହି ଟଙ୍କା ଚଳୁ ହୋଇଥିବାବେଳେ ରାଜ୍ୟବାସୀଙ୍କର ଏଥିରେ ପଇସାଟିଏର ଲାଭ ହୋଇନାହିଁ। ମୋହନ ସରକାରଙ୍କ ନଜରକୁ ଏହା ଆସିବାପରେ ଏବେ ଏହି ଭାବମୂର୍ତ୍ତି ତିଆରି ଠିକାଦାରଙ୍କ ସୂଚନା ସଂଗ୍ରହ ହେଉଥିବା ଜଣାଯାଇଛି ।

ଆଡଭୋଟୋରିଆଲ ହେଉଛି ଛଦ୍ମବେଶୀ ବିଜ୍ଞାପନ। ଖବର ଭଳି ଦିଶୁଥବ, କିନ୍ତୁ ବିଜ୍ଞାପନ ହୋଇଥିବ । ଏହି ଖବରରେ କେବଳ ୫-ଟି, ମୁଖ୍ୟମନ୍ତ୍ରୀ ଓ ସରକାରଙ୍କର ସଫଳତାର ଚିତ୍ର ରହିବ । ବାସ୍ତବରେ ଏଥିରେ ସରକାରଙ୍କ ସଫଳତାର ଚିତ୍ର କମ୍ ଏବଂ ୫-ଟିର ପ୍ରଚାର ବେଶି ହେଉଥିଲା । ନୂଆ ଓ, ପରିକ୍ରମା ପ୍ରକଳ୍ପ ସହିତ ଅନ୍ୟାନ୍ୟ ସରକାରୀ ଯୋଜନାରେ ଏହି ଛଦ୍ମବେଶୀ




- ନିଜ ପ୍ରଚାରରେ ମାତିଥିଲେ ସନ୍ୟାସୀ
- ଭାଗବଣ୍ଟାରେ ଉଡ଼ିଛି ୧୫୦ କୋଟି

ବିଜ୍ଞାପନ ବା ଆଡଭୋଟୋରିଆଲ ଦିଆଯାଉଥିଲା । ବିଭିନ୍ନ ଗଣମାଧ୍ୟମରେ ଭିତର ପୃଷ୍ଠାରେ ଦିଆଯାଉଥିବା ଏଭଳି ସଚିତ୍ର ବିଜ୍ଞାପନ ଛପାଯାଉଥିଲେ ମଧ୍ୟ ପ୍ରଥମ ପୃଷ୍ଠାର ପଇସା ପ୍ରଦାନ କରାଯାଉଥିଲା । ନିଇତି ଉଡୁଥିଲା କୋଟି କୋଟି ଟଙ୍କା ।

ଏଭଳି ଛଦ୍ମବେଶୀ କାରବାର ପାଇଁ ୫-ଟିର ଗୋଟିଏ ଟିମ୍ କାମରେ ଲାଗିଥିଲା । ଏମାନେ ୫-ଟିର ଭାବମୂର୍ତ୍ତି ସୁରକ୍ଷାରେ ପୂରା ମାତିଥିଲେ । କେବଳ ଛଦ୍ମବେଶୀ ବିଜ୍ଞାପନ ନୁହେଁ, ଏହାର ପ୍ରସ୍ତୁତି ଓ ଅନ୍ୟାନ୍ୟ ବାବଦରେ ବି ପୁଳା ପୁଳା ଟଙ୍କା ଖର୍ଚ୍ଚ ହେଉଥିଲା । ଏବେ କେଉଁ ବିଭାଗରୁ କେତେ ଟଙ୍କା ଯାଇଛି ତାହାର ସମ୍ପୂର୍ଣ୍ଣ ଆକଳନ ହୋଇନଥିଲେ ମଧ୍ୟ ୧୫୦କୋଟି ଟଙ୍କା ଉଡିଯାଇଥିବା ଆଲୋଚନା ହେଉଛି ।

ଏହି ଆଡଭୋଟୋରିଆଲ ଲଡୁ ଖାଇଥିବା ୫-ଟି ଟିମ୍ ଓ ଭାଗ ପାଇଥିବା ସଂସ୍ଥା ଏବେ ଏହାକୁ ନେଇ ନିରବ। ଘଟଣା ପଦାକୁ ଆସିଲା ପରେ ଏହା ଉପରେ ତାଳି ପକାଇବାପାଇଁ ଏବେ ଜୋରଦାର ଉଦ୍ୟମ ଚଳାଇଛନ୍ତି। ତେବେ ସରକାରଙ୍କ ରାଜକୋଷରୁ ଏତେ ପରିମାଣର ଟଙ୍କା ଉଡିଥିବାବେଳେ ଏଥିରେ ରାଜ୍ୟବାସୀଙ୍କର କି ଲାଭ ହୋଇଛି ତାହାର ଖୋଳତାଡ ଆରମ୍ଭ ହୋଇଛି ।

ଆଡଭୋଟୋରିଆଲ କେଳେଙ୍କାରୀ ଏବେ ପଦାକୁ ଆସିବାପରେ ଏହା ଲକ୍ଷ୍ମୀ ବସ୍ ଦୁର୍ନୀତିକୁ ଟପିଯିବ ବୋଲି କୁହାଗଲାଣି । ଲକ୍ଷ୍ମୀବସ୍ ଏବେ ସରକାରଙ୍କ ପାଇଁ ଲକ୍ଷ୍ମୀଛଡା ଯୋଜନାରେ ପରିଣତ ହୋଇଥିବାବେଳେ ଆଡଭୋଟୋରିଆଲରେ କିନ୍ତୁ କିଛି ହାତଗଣତି ଲୋକ ମାଲେମାଲ ହୋଇଛନ୍ତି । ମୋହନ ସରକାର କେବେ ଏହାର ଖୋଳତାଡ କରି ସନ୍ୟାସୀଙ୍କ ମୁଖାଙ୍କୁ ପଦାକୁ ବାହାର କରିବେ ତାହା ଉପରେ ଏବେ ସମସ୍ତଙ୍କ ନଜର ।

# କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି



**କେନ୍ଦ୍ରାପଡ଼ା, ୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ମହକୁମାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍‌ହଲ୍‌ରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡ଼ା ତହସିଲଦାର ତାପସ ଦେହୁରୀ ଓ ବିଡିଓ ବନ୍ଦନା ଖଟୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ ।

ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୨୦୫ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ୨୫ଗୋଟି ସାମୁହିକ ଏବଂ ୧୮୦ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ପଞ୍ଚାବନ ହଜାର ଟଙ୍କା ୬ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୧୧ଜଣ ଆବେଦନକାରୀଙ୍କୁ ଚିକିତ୍ସା ସହାୟତା ବାବଦରେ ମୋଟ୍ ଏକସ୍ତରୀ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ, ପାରିବାରିକ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭୂମିହିନ ପଟ୍ଟା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ରାସନ୍‌କାର୍ଡ଼ ପ୍ରଦାନ, ଅନ୍ତ୍ୟୋଦୟ ଯୋଜନା, ଫୌଜିଦାରୀ ମକଦ୍ଦମା, ବାର୍ଦ୍ଧକ୍ୟ ଭତା, ବଦଳି ନିମନ୍ତେ ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ପୋଲ ନିର୍ମାଣ, ବିଦ୍ୟୁତ ସଂଯୋଗ, ବିଦ୍ୟୁତ ଖୁଣ୍ଟ ସ୍ଥାପନ, ଗଜଲକ୍ଷ୍ମୀ ପୂଜା ପର୍ଯ୍ୟନ୍ତ ଉଠା ଦୋକାନୀକୁ ସ୍ଥାନାନ୍ତରଣ ନ କରି ବ୍ୟବସାୟ କରିବାକୁ ଅନୁମତି, ଗ୍ରାମ୍ୟ ସମସ୍ୟା, ଓଏଲଆର ସିଲିଂ ପଟ୍ଟା, ନୂତନ ରାଜସ୍ୱ ଗ୍ରାମ ଘୋଷଣା, ଜଳ ନିଷ୍କାସନ, ଗ୍ରାମ୍ୟ ରାସ୍ତା ମରାମତି ଓ ନିର୍ମାଣ, ସରକାରୀ ରାସ୍ତା ଅବରୋଧ ହଟାଇବା ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ବିଶ୍ୱ ବସତି ଦିବସ ୨୦୨୪

# ସହରୀ ଗରିବଙ୍କୁ ଆବାସ ସରକାରଙ୍କ ଉତ୍ତରଦାୟିତ୍ୱ !




**ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ):** ସହଭାଗୀ ବିକାଶ ମଞ୍ଚ ତରଫରୁ ଦି ହ୍ୟୁମାନିଟି, ଆଇ.ଆଇ.ଇ.ସି, ସି.ସି.ଡବ୍ଲୁ.ଡି, ସି.ଏସ.ଏନ.ଆର, ଆକ୍ସନ ଏଡ୍. ଟି.ଡବ୍ଲୁ.ଟି, ଦରବାର ସାହିତ୍ୟ ସଂସଦ ପ୍ରମୁଖ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ'ବିଶ୍ୱ ବସତି ଦିବସ-୨୦୨୪' ସ୍ଥାନୀୟ ଗୀତଗୋବିନ୍ଦ ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସହରର ମାନ୍ୟବର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ସହରର ସ୍ୱଚ୍ଛତା, ସବୁଜ ଓ ସୁସ୍ଥ ବିକଶୀତ ସହର ନିର୍ମାଣ ପାଇଁ ପାଇଁ ସବୁ ବର୍ଗର ଲୋକଙ୍କ ସାମିଲ୍ ନିହାତି ଜରୁରୀ ବିଶେଷକରି ଯୁବବର୍ଗ ବିକାଶ ପ୍ରକ୍ରିୟାରେ ଦାୟିତ୍ୱ ନେଲେ ଅନେକ କାର୍ଯ୍ୟ ହୋଇପାରିବ ଆମ ସରକାର ସବୁବେଳେ ସହରୀ ଗରିବଙ୍କ ସାମଗ୍ରିକ ବିକାଶ ତଥା ସମାଜର ଅନ୍ତିମ ସ୍ଥାନରେ ଥିବା ବ୍ୟକ୍ତି ଓ ପରିବାରକୁ ମୌଳିକ ଅଧିକାର ଓ ସାମାଜିକ ନ୍ୟାୟ ପ୍ରଦାନ କରିବାରେ ସଫଳ ପ୍ରୟାସ କରିଛି। ଆସନ୍ତୁ ସମସ୍ତେ ମିଳିମିଶି ସହରର ଉନ୍ନତି ପାଇଁ କାମ କରିବା ପାଇଁ ଆହ୍ୱାନ କରିଥିଲେ।

ସଚିକାନ୍ତ ପ୍ରଧାନଙ୍କ ଅବାହକତ୍ୱରେ ସ୍ଥାୟୀ ସହରୀ ଭବିଷ୍ୟତ ଗଠନ କରିବାରେ ଯୁବକମାନଙ୍କର ପରିବର୍ତ୍ତନଶୀଳ ସମ୍ଭାବନାକୁ ଚିହ୍ନିତ କରିବା । ନାଗରିକ ଓ ଯୁବକସମାଜର ସଶକ୍ତକରଣ ଓ ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ସହରୀ ବିକାଶ ଯୋଜନା ନିଷ୍ପତ୍ତି, ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ । ସହରୀ ଗରିବଙ୍କ ନିମନ୍ତେ ସ୍ଥାୟୀ ଭୂମି, ଆବାସ, ଭିତିଭୂମି ଓ ସମ୍ମାନଜନକ ଜୀବିକା ସରକାରଙ୍କ ଉତ୍ତରଦାୟିତ୍ୱ। ସମବେଶୀ ସହର ପାଇଁ ଦୀର୍ଘମିଆଦି ସମନ୍ୱିତ ବିକାଶ ଯୋଜନା ଦିଗରେ ବିଭିନ୍ନ ବର୍ଗ ମଧ୍ୟରେ ସହଯୋଗ ସ୍ଥାପନ। ମହିଳା, ଶିଶୁ, ବରିଷ୍ଠ ନାଗରିକ, ଟ୍ରାନ୍ସଜେଣ୍ଡର, ଦିବ୍ୟାଙ୍ଗ, ରାସ୍ତା ପାର୍ଶ୍ୱ ଦୋକାନୀ ଓ ଘରୋଇ ଶ୍ରମିକ ଙ୍କ ମଜଭୁତ ସୁରକ୍ଷା ବ୍ୟବସ୍ଥା ତଥା ସବୁଜ ଓ ସୁସ୍ଥ ସହର ନିର୍ମାଣ ପାଇଁ ପରିବେଶ ସ୍ୱଚ୍ଛତା,ଜଳବାୟୁ ପରିବର୍ତ୍ତନ, ବିପର୍ଯ୍ୟୟ ପରିଚାଳନା ହିଁ ଆମ ସମ୍ମିଳିତ ଉତ୍ତରଦାୟିତ୍ୱ।

ଆଇ.ଆଇ.ଇ.ସିର ନିର୍ଦ୍ଦେଶକ ଡାକ୍ତର ଶିଶିର ଦାସଙ୍କ ସଭାପତିତ୍ୱରେ'ସହରୀ ଗରିବଙ୍କ ସଶକ୍ତିକରଣ : ସହର ଓ ଜୀବନର ପରିବର୍ତ୍ତନ' ଶୀର୍ଷକ ଆଲୋଚନାରେ ଯୋଗଦେଇ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସମାନ୍ତରା, ସମାଜ ମଙ୍ଗଳ ବୋର୍ଡର ପୂର୍ବତନ ଅଧ୍ୟକ୍ଷା ନିବେଦିତା ବଳିୟାରସିଂହ ନାୟକ, ପୂର୍ବତନ ଅତିରିକ୍ତ ପୁଲିସ ଆୟୁକ୍ତ ଡ଼.ସତିଶ ରାୟ, ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଅକ୍ଷୟ କୁମାର ସାହୁ, ସି.ସି.ଡବ୍ଲୁ.ଡି ର ସମ୍ପାଦକ ସଦାଶିବ ସ୍ୱାଇଁ, ଏକତା ପରିଷଦର ରାଜ୍ୟ ଆବାହକ ବିଜୟ କୁମାର ପ୍ରଧାନ, ଭାଷାବିତ ଡ.ସୁବ୍ରତ ପୃଷ୍ଟି, ବରିଷ୍ଠ ନାଗରିକ ଫୋରମର ସମ୍ପାଦକ ନିଶାକର ରାଉତ, ସ୍ତମ୍ଭକାର ଅରୁଣ ନାୟକ, ଭୁବନେଶ୍ୱର ବସ୍ତି ଉନ୍ନୟନ ପରିଷଦର ସଭାନେତ୍ରୀ ରଞ୍ଜୁଲତା ମହାପାତ୍ର, ପ୍ରବାସିନୀ ରାଉତ, ମିନତୀ ପ୍ରହରାଜ, ରାଣୀ କିନ୍ନର, ପ୍ରଶାନ୍ତ ବେହେରା, ପ୍ରସନ୍ନ ମହାପାତ୍ର, ବେବୀ ନାୟକ ମଞ୍ଚ ସଂଚାଳନ କରିଥିଲେ ଓ ୨୦୦ରୁ ଉର୍ଦ୍ଧ ବସ୍ତି ବାସିନ୍ଦା, ମହିଳା, ବରିଷ୍ଠ ନାଗରିକ, ଯୁବକ ଏବଂ ଟ୍ରାନ୍ସଜେଣ୍ଡର ଯୋଗଦେଇଥିଲେ ।

# ବିଜେପି ପକ୍ଷରୁ ସଦସ୍ୟତା ଅଭିଯାନ ଓ ମିଶ୍ରଣ ପର୍ବ



**ରାଜନଗର, ୭।୧୦ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ କେସି ମଣ୍ଡପ ପରିସରରେ ବିଜେପିର ସଦସ୍ୟତା ଅଭିଯାନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ୩୧ନଂ ଜୋନ ସଭାପତି ଦିଲ୍ଲୀପ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଡଃ. ଯତିନ ମହାନ୍ତି, କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଶ୍ରୀଧର ପ୍ରଧାନ, ଜିଲ୍ଲା ସଂଯୋଜକ ସୁନାକର ବେହେରା, ବିଜେପି ନେତା ଲଳିତ କୁମାର ବେହେରା, ଯୁବନେତା ରାଜୀବ ଲୋଚନ ନାୟକ ପ୍ରମୁଖ ଯୋଗଦେଇ ଦଳର ସଦସ୍ୟତା ଅଭିଯାନରେ ରାଜନଗର ନିର୍ବାଚନମଣ୍ଡଳୀରେ କିପରି ୧ ଲକ୍ଷ ସଦସ୍ୟ ଯୋଡି ହେବେ ସେ ନେଇ କହିଥିଲେ। ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ରାଜନଗର ନିର୍ବାଚନମଣ୍ଡଳୀ ସବୁଠୁ ପଛରେ ପଡ଼ିଥିବା କହିବା ସହ ପ୍ରତି ବୁଥ୍‌ରେ ୨ ରୁ ୩ଜଣ ଆକ୍ଟିଭ ମେମ୍ବର ଚୟନ କରିବା ସହିତ ପ୍ରତି ଆକ୍ଟିଭ ମେମ୍ବର ୧୦୦ ଜଣ ସଦସ୍ୟ ଯୋଡିବାକୁ କହିଥିଲେ। ଏହି ଅବସରରେ ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କୁରୁଂଟି ସମିତିସଭ୍ୟ ପ୍ରେମଲତା ଦାସ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସନ୍ତୋଷ କୁମାର ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ, ପୂର୍ବତନ ସାତଭାୟା ସରପଞ୍ଚ ରଶ୍ମୀତା ସାହାଣୀ, ପୂର୍ବତନ ବ୍ଲକ ଯୁବ ବିଜେଡି ସଭାପତି ଜ୍ଞାନ ରଞ୍ଜନ ନାୟକ, କଣ୍ଡିରାର ଯୁବନେତା ଅମର କୁମାର ରାଉତ, ବ୍ରାହ୍ମଣସାହି ପଞ୍ଚାୟତର ଯୁବନେତା ସନାତନ ସ୍ୱାଇଁ, ପ୍ରମୋଦ କୁମାର ବିଶ୍ୱାଳ, ରବୀନ୍ଦ୍ର ବେହେରା ପ୍ରମୁଖଙ୍କ ନେତୃତ୍ୱରେ କୁରୁଂଟି, ଡେରା, କଣ୍ଡିରା, ସାତଭାୟା, ବନ୍ଧପଡ଼ା, ହାତିନା, ଇଶ୍ୱରପୁର, ବ୍ରାହ୍ମଣସାହି ପ୍ରଭୃତି ପଞ୍ଚାୟତର ୩ଶହରୁ ଉର୍ଦ୍ଧ୍ୱ କର୍ମୀ ବିଜେଡି ଓ କଂଗ୍ରେସ ଛାଡି ବିଜେପିରେ ଯୋଗଦେଇଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ଅନିୟମିତତା ଅଭିଯୋଗ

**କେନ୍ଦ୍ରାପଡ଼ା,୭।୧ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ଗ୍ରାମପଞ୍ଚାୟତରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ଅନିୟମିତତା କରାଯାଇଥିବା ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି ଯେ ସେହି ପାନୀୟ ଜଳ ପ୍ରକଳ୍ପରୁ ଗ୍ରାମବାସୀଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ବହୁତ ଧିର ଗତିରେ ଆସୁଥିବା ବେଳେ ଅନେକ ସ୍ଥାନରେ ପାଇପ୍ ଫାଟି ଯାଇଥିବା ଯୋଗୁଁ ଲୋକମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ଫଳରେ ପଞ୍ଚାୟତବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଏସମ୍ପର୍କରେ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପଞ୍ଚାୟତବାସୀ ଅଭିଯୋଗ କରିବା ପରେ ବି କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ବେଳେ ବରଂ ତୃଟିକୁ ଘୋଡାଇବା ପାଇଁ ଏସଇଏମଙ୍କୁ ଏହି ପ୍ରକଳ୍ପ ଚଳାଇବାକୁ ନଦେଇ ଅନ୍ୟଜଣଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଛି । ତେଣୁ ଏହି ସ୍ୱଜଳଧାରା ପ୍ରକଳ୍ପଟିକୁ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପୁନଃ ନିର୍ମାଣ କରାଯିବା ଦାବି କରିଛନ୍ତି ।

# ସାନ୍ଧ୍ୟ କଲେଜରେ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଅଗ୍ନି ନିରାପତ୍ତା ଓ ବିପର୍ଯ୍ୟୟ ପରିଚାଳନାକୁ ନେଇ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ରଙ୍କ ନିର୍ଦ୍ଦେଶରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ଅଗ୍ନିଶମ ବିଭାଗର ଅଧିକାରୀ ଅମ୍ରନ ଗୌରବ ଯୋଗ ଦେଇଥିବା ସହ ଅନ୍ୟ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ସଭାପତିତ୍ୱ କରି ସମ୍ମାନିତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଅଧ୍ୟାପିକା ରୁକ୍ମଣୀ ସାହୁ, ଅଧ୍ୟାପକ ଗୌତମ ଚରଣ ଜେନା, ମୃତ୍ୟୁଞ୍ଜୟ ମହାନ୍ତି, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ ।




ପ୍ରଥମେ ଅଗ୍ନି ନିରାପତ୍ତା ଓ ବିପର୍ଯ୍ୟୟ ପରିଚାଳନା ଉପରେ ସମ୍ମାନିତ ଅତିଥି ଗୌରବ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନତା ଉପରେ ବକ୍ତବ୍ୟ ଦେଇଥିବା ବେଳେ ଅଗ୍ନିଶମ ବିଭାଗର ସମସ୍ତ କର୍ମଚାରୀ ଅଗ୍ନିଜନିତ ଆସନ୍ନ ଓ ବିପତ୍ତିର ନିରାକରଣ ପାଇଁ କଲେଜ ପରିସରରେ ପ୍ରତ୍ୟେକ୍ଷ ଜ୍ଞାନକୌଶଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ଗିରିଜାକାନ୍ତ ଦାସ ପରିଚାଳନା କରିବା ସହ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।



# ହାତିନା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା

**ରାଜନଗର, ୭।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତିନା ପଞ୍ଚାୟତ ପକ୍ଷରୁ ହାତିନା ମଠପୋଖରୀକୁ ୨ ଲକ୍ଷ ୧୫ ହଜାର ଟଙ୍କାରେ ନିଲାମ ଦିଆଯାଇଥିଲା। ହାତିନା ଗାଁର ମା ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ୨୦୨୨-୨୩ ଆର୍ଠିଥକ ବର୍ଷରେ ଏହି ପୋଖରୀକୁ ନିଲାମ ନେଇଥିଲେ। ସରପଞ୍ଚଙ୍କ ଦସ୍ତଖତ ପରେ ମତ୍ସ୍ୟବିଭାଗରୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ସବ୍‌ସିଡି ମିଳିବାର ନିୟମ ରହିଛି। ମାତ୍ର ସରପଞ୍ଚ ସବସିଡି କରାଇ ଦେଉନଥିବା ନେଇ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନେ ଅଭିଯୋଗ କରିଛନ୍ତି। ଆଜି ପଞ୍ଚାୟତରେ ପହଁଛିବା ପରେ ସରପଞ୍ଚଙ୍କୁ ନପାଇ ମୁଖ୍ୟ ଫାଟକ ଆଗରେ ବସି ରହିଥିଲେ। ସଂଧ୍ୟା ୫ଟା ଯାଏଁ କେହି ନଆସିବାରୁ ସ୍ୱଂୟ ସହାୟକ ଗୋଷ୍ଠୀର ମାଆମାନେ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଘରକୁ ଫେରିଛନ୍ତି।

## ମୁଣ୍ଡ ଉପରେ ଝୁଲୁଛି ୧୧କେଭି ତାର

# ଘରୁ ବାହାରିବା ପାଇଁ ଭୟ ଲାଗୁଛି

**ନାଉଗାଁ, ୭।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ପଞ୍ଚାୟତ ନାଉଗାଁ ଗ୍ରାମର ମଲ୍ଲିକ ସାହି ଦେଇ ୧୧କେଭି ବିଦ୍ୟୁତ ତାର ଯାଇଛି। ଏହି ବିଦ୍ୟୁତ ତାର ତଳେ ଗ୍ରାମର ୧୧ରୁ ଉର୍ଦ୍ଧ୍ୱ ପରିବାରଙ୍କ ବାସଗୃହ ରହିଥିବା ବେଳେ କେତେକଙ୍କ ଘରର ପଛ ପାର୍ଶ୍ୱରେ ଯାଇଅଛି। ଯେଉଁ ତାରକୁ ନେଇ ସମସ୍ୟା ଉପୁଜୁଛି। ୧୧କେଭି ବିଦ୍ୟୁତ ତାର ଯିବା ଦ୍ୱାରା ଅନେକ ପରିବାର ଚାଳ ଛପର ଘରକୁ ଛପର କରି ପାରୁ ନଥିବା ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ ଘରର ଛାତ ଉପରକୁ ଯିବାକୁ ମଧ୍ୟ ଭୟ ଲାଗୁଛି। ସେହିପରି ଘରର ପଛ ପାର୍ଶ୍ୱରେ ତାର ଝୁଲି ରହିଥିବାରୁ କିଛି ପନିପରିବା ଫସଲ ମଧ୍ୟ କରି ପାରୁନାହାନ୍ତି। ବର୍ଷା ଦିନେ ଏହି ପରିବାର ଗୁଡିକ ବିଦ୍ୟୁତ ତାର ପାଇଁ ଭୟରେ ରହୁଥିବା ଜଣାଯାଇଛି। ଯଦି କୌଣସି କାରଣବଶତଃ ବିଦ୍ୟୁତ ତାର ଘର ଉପରେ ଛିଣ୍ଡି ପଡେ ତେବେ ଧନ ଜୀବନ ନଷ୍ଟ ହେବାର ସମ୍ଭାବନା ରହିଛି। ତାର ଏତେ ତଳେ ରହିଛି ଯେ ଛାତ ଉପରକୁ କିମ୍ବା ବାଡି ବଗିଚାକୁ ଯିବାକୁ ହେଲେ ତାର ମୁଣ୍ଡରେ ବାଜିବାର ଭୟ ରହିଛି।



ସରକାରଙ୍କ ପକ୍ଷରୁ ବିଦ୍ୟୁତ ସେବାକୁ ସୁପରିଚାଳନା କରିବା ନିମନ୍ତେ ଟାଟା ପାୱାରକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିପଦ ସଂକୁଳ ଅବସ୍ଥାରେ ଥିବା ବିଦ୍ୟୁତ ସେବା, ଦୀର୍ଘଦିନ ବ୍ୟବହାର ହୋଇଥିବା ତାର ଓ ଭଙ୍ଗା ଖୁଣ୍ଟକୁ ପରିବର୍ତ୍ତନ କରି ନୂତନ ବିଦ୍ୟୁତ ଖୁଣ୍ଟ ପକାଇବା ସହିତ ଆଲୁମିନିୟମ ତାର ବଦଳରେ କେବଲ୍ ତାର ଲଗାଇବା ପାଇଁ ଚୁକ୍ତି କରିଥିଲେ ହେଁ ଏପର୍ଯ୍ୟନ୍ତ ତାହା କରାଯାଉନାହିଁ। ଯାହାଫଳରେ ସାମାନ୍ୟ ପବନ କିମ୍ବା ବର୍ଷା ହେଲେ ବିଦ୍ୟୁତ ତାର ଛିଣ୍ଡି ଅନେକ ଧନ ଜୀବନ ମଧ୍ୟ ନଷ୍ଟ ହେଉଥିବାର ନଜିର ରହିଛି। ମଲ୍ଲିକ ସାହି ଦେଇ ଯାଇଥିବା ତାର ଯୋଗୁଁ ପିଲାମାନଙ୍କୁ ବାହାରକୁ ଛାଡିବା, ଛାତ ଉପରକୁ ଯିବା ବେଳେ ବିପଦ ରହିଥିବା ଗ୍ରାମର ବୁଲୁ ମଲ୍ଲିକ, ଟୁଲୁ ମଲ୍ଲିକ, ଆର୍ତବନ୍ଧୁ ମଲ୍ଲିକ, ରବି ମଲ୍ଲିକ ଆଦି ପ୍ରକାଶ କରିଛନ୍ତି। ଏପରିକି ପ୍ରତିଦିନ ସେମାନେ ମରି ମରି ବଞ୍ଚୁଥିବା କହିଛନ୍ତି। ଦଳିତ ପରିବାର ହୋଇଥିବା ବେଳେ ଅଭିଯୋଗ କଲେ ବି ତାଙ୍କ କଥା କେହି କର୍ଣ୍ଣପାତ କରୁ ନଥିବା କହିଛନ୍ତି। ଯଥାଶୀଘ୍ର ଉକ୍ତ ତାରକୁ ସ୍ଥାନାନ୍ତରିତ କରିବା ପାଇଁ ସେ ପ୍ରଶସାନ ନିକଟରେ ଦୃଢ ଦାବି କରିଛନ୍ତି।

ସେହିପରି କୋଳିହିଁ ନିକଟରେ ଥିବା ମୋବାଇଲ ଟାୱାରକୁ ଗୋବରୀ ନାଳ ଦେଇ ୧୧କେଭି ତାର ସଂଯୋଗ କରାଯାଇଛି। ଯାହାକି ଅସୁରକ୍ଷିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଏବିଷୟରେ ଟାଟା ପାୱାର ନାଉଗାଁ ସେକ୍ସନର ଲିଡ ମ୍ୟାନେଜର ତାପସ ବେହେରାଙ୍କ ସହ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ତାହା ସମ୍ଭବ ହୋଇ ନଥିଲା।



# ପଳାସପୁର ଶାସନ ଗ୍ରାମ୍ୟ ରାସ୍ତାରେ ବୃକ୍ଷ ରୋପଣ

**ବାଲିଅନ୍ତା/ଧଉଳି, ୭।୧୦ (ସଂଚାର ବ୍ୟୁରୋ):** ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଟିକରପଡା ପଞ୍ଚାୟତର ପଳାସପୁର ଶାସନ ଗ୍ରାମ୍ୟ ରାସ୍ତାରେ ଶତାଧିକ ବିଭିନ୍ନ କିସମର ବୃକ୍ଷ ଚାରା ରୋପଣ କରାଯାଇଛି । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପ୍ରତି ରବିବାର ଅନୁଷ୍ଠାନର ସଦସ୍ୟ ଏକତ୍ରିତ ହୋଇ ବୃକ୍ଷ ରୋପଣ ତଥା ବୃକ୍ଷର ଯତ୍ନ ନେଇଥାନ୍ତି ।

# ୧୫ମାସର ନଡ଼ିଆ ଚାରାରେ ଫଳ ଫଳାଇଲେ ପ୍ରକୃତିବନ୍ଧୁ ରବୀନ୍ଦ୍ର

**କୋଣାର୍କ, ୭।୧୦ (ସଂଚାର ବ୍ୟୁରୋ):** ଆଶ୍ଚର୍ଯ୍ୟ ହେଲେ ବି ସତ, ମାତ୍ର ୧୫ମାସର ନଡ଼ିଆ ଚାରାରେ ଫଳ ଫଳାଇ ଦେଖାଇଲେ ପ୍ରକୃତିବନ୍ଧୁ ରବୀନ୍ଦ୍ର ନାଥ ସ୍ୱାଇଁ। ପୁରୀ ଜିଲ୍ଲା କାକଟପୁର ବ୍ଲକ ଆଡୁଆଳ ଗ୍ରାମର ଚାଷୀ ନିଜ ବଗିଚାରେ ବିସ୍ମୟ ସୃଷ୍ଟି କରିଛନ୍ତି। ନିଜ ବାରି ନଡ଼ିଆ ସଂଗ୍ରହ କରି ଚାରା ପ୍ରସ୍ତୁତ କରନ୍ତି। ଏଥି ସହିତ ଅନେକ ଫୁଲ ଫଳ ଓ ସାଜସଜ୍ଜା ବୃକ୍ଷ ମଧ୍ୟ ପ୍ରସ୍ତୁତ କରନ୍ତି। ଦୀର୍ଘ ୫୦ବର୍ଷହେବ ନିଜ ବାଡ଼ିରେ ବିଭିନ୍ନ କିସମର ନଡିଆ ଚାରା ପ୍ରସ୍ତୁତ କରନ୍ତି। ଜୈବିକ ପଦ୍ଧତିରେ ସାର ଓ ଔଷଧ ପ୍ରୟୋଗ କରି ସେ ଏକ ୧୫ ମାସର ନଡିଆ ଚାରାରେ ଫଳ ସୃଷ୍ଟି କରି ପାରିଛନ୍ତି। ଏକ କୁଣ୍ଡରେ ନଡିଆ ଚାରା ଲଗାଇଥିଲେ। ଯାହା ଚଅଁର ଦେବା ସହ ଗୋଟମା ଦେବା ଆରମ୍ଭ କରିଛି। ଖାଲି ନଡିଆ ଚାରା ପ୍ରସ୍ତୁତ ନୁହେଁ, ସମସ୍ତ ପ୍ରକାର ଫଳ, ଫୁଲ, ଅନ୍ୟାନ୍ୟ ଚାରା ସୃଷ୍ଟି କରିବା ସହ ୬୪ବର୍ଷୀୟ ରବିନ୍ଦ୍ର ନିଜ ବଗିଚାରେ ବିଭିନ୍ନ ପ୍ରକାର ପନିପରିବା, ମାଛ ଚାଷ, କୁକୁଡ଼ା ଚାଷ ସହିତ ଧାନ ଚାଷ ମଧ୍ୟ କରନ୍ତି। ତାଙ୍କର ଏଭଳି ପ୍ରୟାସ ପାଇଁ ତାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ତିନି ତିନି ଥର ପ୍ରକୃତି ବନ୍ଧୁ ପୁରସ୍କାର ମିଳିଛି।



# ବିଭିନ୍ନ ସମସ୍ୟା ନେଇ ପୌରାଧିକାରୀଙ୍କୁ ଦାବିପତ୍ର

**ଟାଙ୍ଗୀ-ଚୌଦ୍ୱାର, ୭।୧୦ (ସଂଚାର ବ୍ୟୁରୋ):** ଚୌଦ୍ୱାରର ନାଗରିକ ମାନଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଉଥିବା ସ୍ଥାନୀୟ ସମାଜସେବୀ ପରିବାର ତରଫରୁ ଅଭିଯୋଗ କରାଯାଇ ନାଗରିକ ମାନଙ୍କ ସର୍ବନିମ୍ନ ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଏକ ଦାବିପତ୍ର ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ପରିବାର ତରଫରୁ ଦେବେନ୍ଦ୍ର କୁମାର ପୃଷ୍ଟି, ଭୀମସେନ ବିଶ୍ୱାଳ, ଶ୍ରୀକାନ୍ତ ପାକଳ, ସନାତନ ବେହେରା, ରାଜେନ୍ଦ୍ର ସାହୁ, ପ୍ରଦୀପ କୁମାର ମହାପାତ୍ର, ବୁଲବୁଲ ସାହୁ ପ୍ରମୁଖ ପ୍ରତିନିଧି ସୋମବାର ଦିନ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କୁ ଭେଟି ୨୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୌରପାଳିକାରେ ଥିବା ସହାରଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ଘଣ୍ଟିଆ ଡାକ୍ତରୀ ସେବା ବ୍ୟବସ୍ଥା, ସ୍ଥାୟୀ ବସ ଷ୍ଟାଣ୍ଡ ନିର୍ମାଣ, ସ୍ୱତନ୍ତ୍ର କଂସେଇଖାନା ଓ ଆମିଷ ବଜାର ପ୍ରତିଷ୍ଠା, ଚୌଦ୍ୱାର ଷ୍ଟାଡିୟମର ଉନ୍ନତିକରଣ, ସ୍ୱତନ୍ତ୍ର ଭେଣ୍ଡିଂ ଜୋନ ନିର୍ମାଣ, ମୁକୁଳା ଡ୍ରେନରେ ସ୍ଲାବ ପକାଇବା, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ବୁଲା କୁକୁର ଓ ଗୋରୁ ଗାଈ ମାନଙ୍କୁ ନିୟନ୍ତ୍ରଣ, ନିୟମିତ ମଶାଧୁଆଁ ବ୍ୟବସ୍ଥା, ପାର୍ବଣ ପୂର୍ବରୁ ରାସ୍ତାଘାଟ ମରାମତି ଓ ଆଲୋକିକରଣ ବ୍ୟବସ୍ଥା କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆସନ୍ତା ଏକ ମାସ ଭିତରେ ଦାବିପୂରଣ ନହେଲେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସମାଜସେବୀ ପରିବାରର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।



# ଯାଜପୁରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ଯାଜପୁର, ୭।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୨୨୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୯ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୯୮ ଗୋଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୨୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୩୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।

## ବେତନଟୀ ସିଡିପିଓଙ୍କ କାର୍ଯ୍ୟାଳୟରେ ଅବ୍ୟବସ୍ଥା

# ୧୦ ସୁପରଭାଇଜରଙ୍କ ବଦଳରେ କାର୍ଯ୍ୟ କରୁଛନ୍ତି ମାତ୍ର ୩

**ବୈଁଶିଙ୍ଗା, ୭।୧୦ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷାର ଉନ୍ନତି ଦିଗରେ ସରକାରଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ କେତେ ଯେ ତତ୍ପର ତାହା ଶୈଶବ ଶିକ୍ଷା ଯଥା ଅଙ୍ଗନବାଡ଼ି ଶିକ୍ଷାକୁ ଦେଖିଲେ ଅନୁମାନ କରି ହେଉଛି । ଜିଲ୍ଲାରେ ମୋଟ ୨୬ଟି ବ୍ଲକର ଅନେକ ଜାଗାରେ ବର୍ତ୍ତମାନ ସୁଦ୍ଧା ଅନେକ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ ତ କେଉଁ ଅଙ୍ଗନବାଡିରେ କର୍ମଚାରୀର ଅଭାବ ତ କେଉଁଠି ବିଭାଗୀୟ କାର୍ଯ୍ୟାଳୟ ପରିସରରେ କର୍ମଚାରୀ ଅଭାବ ଯୋଗୁଁ ସଠିକ ଭାବେ ଚାଲିପାରୁନି ତଦାରଖି ପ୍ରକ୍ରିୟା ଭଳି ଅନେକ ସମସ୍ୟା ଲାଗି ରହିଛି । ସେହିପରି ବେତନଟୀ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ )ଙ୍କ ଅଧୀନରେ ମୋଟ ୨୮୨ ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ଶିଶୁ ମାନଙ୍କର ଶିକ୍ଷା ବ୍ୟବସ୍ଥାରେ ଅଙ୍ଗନାବାଡି କେନ୍ଦ୍ର ଗୁଡିକର ଭିତ୍ତିଭୂମି ଏକ ମୁଖ୍ୟ ସମସ୍ୟା ଭାବେ ଛିଡା ହୋଇଥିବାର ଦେଖାଯାଇଛି ।



ଖାଲି ପଡିଥିବା ପଦବୀ ପୂରଣ ହେବ କେବେ ?

ବେତନଟୀ ବ୍ଲକ ସିଡିପିଓଙ୍କ ଅଧୀନରେ ଗଡଦେଉଳିଆ, ବୈଁଶିଙ୍ଗା , ପୁରିନ୍ଦା, ଖୁଣ୍ଟାପୁର, ଦହିକୋଟୀ , ବେତନଟୀ , ଅଁଳା ,ପାଟଳିପୁରା , ଆଗ୍ରିଆ, ସନ୍ତରା ଭଳି ୧୦ଟି ସେକ୍ଟର ଥିବା ବେଳେ ଏହାର ପର୍ଯ୍ୟବେକ୍ଷଣ ପାଇଁ ୧୦ଜଣ ସୁପରଭାଇଜର ଆବଶ୍ୟକ ଥିବା ବେଳେ ଏବେ ମାତ୍ର ୩ଜଣ ସୁପରଭାଇଜର ସମସ୍ତ କାର୍ଯ୍ୟ ତୁଲାଉଥିବାର ଦେଖିବାକୁ ମିଳିଛି । ଯାହା ଫଳରେ ୧୦ଟି ସେକ୍ଟର ଅଧୀନର ସମସ୍ତ ୨୮୨ ଟି ଅଙ୍ଗନବାଡିର ପର୍ଯ୍ୟବେକ୍ଷଣ କାର୍ଯ୍ୟ ଏହି ୩ଜଣ ସୁପରଭାଇଜର ତୁଲାଉଥିବାର ଦେଖା ଯାଉଛି । ଯାହା ଫଳରେ ବିଭିନ୍ନ ଅଙ୍ଗନବାଡି ସ୍ତରରେ ଅନେକ ସମସ୍ୟା ଉପୁଜୁଛି ।

ଗତ କିଛି ଦିନ ହେବ ବେତନଟୀ ବ୍ଲକ ଅଧୀନ ନଡପୁର ପଞ୍ଚାୟତର ଟକରଗଡିଆରେ ଏକ ଅଭାବନୀୟ ଘଟଣା ଘଟିଯାଇଥିଲା। ଗ୍ରାମବାସୀଙ୍କ କହିବା ମୁତାବକ ସେଠାକାର ଅଙ୍ଗନବାଡି କର୍ମୀଙ୍କ ମନମୁଖୀ ଭାବେ କେନ୍ଦ୍ରକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ବନ୍ଦ ରଖିବା, ପିଲାମାନଙ୍କୁ ଉପଯୁକ୍ତ ପୃଷ୍ଟିକର ଖାଦ୍ୟ ନଦେବା ଏବଂ ସେମାନଙ୍କର ଖାଦ୍ୟ ନେଇଯିବା ଭଳି ଅନେକ ସଙ୍ଗୀନ ଅଭିଯୋଗ ଆଣି କେନ୍ଦ୍ରକୁ ତାଲା ପକାଇ ବନ୍ଦ କରି ପ୍ରତିବାଦ କରିଥିଲେ । ନିୟମ ଅନୁଯାୟୀ ଯଦି ସମସ୍ତ ସେକ୍ଟରରେ ଜଣେ ଜଣେ ସୁପର ଭାଇଜର କାର୍ଯ୍ୟ କରନ୍ତେ ତାହାଲେ ଶିଶୁ ବିକାଶ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟରେ ଏହି ପରି ସମସ୍ୟା ସୃଷ୍ଟି ହୁଅନ୍ତା ନାହିଁ । ଜିଲ୍ଲା ବିଭାଗୀୟ ଅଧିକାରୀ ତଥା ମୟୂରଭଞ୍ଜ ଜିଲ୍ଲାପାଳ ଏହି ଖାଲିଥିବା ସୁପରଭାଜର ପଦବୀ ପୁରଣ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହୋଇଛି ।

## ଜୀବନ ଅମୃତ ଅନୁଚିନ୍ତା

ଭକ୍ତିର ଶକ୍ତି-ଯେଉଁ ଭକ୍ତି ଭାବନାର ଆକୁଳ ନିବେଦନ ଈଶ୍ୱରଙ୍କୁ ନିଜ ସମ୍ମୁଖରେ ଦଣ୍ଡାୟମାନ ହେବାକୁ ବ୍ୟଥିତ କରିନାହିଁ, ତାହାକୁ ଭକ୍ତିର ଆଖ୍ୟା ଦେଇହେବ ନାହିଁ।

SANCHAR
ସଂଚାର

୪ ମଙ୍ଗଳବାର ୮ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Tuesday 8 October 2024 Bhubaneswar

# ମାଓ ମୁକାବିଲା ଲାଗି ବ୍ଲୁ-ପ୍ରିଣ୍ଟ

ଆଗାମୀ ୨୦୨୬ ସୁଦ୍ଧା ଦେଶରୁ ମାଓବାଦକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିଲାଗି ମାଓ ଉପଦ୍ରୁତ ୮ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ପ୍ରସ୍ତୁତ ହୋଇଛି ବ୍ଲୁ-ପ୍ରିଣ୍ଟ। ବୈଠକରେ ଉଦବୋଧନ ଦେଇ ଗୃହ ମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ, ଆଦର୍ଶ ନାମରେ, ସାମାଜିକ ନ୍ୟାୟ ନାମରେ ଆଉ ହତ୍ୟା, ଅପହରଣ ଏବଂ ଲୁଟକୁ ବରଦାସ୍ତ କରାଯିବ ନାହିଁ। ନିରୀହ ଲୋକଙ୍କୁ ହତ୍ୟା, ଦେଶର ସମ୍ପତ୍ତିକୁ ନଷ୍ଟ କରିବା, ଶିକ୍ଷା ପ୍ରସାରକୁ ବିରୋଧ କରିବା, ଭିତ୍ତିଭୂମି ବିକାଶକୁ ପ୍ରତିରୋଧ କରିବା କୌଣସି ଦୃଷ୍ଟିରୁ ଗ୍ରହଣୀୟ ବା ଏହା କୌଣସି ଆଦର୍ଶ ନୁହେଁ। ଦେଶରେ ମାଓ ସମସ୍ୟାର ସମାଧାନ ଲାଗି ନିଆ ଯାଇଥିବା ପଦକ୍ଷେପ ଯୋଗୁଁ ଏଥିରେ ଅନେକାଂଶରେ ସଫଳତା ମିଳିଛି। ଅନେକ ଜିଲ୍ଲାରୁ ମାଓବାଦୀଙ୍କ ପ୍ରଭାବ କମିଛି ବା ସମ୍ପୂର୍ଣ୍ଣ ଲୋପ ପାଇଛି। ସବୁଠାରୁ ଅଧିକ ମାଓ ପ୍ରଭାବିତ ରାଜ୍ୟଭାବେ ପରିଚିତ ଛତିଶଗଡ଼ରେ ସୁରକ୍ଷା ବାହିନୀର କ୍ରମାଗତ ଉଦ୍ୟମ ଯୋଗୁଁ କେବଳ ଚଳିତ ବର୍ଷ ୧୮୦ଜଣ ମାଓବାଦୀ ନିହତ ହେଲେଣି। ଅନେକ ଅସ୍ତ୍ର ଛାଡ଼ି ସମାଜର ମୁଖ୍ୟ ସ୍ରୋତକୁ ଫେରିଆସିଛନ୍ତି। ମାଓ ଉପଦ୍ରୁତ ଅଞ୍ଚଳର ଆର୍ôଥକ ଏବଂ ସାମାଜିକ ବିକାଶ ଲାଗି ପରିସ୍ଥିତିରେ ସୁଧାର ଆସିଛି। ତେବେ ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରିବାକୁ ମଝିରେ ମଝିରେ ହତ୍ୟା, ଅପହରଣ ଏବଂ ବିସ୍ଫୋରଣ କରୁଛନ୍ତି। ନିକଟରେ ଛତିଶଗଡ଼ରେ ମାଓବାଦୀମାନେ ଜଣେ ଶିକ୍ଷା ଦୂତଙ୍କୁ ପିଟି ପିଟି ହତ୍ୟା କରିଛନ୍ତି। ତାଙ୍କ କାମ ଥିଲା ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ପୁଣି ସ୍କୁଲକୁ ଆଣିବା, ବନ୍ଦ ହୋଇପଡ଼ିଥିବା ସ୍କୁଲକୁ ପୁନର୍ବାର ଖୋଲିବା। ଏହାକୁ ମାଓବାଦୀମାନେ ବିରୋଧ କରି ତାଙ୍କୁ ହତ୍ୟା କରିଛନ୍ତି। ମାଓବାଦୀମାନେ ଶିକ୍ଷାର ପ୍ରସାର ହେଉ, ଲୋକେ ସଭ୍ୟ, ଶିକ୍ଷିତ ହୋଇ ସଚେତନ ହୁଅନ୍ତୁ ଏହା ସେମାନେ ଚାହାଁନ୍ତି। ନାହିଁ। ଏହା କେଉଁ ଆଦର୍ଶ ଏବଂ କେଉଁ ନୀତି ତାହା ଜଣାପଡୁନି। ବିଶ୍ୱରେ ଯେତେ ନୀତି, ଆଦର୍ଶ ରହିଛି କେଉଁଥିରେ ଶିକ୍ଷାକୁ ବିରୋଧ କରାଯାଇନି। ମାଓବାଦୀମାନେ ଯାହା କରୁଛନ୍ତି ତାହା ତାଲିବାନୀ ଏବଂ ଅଲକାଏଦା ଆଫଗାନିସ୍ତାନରେ କରୁଛି। ଦିଲ୍ଲୀରେ ଅମିତ ଶାହା ମାଓଉପଦ୍ରୁତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ବୈଠକରେ କହିଛନ୍ତି ଯେ, ମାଓବାଦୀଙ୍କ ବିରୋଧରେ କ୍ରମାଗତ ଅଭିଯାନ ଦ୍ୱାରା ମାଓ ସଙ୍ଗଠନ ଏବେ ଅତ୍ୟନ୍ତ ଦୁର୍ବଳ ହୋଇଗଲାଣି। ଏବେ ଶେଷ ପ୍ରହାରର ଆବଶ୍ୟକତା ପଡୁଛି। ୨୦୨୬ ସୁଦ୍ଧା ଦେଶରୁ ମାଓ ସମସ୍ୟା ସମ୍ପୂର୍ଣ୍ଣ ଦୂର ହେବ ବୋଲି ସେ ପୁଣି ଥରେ ଦୋହରାଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଗତ ୧୦ ବର୍ଷ ଭିତରେ ଦେଶରେ ମାଓ ହିଂସା ୭୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ୨୦୨୩ରେ ମାଓ ହିଂସାରେ ମୃତ୍ୟୁ ସଂଖ୍ୟା ୮୬ ପ୍ରତିଶତ ହ୍ରାସ ପାଇଛି। ଏହା କିଛି କମ କଥା ନୁହେଁ। ଓଡ଼ିଶାରେ ମଧ୍ୟ ମାଓବାଦୀ ସମସ୍ୟା ଅନେକାଂଶରେ ହ୍ରାସ ପାଇଛି। ମାଲକାନଗିରିରେ ମାଓବାଦୀ ସମସ୍ୟା କିଛି ପରିମାଣରେ ରହିଛି। ବୌଦ୍ଧରେ ମଧ୍ୟ ଏହା ରହିଛି। କିନ୍ତୁ ଗଜପତି ଜିଲ୍ଲାରେ ଏହା ଅନେକାଂଶରେ ହ୍ରାସ ପାଇଛି। କିନ୍ତୁ ବାସ୍ତବ କଥା ହେଲା ମାଓବାଦୀମାନେ ଏବେ ସୁପ୍ତ ଅବସ୍ଥାରେ ଅଛନ୍ତି। ସେମାନେ ଏବେ ଆକ୍ରମଣ ନୁହେଁ, ଆତ୍ମରକ୍ଷା ଲାଗି ଉଦ୍ୟମ କରୁଛନ୍ତି। ଅମିତ ଶାହା ଯାହା କହିଛନ୍ତି ଠିକ କହିଛନ୍ତି। ସେମାନଙ୍କୁ ଏବେ ଶେଷ ପ୍ରହାରର ଆବଶ୍ୟକତା ରହିଛି। ମାଓବାଦୀଙ୍କୁ ବିଭିନ୍ନ ସୂତ୍ରରୁ ଆସୁଥିବା ସହାୟତାକୁ ବନ୍ଦ କରିବାକୁ ପଡ଼ିବ। ମାଓ ମୁକାବିଲା ନେଇ ମୁଖ୍ୟମନ୍ତ୍ରୀମାନେ ପ୍ରତି ମାସରେ ଥରେ ସମୀକ୍ଷା କରିବେ, ଡିଜିପି ମାନେ ପ୍ରତି ୧୫ ଦିନରେ ଥରେ ଜିଲ୍ଲା ସ୍ତରରେ ସ୍ଥିତି ସମୀକ୍ଷା କରିବେ ବୋଲି ଶାହା ନିର୍ଦ୍ଦେଶ ଦେଇଛନ୍ତି। ଅମିତ ଶାହାଙ୍କ ଏହି ନିର୍ଦ୍ଦେଶକୁ ମୁଖ୍ୟମନ୍ତ୍ରୀମାନେ ପାଳନ କଲେ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ ବୋଲି ଆଶା। ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମାଓ ମୁକାବିଲା ଲାଗି ଅଧିକ ଫୋର୍ସ ଏବଂ ହେଲିକପ୍ଟର ମାଗିଛନ୍ତି। ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେପି କ୍ଷମତାରେ ରହିଛି। ରାଜ୍ୟରେ ବହୁ ପ୍ରତୀକ୍ଷିତ ଡବଲ ଇଞ୍ଜିନ ସରକାର ଚାଲିଛି। ଏବେ ଓଡ଼ିଶାକୁ ମାଓମୁକ୍ତ କରିବାର ପ୍ରକୃଷ୍ଟ ସମୟ ଏବଂ ସୁଯୋଗ। ଏହାକୁ ହାତ ଛଡ଼ା କରାଯିବା ଅନୁଚିତ। ମାଓବାଦୀଙ୍କ ପ୍ରତି ଜନସମର୍ଥନ ନାହିଁ। ଏହା ସବୁଠାରୁ ବଡ଼ କଥା। ଏହାର ଉପଯୋଗ କରି ମାଓବାଦକୁ ସମୂଳେ ଧ୍ୱଂସ କରାଯିବା ଉଚିତ। କେବଳ ସୁରକ୍ଷା ବାହିନୀ ବା ବନ୍ଧୁକ ମୁନରେ ଏହାର ସମାଧାନ ସମ୍ଭବ ନୁହେଁ। ଏଥିପାଇଁ ଜନସହଯୋଗ ଏବଂ ଜନସଚେତନତା ଆବଶ୍ୟକ। ମାଓବାଦୀଙ୍କ ବିରୋଧରେ ଲଢ଼ିବା ପାଇଁ ଲୋକଙ୍କୁ କ୍ଷମତା ଦିଆଯାଉ। ଲୋକେ ଯଦି ଏକଜୁଟ ହେବେ ଏବଂ ମାଓବାଦୀଙ୍କ ଦ୍ୱାରା ପ୍ରଭାବିତ ହେବେ ନି, ସେମାନଙ୍କୁ ମିଳିତ ବିରୋଧ କରିବେ ତେବେ ମାଓବାଦୀମାନେ ସେମାନଙ୍କୁ ଭୟଭୀତ ବା ପ୍ରଭାବିତ କରିପାରିବେ ନାହିଁ। ତେଣୁ ଜନତା ଏବଂ ସରକାର ଏକାଠି ହେଲେ ମାଓ ମୁକାବିଲା ଶତ ପ୍ରତିଶତ ସଫଳ ହୋଇପାରିବ।

# ମାତୃଶକ୍ତି ଦେବୀ ଦୁର୍ଗା



ଉମା ଶଙ୍କର ପ୍ରସାଦ

ଅନନ୍ତକୋଟି ବ୍ରହ୍ମାଣ୍ଡାତ୍ମକ ପ୍ରପଞ୍ଚର ଅଧିଷ୍ଠାନଭୂତା ସଚ୍ଚିଦାନନ୍ଦ ରୂପା ଭଗବତୀ ଶ୍ରୀ ଦୁର୍ଗା ହିଁ ସମ୍ପୂର୍ଣ୍ଣ ବିଶ୍ୱକୁ ସତ୍ତା, ସ୍ଫୂର୍ତ୍ତ ତଥା ସରସତା ପ୍ରଦାନ କରନ୍ତି। ବିଶ୍ୱ ପ୍ରପଞ୍ଚ ତାଙ୍କଠାରୁ ଉତ୍ପନ୍ନ ହୋଇଥାଏ ଏବଂ ଶେଷରେ ତାଙ୍କଠାରେ ବିଲୀନ ହୋଇଥାଏ। ଯେପରି ଦର୍ପଣରେ ଆକାଶ ମଣ୍ଡଳ, ଭୂଧର, ସାଗରାଦି ପ୍ରପଞ୍ଚ ପ୍ରତୀତ ହୁଏ, କିନ୍ତୁ ଦର୍ପଣକୁ ସ୍ପର୍ଶକରି ଦେଖାଗଲେ ବାସ୍ତବରେ କିଛି ଉପଲବ୍ଧ ହୁଏ ନାହିଁ। ସେହିପରି ମାତୃଶକ୍ତି ଭଗବତୀଙ୍କଠାରେ ସମ୍ପୂର୍ଣ୍ଣ ବିଶ୍ୱଭାସିତ ହୋଇଥାଏ। ଯେପରି ଦର୍ପଣବିନା ପ୍ରତିବିମ୍ବ ସମ୍ଭବ ହୁଏ ନାହିଁ। ସେହିପରି ଅଖଣ୍ଡ ନିତ୍ୟ ନିର୍ବିକାର ମହାଶକ୍ତିଙ୍କଠାରେ ତାଙ୍କର ଅସ୍ତିତ୍ୱରେ ହିଁ ପ୍ରମାଣ, ପ୍ରମେୟାଦି ବିଶ୍ୱରେ ଉପଲବ୍ଧ ହୁଏ କିଏ ଏହି ମହା ପରମାତ୍ମା ରୂପ ମହାଶକ୍ତିଙ୍କୁ ନିର୍ଗୁଣ କହେ ଏବଂ କିଏ ସୁଗୁଣ। ସେହିପରି ମାତୃଶକ୍ତି ଦୁର୍ଗାଙ୍କଠାରେ ନିର୍ଗୁଣ ଓ ସୁଗଣ ଦୁଇଟି ଲକ୍ଷଣ ସବୁ ସମୟ ବର୍ତ୍ତମାନ ଅଟେ। ଯିଏ ଯେଉଁ ରୂପରେ ତାଙ୍କୁ ଚିନ୍ତନକରେ ତାକୁ ସେହି ରୂପରେ ଉପଲବ୍ଧ ହୁଏ।

ତେଣୁ କେଉଁ ଅନନ୍ତକାଳରୁ ମାତୃଶକ୍ତିର ବୈଶିଷ୍ଟ୍ୟତା ଯୁଗେ ଯୁଗେ ମହାନ ଭାବେ ପ୍ରତିପାଦିତ ହୋଇ ଆସିଛି। ନାରୀ ସଦାସର୍ବଦା ତିନୋଟି କର୍ତ୍ତବ୍ୟକୁ ସୁଚାରୁ ରୂପେ ତଥା ଧର୍ଯ୍ୟର ସହ ପାଳନ କରିଥାଏ। ଏକଧାରାରେ ସେ ସୃଷ୍ଟି କାରିଣୀ, ପାଳନ କାରିଣୀ ଓ ସଂହାର କାରିଣୀ ମଧ୍ୟ। ତା'ର ଏହି ତିନୋଟି ଗୁଣ ମଧ୍ୟରୁ ମାତୃଶକ୍ତି ଗୁଣ ସଦାସର୍ବଦା ବିଶ୍ୱକୁ ବହୁ ଦୁଃଖ ଦୁର୍ଦ୍ଦଶାରୁ ରକ୍ଷା କରିଥାଏ। ଦେବତାମାନଙ୍କ ଦୂର୍ଗତୀବେଳେ ଦେବୀଙ୍କର ଜନ୍ମ ଯୋଗୁଁ ଦେବୀଙ୍କ ନାମ ଦୁର୍ଗା ରୂପେ ନାମିତ। ଉପନିଷଦ ଅନୁସାରେ ଦେଖାଯାଏ ଯେ ଇନ୍ଦ୍ରଙ୍କ ନିକଟରେ ବହୁ ଶୋଭମାନା ଉମା ହୈମବତୀ ହେଉଛନ୍ତି ହିମାଳୟଙ୍କ କନ୍ୟା। ସେହି ଉମା ଇନ୍ଦ୍ରଙ୍କୁ ବ୍ରହ୍ମ ସମ୍ବନ୍ଧରେ ଉପଦେଶ ପ୍ରଦାନ କରିଛନ୍ତି। ସେହି ଉପନିଷଦରେ ଦୁର୍ଗା ନାମରେ ଉତ୍ପତ୍ତି ସମ୍ବନ୍ଧରେ ଉଲ୍ଲେଖ ଅଛି:-

"ଦୁର୍ଗାତ୍ ସଂକ୍ରାୟତେ ଯସ୍ମାତ୍ ଦେବୀ ଦୁର୍ଗେତ କଥ୍ୟତେ' ଯେହେତୁ ମାତୃଶକ୍ତି ସବୁ ବିପଦରୁ ଉର୍ଦ୍ଧାର କରନ୍ତି। ତେଣୁ ଏହାଙ୍କୁ ଦୁର୍ଗା କୁହାଯାଏ। ସେ ହିଁ ମହାଶକ୍ତି। ସେହିଁ ବିଶ୍ୱର ଜନନୀ। ମୂଳାପ୍ରକୃତ ଈଶ୍ୱରୀ ଅଟନ୍ତି। "ମାତୃକୃପା ହିଁ କେବଳମ୍" ବିଶ୍ୱାସୀ ସାଧକ ମଧ୍ୟରୁ ଓଡ଼ିଆ ସାହିତ୍ୟର ଆଦିକବି ସାରଳାଦାସ, ଯୋଗୀ ଅରବିନ୍ଦ, ସାଧକ ରାମକୃଷ୍ଣ ପରମହଂସ, ଯୋଗୀ ବିବେକାନନ୍ଦ ପ୍ରଭୃତି ପ୍ରଧାନ। ଅଦୃଶ୍ୟ ଶକ୍ତିକୁ ହାତ ମୁଠାକୁ ଆଣିବା ପାଇଁ ସାଧକଗଣ କଠୋର ବ୍ରତ ଓ ତପ ଆଚାରଣ କରିଥାନ୍ତି। ରାଜା ସୁରଥ ଓ ଅଯୋଧ୍ୟାର ରାଜା ରାମଚନ୍ଦ୍ର ଦେବୀଙ୍କୁ ପୂଜା ଆରାଧନା କରି ମାତୃକୃପା ଲାଭ କରିବା ସହ ରାବଣ ଓ ମହିଷା ଭଳି ଆସୁରିକ ଶକ୍ତିର ବିନାଶ ଘଟାଇଥିଲେ। ଭକ୍ତ ପବିତ୍ର ମନରେ ଗାନ କରିଥାଏ:-



'ବିବାଦେ ବିଷାଦେ ପ୍ରମାଦେ, ପ୍ରବାସେ
ଜଳେ ଚାନଳେ ପର୍ବତେ ଶତୃମଧ୍ୟେ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତୁମେକା ଭବାନୀ'

ହେ ମା ଭବାନୀ! ତୁମେ ବିବାଦରେ, ଦୁଃଖରେ ପ୍ରମାଦରେ, ପ୍ରବାସରେ ଜଳ, ଅନଳ, ପର୍ବତ ଓ ଶତ୍ରୁମାନଙ୍କ ମଧ୍ୟରେ ସମସ୍ତ ଶରଣାପନ୍ନଙ୍କୁ ରକ୍ଷା କରିଥାଅ। ସମଗ୍ର ଦେଶରେ ବିଭିନ୍ନ ନାମ ଓ ରୂପରେ ଦେବୀଙ୍କର ପୂଜା କରାଯାଏ। ଏହି ପାର୍ବଣ ତିଥିରେ ଆନନ୍ଦର ସୀମାନଥାଏ। ଉତ୍କଳ, ବଙ୍ଗ, ଏହି ସର୍ବଜନୀନ ଦୁର୍ଗା ପୂଜାର ଉନ୍ମେଷ ବୋଲି ସମାଲୋଚକଙ୍କ ଧାରଣା। ଦେବୀ ମାହାତ୍ମ୍ୟରେ ଦୁର୍ଗାଙ୍କୁ 'ଶାକମ୍ବରୀ' ବୋଲି କୁହାଯାଇଛି। 'ଶାକ' ଶବ୍ଦର ଅର୍ଥ ବିଭିନ୍ନ ପ୍ରକାର ଶସ୍ୟ ଏବଂ ଶାକମ୍ବରୀ ଶବ୍ଦର ଅର୍ଥ-ଶସ୍ୟ ପାଳିକା। ପ୍ରାକୃତିକ ବୈଚିତ୍ର୍ୟାନୁସାରେ ଶସ୍ୟ ସମୃଦ୍ଧିର ଋତୁ ହେଉଛି ଶରତ ଋତୁ। ଏହି ଋତୁରେ ଦୁର୍ଗାପୂଜା ଅନୁଷ୍ଠିତ ହୁଏ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଶାରଦୀୟ ଉତ୍ସବକୁ କୃଷି ମହୋତ୍ସବ ଭାବରେ ପାଳନ କରିଥାନ୍ତି।

ସେହି ଶକ୍ତିମୟୀ ଦୁର୍ଗା ଆତ୍ମଶକ୍ତି ଦ୍ୱାରା ଜଗତ୍ ପରିବ୍ୟାପ୍ତ ହୋଇଛନ୍ତି। ସମସ୍ତ ଦେବତାମାନଙ୍କର ଶକ୍ତି ଯାହାଙ୍କ ମଧ୍ୟରେ ରହିଅଛି ସମସ୍ତ ଦେବ ଓ ମହର୍ଷିମାନଙ୍କ ଦ୍ୱାରା ପୂଜିତ ସେହି ଅମ୍ବିକାଙ୍କୁ ଆମ୍ଭେମାନେ ଭକ୍ତିପୂତ ପ୍ରଣିପାତ ଜଣାଉଛୁ। ପ୍ରତିବର୍ଷ ପରି ଏଥର ମଧ୍ୟ ଶାରଦୀୟ ପାର୍ବଣ ଆସିଛି। ଭବ ବାଧାବନ୍ଧନ ଛିନ୍ନ କାରିଣୀ ମୁକ୍ତି ପ୍ରଦାୟିନୀ ମାତୃଶକ୍ତିର ଅର୍ଚ୍ଚନା ପାଇଁ ନଗର ପଲ୍ଲୀର ମହା ସମାରୋହ ଚାଲିଛି। ଏହି ଶୁଭ ମହୁର୍ତ୍ତରେ ନିଜ ନିଜ ମଧ୍ୟରୁ ସବୁ ପ୍ରକାର ଭେଦଭାବ, ଦ୍ୱେଷକୁ ଭୁଲିଯାଇ ଐକ୍ୟ ଓ ବନ୍ଧୁତାରେ ଆବଦ୍ଧ ହୋଇ ମାଆଙ୍କର ଆରାଧନା କଲେ ମାତୃକୃପାରୁ ଅଶେଷ ଫଳ ମିଳିଥାଏ। ସାଧନାରେ ସିଦ୍ଧ ଅବଶମ୍ଭାବୀ। ମା'ଙ୍କର ଏହି ଉପାସନା ଦ୍ୱାରା ମନ, ଶରୀର ଓ ବଚନ ଶୁଦ୍ଧ ଓ ପବିତ୍ର ହୋଇଥାଏ। ମାନବ ସମାଜ ଦେବତ୍ୱରେ ସନ୍ଧାନ ପାଏ। ଦେବୀଙ୍କ କରୁଣା କାଣିଚା।ଏ ମିଳିଲେ ଏ ମାନବ ସମାଜ ପକ୍ଷରେ କୌଣସି ଅସାଧ୍ୟ ହୋଇନଥାଏ। ସେଥିପାଇଁ ବୈଦିକ ଋଷିଗଣ ପ୍ରାର୍ଥନା କରନ୍ତି-

"ଅସତୋ ମା ସଦ୍ ଗମୟ
ତମ୍‌ସୋ ମା ଜ୍ୟୋତିର୍ଗମୟ,
ମୃତ୍ୟୋ ର୍ମା ମୃତଂ ଗମୟଂ।

ହେ ଭଗବତୀ ଆମକୁ ଅସତ୍ୟରୁ ସତ୍ୟ, ଅନ୍ଧାରରୁ ଆଲୋକ ଏବଂ ମୃତ୍ୟୁର ଅମରତ୍ୱ ଆଡ଼କୁ ଘେନିଯାଅ। ଅସତ୍ୟ ଅର୍ଥ- ଦୁର୍ବଳତା, ଅନ୍ଧକାର ଅର୍ଥ ଅଜ୍ଞାନତା ଏବଂ ମୃତ୍ୟୁର ଅର୍ଥ ଦୁଃଖ। ସମାଜରୁ ଅସତ୍ୟ ରୂପି ଦୁର୍ବଳତା, ଅନ୍ଧକାର ରୂପୀ ଅଜ୍ଞାନତା ଏବଂ ମୃତ୍ୟୁ ରୂପୀ ଦୁଃଖରୁ ମା' ଶକ୍ତିରୂପୀ ଦୁର୍ଗା ସମସ୍ତ ମାନବ ଜାତିକୁ ସଙ୍କଟରୁ ଉର୍ଦ୍ଧାର କରନ୍ତୁ ଓ ବିଶ୍ୱର ମଙ୍ଗଳ କରନ୍ତୁ ଏହା ହିଁ ମା'ଙ୍କ ପାଦରେ ନିବେଦନ।

ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ
ମେନ୍ ରୋଡ୍, ଖୋର୍ଦ୍ଧା
ମୋବାଇଲ୍:୮୮୯୫୫୪୭୪୯୦

# ଠକାମୀ ପଇସା ମେଡିକାଲ ଖାଏ



ଦିପ୍ତିମୟୀ ନାୟକ

ଯେତେ ଧନ ସେତେ ଲୋଭ ଅର୍ଥାତ ଆଜିକାଲି ଯାହାର ଯେତେ ଅଧିକ ଧନ ଅଛି ସେ ସେତେ ଅଧିକ ଅନ୍ୟର ଧନ ଉପରେ ଲୋଭ ବଳାଇଥାଏ। ସେଥିପାଇଁ ଆଜିର ଦୁନିଆରେ ଧନ ବଳରେ ମାନ କମେଇ ହେଉଛି କିନ୍ତୁ ମାନବିକତା ରହୁନି। ସବୁ ଲୋକ ସମାନ ନୁହଁନ୍ତି କିନ୍ତୁ କିଛି ଲୋକ ଅନ୍ୟର ଧନ ଉପରେ ଆଖି ବଳାଇ ନିଜକୁ ପ୍ରତିଷ୍ଠିତ ବ୍ୟକ୍ତି ସଜାଉଛନ୍ତି। ହେଲେ ଏହି ପ୍ରତିଷ୍ଠିତ ବ୍ୟକ୍ତିମାନେ ଅନ୍ୟର ଧନ କେତେ ଲୁଟିଛନ୍ତି ତାହାର ହିସାବ ନଥାଏ। ଧନୀ ବ୍ୟକ୍ତିଙ୍କ ତାଲିକା ବଢ଼ିଲେ କଣ ହେଲା ଆଜିବି କିଛି ଧନୀ କାଙ୍ଗାଳଙ୍କ ଭଳି ହେଉଛନ୍ତି। ତେଣୁ ଏମାନଙ୍କୁ କାଙ୍ଗାଳଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରାଗଲେ କିଛି ଭୁଲ ହେବନି କାହିଁକି ନା ଯିଏ ଅନ୍ୟର ପାରିଶ୍ରମିକ ଖାଏ ସେ କେବେ ଧନୀ ହୋଇପାରେନି ବରଂ ସେ ଜଣେ ଟଙ୍କା କାଙ୍ଗାଳ ହୋଇଥାଏ। ନିଜ ରୋଜଗାରକୁ ଖାଇ ଅନ୍ୟର ରୋଜଗାରକୁ ମଧ୍ୟ ଖାଇଦିଏ ଆଉ ମନେ ମନେ ଭାରି ଖୁସି ହୁଏ ଅନ୍ୟର ଟଙ୍କାକୁ ନିଜ ପକେଟରେ ସାଇତି ରଖିଛି କିନ୍ତୁ ସେ ଭୁଲିଯାଏ ଯିଏ ଅନ୍ୟକୁ ଠକେ ସେ ସେହି ଠକାମୀର ଶିକାର ହୁଏ।

ଆଜିକାଲି ଦୁନିଆରେ ଯେତିକି ଦରଦାମ ବଢ଼ିଛି ପରିବାର ଚଳେଇବା ବହୁତ କଷ୍ଟକର ହୋଇପଡୁଛି। ମଣିଷର ଆବଶ୍ୟକତା ଅନୁଯାୟୀ ଦରଦାମର କିଛି ତାଳମେଳ ରହୁନି। ତଥାପି ମଣିଷ ମୁଣ୍ଡ ଝାଳ ତୁଣ୍ଡରେ ମାରି ପରିଶ୍ରମ କରୁଛି। ଦୁଇପଇସା ରୋଜଗାର ଆଶାରେ କେତେ ପରିଶ୍ରମ କରୁଛି କେବଳ କଷ୍ଟ କରୁଥିବା ମଣିଷ ହିଁ ଜାଣିଛି। ହେଲେ ଧନ ମାନ ଥିବା ଲୋକ କେତେ ଛୋଟ କାମ କରନ୍ତି ତାହା ଅନ୍ୟମାନେ ନୁହେଁ ଯେଉଁମାନେ ଠକାମୀର ଶିକାର ହୋଇଥାନ୍ତି ସେହିମାନେ ହିଁ ଜାଣିଥାନ୍ତି କାରଣ ଏ ଧନୀ ଲୋକ କିଛି ନିରୀହ ଲୋକଙ୍କ ସରଳତାର ସୁଯୋଗ ନେଇ ଠକି ଚାଲନ୍ତି ଆଉ ବାହାରକୁ ବାହାରିଲେ ମୁଣ୍ଡ ଉପରକୁ କରି ନିଜ ଷ୍ଟାଟସ ମେଣ୍ଟେନ କରି ବାଟ ଚାଲନ୍ତି।

ଥରେ ଭାବନ୍ତୁ ଯେଉଁ ଧନୀ ଲୋକମାନେ ନିଜକୁ ଧନୀ କହି ଅନ୍ୟକୁ ଠକନ୍ତି ସେମାନେ ସତରେ କଣ ଧନୀ ହୋଇପାରନ୍ତି ମୁଁ ତ କହିବି ଏମାନେ ଜଣେ ଜଣେ ଲୁଟେରା। ଗରିବଙ୍କୁ ଲୁଟି ନିଜର ପଦ ମର୍ଯ୍ୟାଦା ବଢ଼େଇଛନ୍ତି। ନହଲେ ଏମିତି ଏମାନେ ଏତେ ଛୋଟ କାମ କରିପାରନ୍ତେ ଆଉ କାହିଁକି ଗରିବ ଟଙ୍କାକୁ ଲୁଟି ଖାଆନ୍ତେ। ଗରିବ ଲୋକ ତ କେବେ ଅନ୍ୟକୁ ଲୁଟେନି ବରଂ ସେ ଯେତିକି ରୋଜଗାର କରେ ସେତିକିରେ ସନ୍ତୁଷ୍ଟ ଥାଏ କିନ୍ତୁ ଧନୀ ଯେତେ ଗରିବଙ୍କୁ ଲୁଟେ ସେ ସେତିକି ଅସନ୍ତୁଷ୍ଟ ଥାଏ। ତେବେ ଗରିବ ହୁଅନ୍ତୁ କି ସାଧାରଣ ଲୋକ କିଛି ଧନୀ କେବଳ ଲୁଟିବା ପାଇଁ ଅଛନ୍ତି। ଧନର ଆବଶ୍ୟକତା ସମସ୍ତଙ୍କର ଥାଏ କିନ୍ତୁ କାହା ଆବଶ୍ୟକତାକୁ ଜାଣି ମଧ୍ୟ ସେମାନଙ୍କୁ ଲୁଟି ନିଜ ପକେଟ ଗରମ କରିବା କେତେ ଠିକ ଏକଥା ଆପଣମାନେ ବିଚାର କରନ୍ତୁ।

କିଛି ଦିନ ତଳେ ଜଣେ କର୍ମଚାରୀଙ୍କ ସହ ଭେଟ ହେଲା ଏବଂ ତାଙ୍କ ସହ ଅନେକ କଥା ହେବାପରେ ଜାଣିବାକୁ ପାଇଲି ମାଲିକ ଟିକେ ଟାଉଟର ଲୋକ। ମାଲିକ ପିଲାଙ୍କୁ ଚାକିରୀ ଦେବା ପୂର୍ବରୁ ପିଲାଙ୍କ ଚାହିଦା ଅନୁଯାୟୀ ଦରମା ଦେଓ୍ୱେ ବୋଲି କହିଥାନ୍ତି ଆଉ ପିଲା ଚାକିରୀ କରି ସାରିବା ପରେ ଦରମାର ୨୫ ପ୍ରତିଶତ ଦେଓ୍ୱେ ବୋଲି କହିଥାନ୍ତି ଯାହାଫଳରେ ନା ଏଥିରେ ନିଜ ଆବଶ୍ୟକତା ପୂରଣ କରିହେବ ନା ପରିବାର ପାଇଁ ସମସ୍ତଙ୍କ ମନ ପସନ୍ଦର ଜିନିଷ ନେଇ ହେବ କିନ୍ତୁ ଚାକିରୀ ଛାଡ଼ିବା ଛଡା ଅନ୍ୟ କିଛି ରାସ୍ତା ନଥାଏ ଆଉ ସେ କର୍ମଚାରୀ ଜଣକ ଚାକିରୀ ଛାଡିଲେ। ଗୋଟେ ଦୀର୍ଘ ନିଶ୍ୱାସ ନେଇ କହିଲେ ହେ ପ୍ରଭୁ, ମୁଁ ଏତେ କଷ୍ଟ କଲି ହେଲେ ଦରମା ଦେଲା ବେଳକୁ କିଛି ନାହିଁ। ଲୋକ ଏମିତି ଅନ୍ୟକୁ କାହିଁକି ଠକନ୍ତି। ଯଦି ମାଲିକର ସେତିକି ଦରମା ଦେବା ସମ୍ଭବ ନଥିଲା ତେବେ ମାଲିକ ଏତେ ବଢ଼େଇ ଚଢେଇ କହିକି କାହିଁକି ମୋତେ ଠକିଦେଲା ତେବେ ଏ ଠକାମୀ ପଇସା ସେ ଯେମିତି ଉପଭୋଗ କରିନପାରୁ ଏ ପଇସା ମେଡିକାଲ ଖାଉ।

ତେବେ କଥାରେ ଅଛି ଠକାମୀ ପଇସା ମେଡିକାଲ ଖାଏ ଆଉ ସତକୁ ସତ ସେୟା ହିଁ ହେଲା ମାଲିକଙ୍କ ପୁଅର ଦୁର୍ଘଟଣା ହେଲା କଟକ ମେଡିକାଲରେ ଚିକିତ୍ସା ହେଉଥିଲା ମାଲିକ ଆଖିରେ ମଧ୍ୟ ଲୁହବି ଥିଲା କିନ୍ତୁ ଯେତେବେଳେ ଏହି ଖବର ସେହି କର୍ମଚାରୀ ଜଣକ ଶୁଣିଲେ ତାଙ୍କୁ ଦୁଃଖ ଲାଗିଲା। ତଥାପି ସେ ଅନ୍ୟ ଜଣେ କର୍ମଚାରୀଙ୍କୁ କହିଲେ ମୋ ଦରମା ସିନା କାଟିଦେଲେ ବିଲକୁଲ ଦେଲେନି ହେଲେ ଏବେ ଦେଖ ମୋ ଦରମା ପଇସା ତାଙ୍କ ପୁଅ ଚିକିତ୍ସାରେ ଲାଗୁଛି। ସେଇଠୁ ଅନ୍ୟଜଣେ କର୍ମଚାରୀ କହିଲେ ଦେଖ ସେମିତି କହନି କାହା ଦୁଃଖ ବେଳେ ଏମିତି କଥା କହିବା ଆଦୌ ଉଚିତ ନୁହେଁ। ହେଲେ ସେ କର୍ମଚାରୀ ଜଣକ କହିଲେ ଆରେ ମୋତେ ବି ଦୁଃଖ ଲାଗୁଛି କିନ୍ତୁ ମୁଁ ବାଧ୍ୟ ହେଉଛି ଏ କଥା ଏଠି କହିବା ପାଇଁ ଯିଏ ଅନ୍ୟର ଅର୍ଥ ଠକେ ନିଜେ ସେହି ଠକାମୀର ଶିକାର ହୁଏ। କେହି କାହାକୁ ଠକିଦେଲେ ସେ କୋଟିପତି ହୋଇଯାଏନି ବରଂ ମାଲିକ ବଦଳେ ହେଲେ ମାଲିକ କିଭଳି ଠକ ଲୋକ ଥିଲା ସେଟା ମନେ ରହିଯାଏ।

ଯେତେବେଳେ ମୁଁ ଏକଥା ଶୁଣିଲି ସେତେବେଳେ ମୁଁ ମଧ୍ୟ କହିଲି ହଁ ଆପଣ ଠିକ କହିଛନ୍ତି ଯିଏ ଅନ୍ୟକୁ ଅଶାନ୍ତି ଦିଏ ସେ କେବେ ଶାନ୍ତିରେ ରହିପାରେନି। ସବୁବେଳେ ସମସ୍ତେ ଅନ୍ୟକୁ ଶାନ୍ତିରେ ରଖିଲେ ନିଜେ ଶାନ୍ତିରେ ରହିବ। କେହି କାହାକୁ ଠକିବେନି ଯଦି ଏ କର୍ମଚାରୀ ମଧ୍ୟ କହିବନି ଆମ ମାଲିକ ଠକ ଲୋକ ଥିଲା। ମାଲିକ କର୍ମଚାରୀଙ୍କୁ ଠକୁଛି ବୋଲି ମାଲିକ ଠକ ମାଲିକର ଉପାଧି ପାଇଛି। ନଚେତ ଆଜିର ଦୁନିଆରେ ଏମିତି କିଛି ମାଲିକ ଅଛନ୍ତି ଯେଉଁମାନଙ୍କ ପାଖରେ ଅର୍ଥ ବଳ ଥାଏ ସେମାନେ ଏମିତି ଅନ୍ୟକୁ ଛୋଟ କର୍ମଚାରୀ ଭାବନ୍ତିନି ବରଂ ସେହି କର୍ମଚାରୀ ମାନଙ୍କୁ ଗୋଟେ ପରିବାରର ସଦସ୍ୟ ବୋଲି ଭାବିଥାନ୍ତି ସେହିପାଇଁ ତ ଏ ମାଲିକ ମାନଙ୍କ ମନରେ କର୍ମଚାରୀଙ୍କ ଗୋଟେ ଅନନ୍ୟ ଭଲପାଇବା ଥାଏ କିନ୍ତୁ ଠକ ମାଲିକଙ୍କ ପାଇଁ କେବଳ ଘୃଣା ରହିଥାଏ। କିଏ ମାନିଲେ ମାନନ୍ତୁ ନହଲେ ନାହିଁ କିନ୍ତୁ କିଛି ଠକ ମାଲିକଙ୍କ ପାଇଁ ଆଜିବି ଅନେକ କର୍ମଚାରୀ ଠକାମୀର ଶିକାର ହେଉଛନ୍ତି।

ତେଣୁ ଏହିଭଳି ଠକ ଲୋକ ଠକ ସଂସ୍ଥା ଠାରୁ ଦୂରେଇ ରୁହନ୍ତୁ। ଅନ୍ୟକୁ ସତର୍କ କରୁଥାଆନ୍ତୁ ଯେମିତି ଆପଣଙ୍କ ପରେ ଆଉ କୌଣସି କର୍ମଚାରୀ ଠକାମୀର ଶିକାର ନହୁଅନ୍ତୁ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬

# ନିର୍ବାଚନ ସୁଧାରରୁ ଏକ ଦେଶ,ଏକ ନିର୍ବାଚନ ପର୍ଯ୍ୟନ୍ତ

ଗୋପାଳ ମହାପାତ୍ର

୧୯୭୪ ମସିହାରେ ଯେତେବେଳେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଶାସନକୁ ବିରୋଧ କରି ସ୍ୱର୍ଗତ ଜୟପ୍ରକାଶ ନାରାୟଣ ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନ ଆରମ୍ଭ କରିଥିଲେ ସେଇ ଆନ୍ଦୋଳନର ଏକ ପ୍ରମୁଖ ବିଷୟ ଥିଲା ନିର୍ବାଚନକୁ ସୁଧାରିବା। ଜୟ ପ୍ରକାଶ ନାରାୟଣ ଚାହୁଁଥିଲେ ଯେ ଭାରତରେ ନିର୍ବାଚନ କ୍ରମାଗତ ଭାବେ ମହଙ୍ଗା ହେବାରେ ଲାଗିଛି ଏଣୁ ବ୍ୟବସ୍ଥାକୁ ସୁଧାରିପାରିଲେ ନିର୍ବାଚନୀ ବ୍ୟୟ କମିବ ଫଳତଃ ଜଣେ ସାଧାରଣ ନାଗରିକ ମଧ୍ୟ ରାଜନୈତିକ ପ୍ରକ୍ରିୟାରେ ସକ୍ରିୟ ହୋଇ ଭାଗ ନେଇ ପାରିବ। ଜୟପ୍ରକାଶ ନାରାୟଣ ଭାବୁଥିଲେ ଯେ ଭାରତର ଭ୍ରଷ୍ଟାଚାରର ଜଡ଼ ହେଉଛି ନିର୍ବାଚନ ପ୍ରକ୍ରିୟା। ଏଣୁ ଏହାକୁ ସୁଧାରିପାରିଲେ ଭ୍ରଷ୍ଟାଚାର ସମାପ୍ତ ହୋଇଯିବ। ଜୟପ୍ରକାଶ ବା ଜେପିଙ୍କ ସେଇ ଆନ୍ଦୋଳନରେ ସେ ସମୟରେ ଦେଶରେ କଂଗ୍ରେସ ବିରୋଧି ଦଳ ମାନେ ସାମିଲ ହୋଇଥିଲେ। ପରେ ଜନସଂଘ (ବର୍ତ୍ତମାନର ବିଜେପି) ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲା। ଜେପିଙ୍କ ଆନ୍ଦୋଳନ ମୂଳ ରୂପରେ ଛାତ୍ର ଆନ୍ଦୋଳନର ବିରାଟ ସ୍ୱରୂପ ଥିଲା ଓ ଗୁଜୁରାଟରୁ ଏହି ଆନ୍ଦୋଳନର ଆରମ୍ଭ ହୋଇଥିଲା। ଗୁଜୁରାଟରେ ଲୋକଙ୍କ ସମସ୍ୟାକୁ ନେଇ ଛାତ୍ରମାନେ ଆନ୍ଦୋଳନ ଆରମ୍ଭ କରିଥିଲେ। ପରେ ଏହି ଆନ୍ଦୋଳନ ବିହାରକୁ ବ୍ୟାପିଲା ଓ ପରବର୍ତ୍ତୀ ସମୟରେ ବ୍ୟାପକ ହୋଇଥିଲା।

ଜୟପ୍ରକାଶ ନାରାୟଣ ସେ ସମୟରେ ଇନ୍ଦିରାଗାନ୍ଧୀଙ୍କ ଶାସନରେ ଭ୍ରଷ୍ଟା•ର ବୃଦ୍ଧିକୁ ଏକ ପ୍ରସଙ୍ଗ କରିଥିଲେ ଓ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଜୟପ୍ରକାଶ (ଜେପି) ଦଳ ବିହୀନ ଗଣତନ୍ତ୍ରର ବିମର୍ଷ ଆରମ୍ଭ କରି ଦେଇଥିଲେ ଏବଂ ଦେଶରେ ରାଜନୀତିଗତ ଶୁଦ୍ଧିକରଣ ଚାହୁଁଥିଲେ। ଜେପି ମଧ୍ୟ ସଂସ୍ଥାଗତ ପରିବର୍ତ୍ତନ ଚାହୁଁଥିଲେ। କିନ୍ତୁ ସେଇ ୧୯୭୪ରେ ଏମିତି ଏକ ଘଟଣା ଘଟିଲା ଯେଉଁଥିପାଇଁ ଭାରତରେ ନିର୍ବାଚନ ପ୍ରକ୍ରିୟା ପାଇଁ ସଂଶୟର ବାତାବରଣ ସୃଷ୍ଟି କରିଥିଲା। ଦିଲ୍ଲୀର ଲୋକସଭା ଆସନରେ ୧୯୭୧ରେ ହୋଇଥିବା ନିର୍ବାଚନରେ ଜନସଂଘର ପ୍ରାର୍ଥୀ କଂଗ୍ରେସର ପ୍ରାର୍ଥୀଙ୍କଠାରୁ ନିର୍ବାଚନରେ ହାରିଯାଇଥିଲେ। ୧୯୭୧ର ନିର୍ବାଚନରେ ଦିଲ୍ଲୀର ସବୁ ଲୋକସଭା ଆସନରେ କଂଗ୍ରେସର ପ୍ରାର୍ଥୀ ବିଜୟୀ ହୋଇଥିଲେ। କିନ୍ତୁ ଜନସଂଘର ପ୍ରାର୍ଥୀ ନିର୍ବାଚନକୁ ନେଇ ଦିଲ୍ଲୀ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଜନସଂଘ ପ୍ରାର୍ଥୀ ଦିଲ୍ଲୀ ହାଇକୋର୍ଟରେ କରିଥିବା ମାମଲାରେ ଦର୍ଶାଇଥିଲେ ଯେ କଂଗ୍ରେସ ପ୍ରାର୍ଥୀ ଧାର୍ଯ୍ୟ ସୀମା ଠାରୁ ଅଧିକ ଅର୍ଥ ଖର୍ଚ୍ଚ କରିଥିଲେ। ଜନସଂଘର ପ୍ରାର୍ଥୀଙ୍କ ମାମଲାକୁ ବିଚାରକରି ଦିଲ୍ଲୀ ହାଇକୋର୍ଟ ସେଇ ନିର୍ବାଚନ ଅବୈଧ ବୋଲି ରାୟ ଦେଇଥିଲେ। ଏହାପରେ ଶ୍ରୀମତି ଗାନ୍ଧୀ ନିର୍ବାଚନ ଆଇନ୍ ଜନପ୍ରତିନିଧିତ୍ୱ ଅଧିନିୟମ ୧୯୫୧ରେ ଏକ ସଂଶୋଧନ ପ୍ରସ୍ତାବ ସଂସଦରେ ଗୃହୀତ କରାଇ ନେଇଥିଲେ। ଏହି ସଂଶୋଧନ ପ୍ରସ୍ତାବ ଅନୁସାରେ ନିର୍ବାଚନରେ ପ୍ରାର୍ଥୀଙ୍କ ପାଇଁ ତାଙ୍କ ରାଜନୈତିକ ଦଳଦ୍ୱାରା କରାଯାଇଥିବା ବ୍ୟୟ ଯେତେ ବି ହେଉନା କାହିଁକି ନିର୍ବାଚନୀ ଖର୍ଚ୍ଚରେ ସାମିଲ କରାଯିବ ନାହିଁ। ସଂଶୋଧନରେ ଏକଥା ବି ପ୍ରାବଧାନ ରଖାଗଲା ଯେ ପ୍ରାର୍ଥୀର କୌଣସି ବନ୍ଧୁ ବା ହିତୈଶୀ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନରେ ଯେତେ ବି ଖର୍ଚ୍ଚ କଲେ ମଧ୍ୟ ତାକୁ ବି ନର୍ବାଚନୀ ଖର୍ଚ୍ଚରେ ସାମିଲ କରାଯିବ ନାହିଁ। ଏହି ସଂଶୋଧନ ପରେ ନିର୍ବାଚନ କମିଶନଙ୍କ ଦ୍ୱାରା ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଯେଉଁ ଖର୍ଚ୍ଚର ସୀମା ଧାର୍ଯ୍ୟ କରାଯାଇଥିଲା ତାର କିଛି ମୂଲ୍ୟ ରହିଲା ନାହିଁ। ଏଣୁ ନିର୍ବାଚନୀ ଖର୍ଚ୍ଚ ବଢ଼ିବାରେ ଲାଗିଲା ଓ ନିର୍ବାଚନରେ ଧନର ପ୍ରଭାବ ବଢ଼ିଲା।

ଜୟପ୍ରକାଶ ଏହି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇବାକୁ ଚାହୁଁଥିଲେ। ଏଣୁ ଆନ୍ଦୋଳନ ବେଳେ ମୁମ୍ବାଇ ହାଇକୋର୍ଟର ଅବସର ପ୍ରାପ୍ତ ବିଚାରପତି ବିଏମ୍ ତାରକୁଣ୍ଡେଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ତାରକୁଣ୍ଡେ କମିଟି ନିର୍ବାଚନ ପ୍ରସଙ୍ଗରେ ତର୍ଜମା କରି ଜେପିଙ୍କୁ ଏକ ରିପୋର୍ଟ ଦେଇଥିଲେ। ତାରକୁଣ୍ଡେ କମିଟି ରିପୋର୍ଟରେ ନିର୍ବାଚନକୁ ସୁଧାରିବା ପାଇଁ କେତେକ ପରାମର୍ଶ ଦେବା ସହ ସରକାରଙ୍କ ଦ୍ୱାରା ଏକ ନିର୍ବାଚନ ପାଣ୍ଠି ସ୍ଥାପିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜେପିଙ୍କ ଅନ୍ୟ ସହଯୋଗୀ ମାନେ ମଧ୍ୟ ବିଚାରପତି ତାରକୁଣ୍ଡେଙ୍କ ରିପୋର୍ଟର ଗୁରୁତ୍ୱ ରହିଛି ବୋଲି କହିଥିଲେ। ୧୯୭୭ର ଲୋକସଭା ନିର୍ବାଚନରେ ଇନ୍ଦିରାଗାନ୍ଧୀଙ୍କ କଂଗ୍ରେସ ଉତ୍ତର ଭାରତ ଓ ପଶ୍ଚିମ ଭାରତରେ ବିପର୍ଯ୍ୟୟର ସାମନା କରିଥିଲା ଓ ନବଗଠିତ ବିରୋଧି ମେଣ୍ଟ ଦ୍ୱାରା ଗଠିତ ଜନତା ପାର୍ଟିକୁ ଲୋକସଭାରେ ୨୯୮ ଆସନ ମିଳିଥିଲା। ଇନ୍ଦିରାଙ୍କ କଂଗ୍ରେସ ଦଳକୁ ୧୫୩ଟି ଆସନ ମିଳିଥିଲା। ଜନତା ଦଳ ପକ୍ଷରୁ ମୋରାରଜୀ ଦେଖାଇ ପ୍ରଧନମନ୍ତ୍ରୀ ହୋଇଥିଲେ ଯିଏ ମୂଳତଃ କଂଗ୍ରେସୀ ଥିଲେ। ମୋରାରଜୀ ପ୍ରଧାନମନ୍ତ୍ରୀ ହେବାପରେ ବିଚାରପତି ତାରକୁଣ୍ଡେ ଦେଇଥିବା ନିର୍ବାଚନ ସମ୍ପର୍କୀତ ପରାମର୍ଶକୁ ଗ୍ରହଣ କରିନଥିଲେ ଓ ନିର୍ବାଚନ ବ୍ୟବସ୍ଥାର ସୁଧାର ପାଇଁ ଏକ କମିଶନ ଗଠନ କରିଥିଲେ। ଏହି କମିଶନର ମୁଖ୍ୟ ଥିଲେ ପୁର୍ବତନ ନିର୍ବାଚନ କମିଶନର ଏସ୍.ଏଲ୍. ଶକଧର। ଶକଧର ତାଙ୍କ ରିପୋର୍ଟ ଦେବା ବେଳକୁ ଜନତା ସରକାର ଭାଙ୍ଗି ଯାଇଥିଲା ଓ କିଛି ଦିନ ପାଇଁ ଚୈଧୁରୀ ଚରଣ ସିଂହ ପ୍ରଧାନମନ୍ତ୍ରୀ ହୋଇଥିଲେ। କିନ୍ତୁ ତାଙ୍କ ସରକାର ବେଶିଦିନ ତିଷ୍ଠି ପାରିନଥିଲା। ୧୯୮୦ରେ ପୁନଃ ନିର୍ବାଚନ ହୋଇଥିଲା ଓ ଇନ୍ଦିର ସ୍ପଷ୍ଟ ବହୁମତ ସହ ଶାସନକୁ ଆସିଥିଲେ।

କଂଗ୍ରେସ ସରକାର ନିର୍ବାଚନ ବ୍ୟବସ୍ଥାର ସୁଧାର ପାଇଁ ଗୋସ୍ୱାମୀ କମିଟି ସମେତ କେତେକ କମିଟି ଗଠନ କରିଥିଲେ ଓ କମିଟିର କେତେକ ଶୁପାରିଶଙ୍କୁ କାର୍ଯ୍ୟକାରୀ କରିଥିଲେ। କିନ୍ତୁ କେହି ଇନ୍ଦିରାଙ୍କ ଦ୍ୱାରା ଜନ ପ୍ରତିନିଧିତ୍ୱ ଅଧିନିୟମରେ କରାଯାଇଥିବା ସଂଶୋଧନକୁ ରଦ୍ଦ କରିବା ପାଇଁ ପରାମର୍ଶ ଦେଇନଥିଲେ। ଏହି କାରଣରୁ ନିର୍ବାଚନ ତନ୍ତ୍ର ଧନତନ୍ତ୍ରରେ ପରିଣତ ହୋଇଗଲା। ଅସଲ କଥା ହେଉଛି ଦେଶର ନିର୍ବାଚନରେ ସାଧାରଣ ଲୋକେ ବା ଗରୀବ ଲୋକେ କେମିତି ଭାଗ ନେଇପାରିବେ ସେ ବାବଦରେ କୌଣସି ରାଜନୈତିକ ଦଳ ଗୁରୁତ୍ୱ ଦେଉନାହିଁ। କିନ୍ତୁ ଏବେ ଏକ ଦେଶ- ଏକ ନିର୍ବାଚନ କଥା କୁହାଯାଉଛି। ୧୯୬୭ ପର୍ଯ୍ୟନ୍ତ ଦେଶରେ ଏକ ସଙ୍ଗରେ ଲୋକସଭା ଓ ବିଧାନସଭା ନିର୍ବାଚନ ହେଉଥିଲା। କିନ୍ତୁ ସେ ସମୟର ରାଜନୈତିକ ପରିସ୍ଥିତି ଓ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ମଧ୍ୟରେ ଅନେକ ତଫାତ ରହିଛି। ଏବେ ଯେଉଁ ଏକ ଦେଶ-ଏକ ନିର୍ବାଚନ କଥା କୁହାଯାଉଛି ସେଥିପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକତା ରହିଛି। ଏବେ କେନ୍ଦ୍ର ସରକାର ଏଥିପାଇଁ ୩ଟି ସଂଶୋଧନ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏପରିକି ସମ୍ବିଧାନରେ ରାଜ୍ୟ ମାନଙ୍କୁ ଯେଉଁ ଅଧିକାର ଦିଆଯାଉଛି ସେଥିରେ ସଂଶେଶଧନ କରିବାକୁ ପଡ଼ିବ।

ଭାରତର ସଂଘୀୟ ବ୍ୟବସ୍ଥା ଆମେରିକାର ସଂଘୀୟ ବ୍ୟବସ୍ଥା ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଆମ ସମ୍ବିଧାନରେ ଏକ ମଜଭୁତ କେନ୍ଦ୍ରର ଢ଼ାଞ୍ଚା ଏମିତି ସ୍ଥାପନ କରିଦିଆଯାଇଛି ଯେ ବିଭିନ୍ନ ରାଜ୍ୟର ନିଜସ୍ୱ ସାଂସ୍କୃତିକ ଓ ଭୌଗଳିକ ବିବିଧତା ସତ୍ୱେ ନିଜର ବିଶିଷ୍ଟ ଚରିତ୍ର ଭାରତୀୟ ସଂଘ ଭିତରେ ହିଁ ରହି ପାରିବ। ଏହା ବିରୁଦ୍ଧରେ ତର୍କ ଦିଆଯାଇପାରେ କିନ୍ତୁ ଆମେ କେବେ ଭୁଲିଯିବା ଉଚିତ୍ ନୁହେଁ ଯେ ଭାରତୀୟ ସମ୍ବିଧାନର ପ୍ରଥମ ଅନୁଚ୍ଛେଦ ହିଁ ଏକଥା ଉଦ୍‌ଘୋଷିତ କରୁଛି ଯେ ଭାରତ ରାଜ୍ୟ ମାନଙ୍କର ଏକ ସଂଘ ଅଟେ। ସମ୍ବିଧାନରେ ରାଜ୍ୟ ମାନଙ୍କୁ ବିଶିଷ୍ଟ (ସ୍ୱତନ୍ତ୍ର) ଅଧିକାରୀ ମଧ୍ୟ ଦିଆଯାଇଛି ଏବଂ ସମ୍ବିଧାନ କହୁଛି ଯେ କେନ୍ଦ୍ର ସରକାରଙ୍କ ସବୁ ଯୋଜନାକୁ ତୃଣମୂଳ ସ୍ତରରେ ରାଜ୍ୟ ସରକାର ହିଁ ଲାଗୁ କରିବେ। ଏବେ ମୂଳକଥା ନିର୍ବାଚନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଉ। କେମିତି ଗଣତନ୍ତ୍ରକୁ ଧନତନ୍ତ୍ର ହେବାରୁ ରୋକାଯାଇ ପାରିବ। ଏଥିରେ ପ୍ରଥମ ମୂଳ ହେଉଛନ୍ତି ଜନପ୍ରତିନିଧି। ବର୍ତ୍ତମାନର ନିର୍ବାଚନ ପ୍ରଣାଳୀରେ କେବଳ କୌଣସି ଧନାଢ଼୍ୟ ହିଁ ଲୋକଙ୍କ ପ୍ରତିନିଧି ହୋଇପାରିବ। ଏହାକୁ ପରିସ୍ଥିତି ମଧ୍ୟ କୁହାଯାଇପାରେ। କିନ୍ତୁ ଆମେ କେମିତି କହିବା ଯେ ଗଣତନ୍ତ୍ରର ପ୍ରକୃତ ମାଲିକ ହେଉଛନ୍ତି ଜନସାଧାରଣ ବା ଭୋଟରମାନେ? ଭୋଟର ମାନେ ତାଙ୍କ ଭୋଟ ବଳରେ କାହାରିକୁ ବି ନିର୍ବାଚନରେ ବିଜୟୀ କରିପାରନ୍ତି। କିନ୍ତୁ ପ୍ରାର୍ଥୀମାନଙ୍କ ମଧ୍ୟରେ ସେମାନଙ୍କ ସାମନାରେ ତ କେବଳ ଧନପତି ମାନେ ରହୁଛନ୍ତି ଓ ସେମାନଙ୍କ ମଧ୍ୟରୁ କାହାରିକୁ ସେମାନଙ୍କୁ ଭୋଟ ଦେବା ପାଇଁ ପଡୁଛି। ଗଣତନ୍ତ୍ର ପାଇଁ ଏହା ହେଉଛି ଏକ ଗମ୍ଭୀର ବିଶୟ। ଏକ ଦେଶ-ଏକ ନିର୍ବାଚନକୁ ନେଇ ଏବେ ବିମର୍ଶ ଚାଲିଛି। ସରକାର ସପକ୍ଷରେ ଯୁକ୍ତି ଦର୍ଶାଉଛନ୍ତି ଓ ବିଧେୟକ ଆଗତ ହେଲେ ଏହା ଗୃହୀତ ହେବ। କିନ୍ତୁ ଏହା କେତେଦୂର ପାରଦର୍ଶୀ ହେବ ସେକଥା ସମୟ କହିବ।

ରାମଚନ୍ଦ୍ରପୁର, ରଣପୁର
ମୋ ୯୪୩୮୪୮୫୦୯୪

# ସରକାରୀ କଟକଣା ନାମକୁମାତ୍ର

ସଂଯୁକ୍ତା କର

ନିୟମ ଭାଙ୍ଗିବା ବା ଆଇନ ସହ ସାଲିସ କରିବା ଆମ ଚରିତ୍ରର ଏକ ଅଙ୍ଗ ହୋଇଗଲାଣି। ଏତେ ବୁଝାଇବା ସତ୍ତ୍ୱେ ଏବେ ବି ଅନେକ ଦୁଇଚକିଆ ଯାନ ଚାଳକ ମୁଣ୍ଡରେ ହେଲମେଟ ପିନ୍ଧୁ ନାହାଁନ୍ତି। କରୋନା ସଂକ୍ରମଣ ବଢ଼ିବା ସତ୍ତ୍ୱେ ମୁହଁ ମାସ୍କ ପିନ୍ଧିବାକୁ କେହି ଜରୁରୀ ମନେ କରୁ ନାହାଁନ୍ତି। ଅନେକ ବର୍ଷ ତଳୁ ରାଜ୍ୟରେ ପଲିଥିନ ବ୍ୟାନ ହେଲାଣି। କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ରହିଛି। ମଝିରେ ମଝିରେ ପଲିଥିନ ବ୍ୟବହାର ବନ୍ଦ କରିବା ଲାଗି ପୋଲିସ ଚଢ଼ଉ କରେ ଏବଂ ଜୋରିମାନା ବି ହୋଇଥାଏ। କିନ୍ତୁ କିଛି ଦିନ ପରେ ପରିସ୍ଥିତି ପୁଣି ଯାହାକୁ ସେଇଆ। ଲୋକେ ପଲିଥିନ ବ୍ୟବାହାରରେ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଏହାକୁ ଛାଡ଼ିବା ସମ୍ଭବ ହୋଇପାରୁନି। ଅସଲ କଥା ହେଲା ଏହାର ବିଷମ ପରିଣତି ସମ୍ପର୍କରେ ଲୋକେ ସଚେତନ ହେଉ ନାହାଁନ୍ତି। ପଲିଥିନ ବ୍ୟବାହାର ଉପରେ କଟକଣା ଆମର ସୁରକ୍ଷା ଏବଂ ସ୍ୱାର୍ଥ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ। ସାରା ବିଶ୍ୱର ସୁରକ୍ଷା ଏବଂ ମାନ ଜାତିର ଭବିଷ୍ୟତ ଲାଗି ଏହା ଜରୁରୀ, ଏହାକୁ ଆମେ ହୃଦୟଙ୍ଗମ କରିପାରୁନାହୁଁ। ସ୍କୁଲ, କଲେଜରେ ଏ ସମ୍ପର୍କରେ ପାଠ ପଢ଼ାଯାଉଛି, ପ୍ରଚାର ପ୍ରସାରରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ସୁଫଳ ମିଳୁନି। ତେଣୁ ଏହାର ଶେଷ ଅସ୍ତ୍ର ହେଲା କଠୋର ଦଣ୍ଡବିଧାନ। ଗତ ପହିଲାରୁ ଦେଶବ୍ୟାପି ପଲିଥିନ ବା ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ପରିବେଶ ସୁରକ୍ଷା ଲାଗି ଏହା ନିହାତି ଜରୁରୀ। ନଚେତ ପ୍ରଦୂଷଣ ଏତେ ମାତ୍ରାରେ ବଢ଼ିଯିବ ଯେ ଏହାକୁ ସମ୍ଭାଳିବା କଷ୍ଟକର ହୋଇଯିବ। ସାରା ବିଶ୍ୱ କଥା ଛାଡ଼ନ୍ତୁ, ଭାରତରେ ଲକ୍ଷ ଲକ୍ଷ ଟନ ପଲିଥିନ ଏବେ ଗଦା ହୋଇଛି। ପ୍ରତିଦିନ ଏହାର ଉତ୍ପାଦନ ହେଉଛି। ଯେଉଁଠି ମାଟି ଖୋଳିବ ସେଠାରେ ପଲିଥିନ ବାହାରିବ। ନଦୀ-ସମୁଦ୍ରରେ ମଧ୍ୟ ଟନ ଟନ ପଲିଥିନ ରହିଛି। ମାଟି, ପାଣି, ପବନ ସବୁ କିଛି ଏହା ଦ୍ୱାରା ପ୍ରଦୂଷିତ ହେଉଛି। କାରଣ ଏହା ହଜାର ହଜାର ବର୍ଷ ପରେ ମଧ୍ୟ ସେମିତି ରହିଥିବ, ମାଟିରେ ମିଶିନଥିବ। ଏଭଳି ପରିସ୍ଥିତିରେ ଏହାକୁ ମୂଳରୁ ଅର୍ଥାତ ଉତ୍ପାଦନ କେନ୍ଦ୍ରରୁ ବନ୍ଦ କରାଯିବା ଉଚିତ। ଦୋକାନରେ ଚଢ଼ାଉ କଲେ ଏହାର ପ୍ରଭାବ ସୀମିତ ରହିବ। ଆଉ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିରନ୍ତର ଜାରି ରହିବା ଉଚିତ। କିଛି ଦିନ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ପରେ ପୁଣି ସବୁ କିଛି ଧିମେଇ ଗଲେ କିଛି ଲାଭ ହେବ ନାହିଁ। ପଲିଥିନ ବ୍ୟବାହାରକାରୀ ଏବଂ ଉତ୍ପାଦନକାରୀ ବା ବିକ୍ରିକର୍ତ୍ତାଙ୍କୁ ଏଭଳି ମୋଟା ଅଙ୍କର ଜୋରିମାନା ଅଥବା ଜେଲ ଦଣ୍ଡ ହେବା ଉଚିତ ଯେମିତି କି କେହି ଏଭଳି ଭୁଲ କରିବାକୁ ସାହାସ କରିପାରିବେ ନାହିଁ। ଦଣ୍ଡ ଅଭାବ ହିଁ ଅପରାଧ ବଢ଼ିବାର ମୁଖ୍ୟ କାରଣ। କେବଳ ଦଣ୍ଡ ନୁହେଁ, ଏହା ଏତେ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟାପକ ପ୍ରସଙ୍ଗ ଯେ, ଏହା ଉପରେ ବିରାଟ ଜନ ଆନ୍ଦୋଳନର ଆବଶ୍ୟକତା ରହିଛି। ଘରେ ଘରେ ଏହା ଉପରେ ଚର୍ଚ୍ଚା ହେବା ଉଚିତ। ପ୍ରତି ସ୍ତରରେ ସ୍ୱେଚ୍ଛାସେବୀ ଏଥିପାଇଁ ଅଣ୍ଟାଭିଡ଼ିବା ଉଚିତ। ଛୋଟ ଛୋଟ ଦାବି, ରାଜନୈତିକ ଉଦ୍ଦେଶ୍ୟ ନେଇ ଆନ୍ଦୋଳନ ହେଉଛି, ରାସ୍ତାରୋକ ଓ ରେଳରୋକ କରାଯାଉଛି। ପଲିଥିନ କଟକଣାକୁ କାର୍ଯ୍ୟକାରୀ କରିବା ଏବଂ ପରିବେଶ ସୁରକ୍ଷା ଲାଗି ଏଭଳି ଆନ୍ଦୋଳନ ହେବା ଉଚିତ। ଯୁବ ଗୋଷ୍ଠୀ ଏଥିପାଇଁ ଆଗକୁ ଆସିବା ଉଚିତ। ସେମାନଙ୍କ ସହଯୋଗ ବିନା ଏହା ସମ୍ଭବ ନୁହେଁ। ଯୁବକ, ଛାତ୍ର ଏବଂ ମହିଳାମାନେ ଚାହିଁଲେ ଏହାକୁ ରୋକିପାରିବେ। ଯେଉଁମାନେ ପଲିଥିନ ବ୍ୟବାହାର କରୁଛନ୍ତି, ସରକାରଙ୍କ ନିୟମ ମାନୁ ନାହାଁନ୍ତି ସେମାନଙ୍କୁ ସାମାଜିକ ସ୍ତରରେ ବାସନ୍ଦ କରାଯିବା ଉଚିତ। ଖାଲି ପଲିଥିନ କଟକଣା ନୁହେଁ, ଏଭଳି ଅନେକ କ୍ଷେତ୍ର ରହିଛି ଯେଉଁଠି ଆଇନ କେବଳ କାଗଜପତ୍ରରେ ସୀମିତ ହୋଇ ରହିଛି। ଉଦାହରଣ ସ୍ୱରୂପ ଓଡ଼ିଶା ସରକାର ସର୍ବସାଧାରଣ ସ୍ଥାନରେ ସିଗାରେଟ ବା ଧୂମପାନ କରିବା ଉପରେ କଟକଣା ଲଗାଇଛନ୍ତି। କିନ୍ତୁ ଏହା ୧ ପ୍ରତିଶତ ବି କାର୍ଯ୍ୟକାରୀ ହୋଇପାରୁନି। ନା ଲୋକେ ସଚେତନ ହେଉଛନ୍ତି ନା ସରକାରୀ କର୍ମଚାରୀ ବା ପୋଲିସ ଠିକ ଭାବେ ଏହାକୁ କାର୍ଯ୍ୟକାରୀ କରିପାରୁଛି। ଫଳରେ ଆଇନ ସମ୍ପୂର୍ଣ୍ଣ ଅକାମୀ ହୋଇପଡ଼ିଛି। ସିଗାରେଟ ଟାଣୁନଥିବା ବ୍ୟକ୍ତି ମଧ୍ୟ ନିଶ୍ୱାସରେ ଧୂଆଁ ନେବାକୁ ବାଧ୍ୟ ହେଉଛନ୍ତି। ଜନସ୍ୱାସ୍ଥ୍ୟ ପ୍ରତି ଏହା ଏକ ବଡ଼ ବିପଦର କାରଣ ହୋଇଛି।

## ଆରଜି କର ଦୁଷ୍କର୍ମ ଓ ହତ୍ୟା ମାମଲା

# ସିବିଆଇ ଚାର୍ଜସିଟ୍‌ରେ ସଞ୍ଜୟ ରାୟ



**କୋଲକତା, ୭।୧୦:** ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ସିବିଆଇର ଚାର୍ଜସିଟରେ ବଡ଼ ଖୁଲାସା ହୋଇଛି। ଟ୍ରେନି ଡାକ୍ତରଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ନେଇ ହୋଇଥିବା ଅଭିଯୋଗ ଉପରୁ ପରଦା ହଟିଛି। ଚାର୍ଜସିଟ୍ ଅନୁସାରେ, ଟ୍ରେନି ଡାକ୍ତରଙ୍କୁ ଗଣଦୁଷ୍କର୍ମ କରାଯାଇ ନାହିଁ। ସଞ୍ଜୟ ରୟ ହିଁ ମୁଖ୍ୟ ଅଭିଯୁକ୍ତ। ସେ ହିଁ ଦୁଷ୍କର୍ମ ପରେ ହତ୍ୟା କରିଥିବା ସିବିଆଇ ଚାର୍ଜସିଟରେ ଉଲ୍ଲେଖ କରିଛି। ତେବେ ଦୁଇ ମାସର ତଦନ୍ତ ମଧ୍ୟରେ ଆଜି କୋଲକାତାର ସିଲଦା ସ୍ଥିତ ଅତିରିକ୍ତ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ୍ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବ ସିବିଆଇ। ଏହା ପୂର୍ବରୁ ସିବିଆଇ ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ୨୦୦ ଜଣଙ୍କ ବିବୃତ୍ତିକୁ ଚାର୍ଜସିଟରେ ରେକର୍ଡ କରାଯାଇଛି। ଏଥିରେ ସଞ୍ଜୟ ରୟଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି।

ଅଗଷ୍ଟ ୯ରେ କୋଲକାତାର ଆରଜି କର ହସ୍ପିଟାଲ ଘଟଣା ସମଗ୍ର ଦେଶକୁ ଥରାଇ ଦେଇଥିଲା। ହସ୍ପିଟାଲରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ଯେତିକି ଦୁଃଖଦ ନଥିଲା, ତାଠୁ ଅଧିକ ଅସନ୍ତୋଷ ସୃଷ୍ଟି କରିଥିଲା। କାର୍ଯ୍ୟାଳୟରେ ମହିଳାଙ୍କ ସୁରକ୍ଷା ଏବଂ ଦୋଷୀଙ୍କ ବେଧଡ଼କ ଅପରାଧ ପାଇଁ ସରକାରଙ୍କ ପରିଚାଳନା ପଦ୍ଧତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

ଘଟଣାର ଗୋଟିଏ ଦିନ ପରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟଙ୍କୁ ଗିରଫ କରିଥିଲା ପୁଲିସ। ମାତ୍ର ଦେଶବ୍ୟାପୀ ଆନ୍ଦୋଳନ ଜୋର୍ ଧରିବା ପରେ ସିବିଆଇକୁ ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ କଲିକତା ହାଇକୋର୍ଟ।

# ମେଡିସିନରେ ଦୁଇ ଆମେରିକୀୟଙ୍କୁ ନୋବେଲ

**ଷ୍ଟକହୋମ, ୭।୧୦:** ଚଳିତ ବର୍ଷ ମେଡିସିନରେ ଦୁଇ ଆମେରିକୀୟଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ମାଇକ୍ରୋ ଆରଏନଏରେ ଗବେଷଣା ଓ ଉଦ୍ଭାବନ ଲାଗି ଉଭୟଙ୍କୁ ଏହି ସମ୍ମାନଜନକ ପୁରସ୍କାର ଲାଗି ମନୋନୀତ କରାଯାଇଛି। ସେମାନେ



ହେଲେ ଭିକ୍ଟୋର ଆମ୍ବ୍ରୋସ ଓ ଗ୍ୟାରୀ ରଭକୁନ। ଷ୍ଟକହୋମରେ ଏକ ବିଶେଷ ସମାରୋହରେ ଉଭୟଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ଘୋଷଣା ସମୟରେ ନୋବେଲ ଆସେମ୍ବଲି ଏକ ବିବୃତିରେ କହିଛି ଯେ, ଭିକ୍ଟୋର ଆମ୍ବ୍ରୋସ୍ ଏବଂ ଗ୍ୟାରି ରୁଭ୍‌କୁନ୍ ବିଭିନ୍ନ ସେଲ୍ ପ୍ରକାରର ବିକାଶ କ୍ଷେତ୍ରରେ ଅନୁସନ୍ଧାନ ଜାରି ରଖିଥିଲେ। ଉଭୟ ଏକ କ୍ଷୁଦ୍ର ରାଇବୋନ୍ୟୁକ୍ଲିକ ଏସିଡ ମୋଲେକ୍ୟୁଲ୍ସର ନୂତନ ଶ୍ରେଣୀ ଆବିଷ୍କାର କରିଥିଲେ। ଏହି ମାଇକ୍ରୋ ଆରଏନଏ ଜିନ୍ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ନିଭାଇଥାଏ। ଉଭୟଙ୍କ ଏହି ଆବଷ୍କାର ଚିକିତ୍ସା କ୍ଷେତ୍ର ପାଇଁ ଉଲ୍ଲେଖନୀୟ ଅବଦାନ। ମାଇକ୍ରୋ ଆରଏନଏ ଆବିଷ୍କାର ଜିନ୍ ନିୟନ୍ତ୍ରଣ ପାଇଁ ନୂଆ ଆଇଡିଆ ଦେଇଥିଲା, ଯାହା ମାନବ ସମେତ ବହୁକୋଷୀୟ ଜୀବ ପାଇଁ ଜରୁରୀ ପ୍ରମାଣିତ ହୋଇଥିଲା ବୋଲି ନୋବେଲ ଆସେମ୍ବଲି କହିଛି।

ପ୍ରକାଶ ଥାଉକି, ପ୍ରତିବର୍ଷ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଏହି ପୁରସ୍କାର ଘୋଷଣା କରାଯାଏ। ସ୍ୱିଡେନର ଡିନାମାଇଟ ଉଦ୍ଭାବକ ଆଲଫ୍ରେଡ ନୋବେଲ ଏହି ସମ୍ମାନଜନକ ପୁରସ୍କାରର ସୃଷ୍ଟିକର୍ତ୍ତା। ତାଙ୍କ ନାମ ଅନୁସାରେ ପ୍ରତିବର୍ଷ ନୋବେଲ ପୁରସ୍କାର ଦିଆଯାଉଛି।

ଡିସେମ୍ବର ୧୦, ଆଲଫ୍ରେଡ ନୋବେଲଙ୍କ ଜନ୍ମ ତାରିଖ ଅବସରରେ ବିଜେତାଙ୍କୁ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଏ। ନୋବେଲ ବିଜେତାଙ୍କୁ ପୁରସ୍କାର ରାଶି ସ୍ୱରୂପ ୧୦ ନିୟୁତ ସ୍ୱିଡେନ କ୍ରୋନୋର (ପ୍ରାୟ ୯୦୦,୦୦୦ ଡଲାର) ଦିଆଯାଏ।

## ଚାକିରି ବଦଳରେ ଜମି ଦୁର୍ନୀତି

# ଲାଲୁଙ୍କ ପରିବାରର ୯ ଜଣଙ୍କୁ ଜାମିନ

**ପାଟନା, ୭।୧୦:** ଆର୍‌ଜେଡି ସୁପ୍ରିମୋ ତଥା ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପରିବାରକୁ ମିଳିଲା ବଡ଼ ଆଶ୍ୱସ୍ତି। ଚାକିରି ବଦଳରେ ଜମି ଦୁର୍ନୀତି ମାମଲାରେ ଲାଲୁଙ୍କ ପରିବାରକୁ ମିଳିଛି ଜାମିନ। ଲାଲୁ ପ୍ରସାଦ ଯାଦବ, ତେଜସ୍ୱୀ ଯାଦବ ଓ ତେଜ୍ ପ୍ରତାପ ଯାଦବଙ୍କ ସମେତ ୯ ଜଣଙ୍କୁ ଦିଲ୍ଲୀ ରାଉସ୍ ଆଭେନ୍ୟୁ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଚାକିରି ବଦଳରେ ଜମି ଦୁର୍ନୀତି ମାମଲରେ ଆଜି ସକାଳୁ ଲାଲୁଙ୍କ ପୂରା ପରିବାର କୋର୍ଟରେ ହାଜର ହୋଇଥିଲା। ବର୍ତ୍ତମାନ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୫ ତାରିଖରେ ହେବ। ସମସ୍ତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ବ୍ୟକ୍ତିଗତ ବଣ୍ଡରେ ଜାମିନ ପ୍ରଦାନ କରାଯାଇଛି। ଏଥିସହିତ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ସେମାନଙ୍କ ପାସ୍‌ପୋର୍ଟ ଦାଖଲ କରିବାକୁ କହିଛନ୍ତି। ବିନା ଅନୁମତିରେ କେହି ଦେଶ ବାହାରକୁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ସମସ୍ତଙ୍କୁ ଚାର୍ଜଶିଟର ଏକ କପି ଦେବାକୁ କୁହାଯାଇଛି। ଏହି ମାମଲାରେ ତେଜ ପ୍ରତାପ ଯାଦବ ପ୍ରଥମ ଥର ପାଇଁ କୋର୍ଟରେ ହାଜର ହୋଇଥିଲେ।



ଅଗଷ୍ଟ ୬ରେ ଅଭିଯୁକ୍ତଙ୍କ ବିରୋଧରେ ଇଡି ଏକ ସପ୍ଲିମେଣ୍ଟାରୀ ଚାର୍ଜଶିଟ ଦାଖଲ କରିଥିଲା। ଏହି ମାମଲାରେ ଇଡି ଦ୍ୱାରା ଦାଖଲ ହୋଇଥିବା ଚାର୍ଜଶିଟରେ ୧୧ ଜଣ ଅଭିଯୁକ୍ତଙ୍କ ନାମ ଥିଲା। ସେଥିମଧ୍ୟରୁ ତିନି ଜଣଙ୍କର ମୃତ୍ୟୁ ହୋଇଛି। କିନ୍ତୁ କୋର୍ଟ ଇଡ଼ି କହିଥିଲା ଯେ ଲାଲୁଙ୍କ ବଡ଼ ପୁଅ ମଧ୍ୟ ଏହି ସ୍କାମରେ ଜଡିତ ଥିବା ଜଣାପଡିଛି। ଏଥିପାଇଁ ତାଙ୍କ ପ୍ରଥମ ଥର ହାଜର ହେବାକୁ ସମନ ଜାରି କରାଯାଇଥିଲା। ଲାଲୁ ପ୍ରସାଦ ଯାଦବ ଚାକିରି ପାଇଁ ଜମି ଦୁର୍ନୀତି ମାମଲାର ମାଷ୍ଟର ମାଇଣ୍ଡ ବୋଲି ଇଡି ନିଜ ଚାର୍ଜଶିଟ୍‌ରେ କହିଥିଲା। ଏହି ଦୁର୍ନୀତିରେ ଜଡିତ ଥିବା ୪ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇସାରିଛି।

## ପର୍ଯ୍ୟଟନ ଶିଳ୍ପ ଭୁଶୁଡ଼ିବା ପରେ ଭାରତ ଶରଣରେ ମାଳଦ୍ୱୀପ

# ମୋଦୀଙ୍କ ସହ ମୁଇଜୁଙ୍କ ଆଲୋଚନା

**ନୂଆଦିଲ୍ଲୀ, ୭।୧୦:** ପର୍ଯ୍ୟଟନ ଶିଳ୍ପ ଭୁଶୁଡ଼ିଯିବା ପରେ ଭାରତ ଶରଣରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ। ୪ ଦିନିଆ ଭାରତ ଗସ୍ତରେ ଥିବା ମୁଇଜୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଉଭୟ ଶୀର୍ଷ ନେତାଙ୍କ ମଧ୍ୟରେ ଆଲୋଚନା ହେବ। ଏହି ଆଲୋଚନା ବେଳେ ଘୋର ଆର୍ଥିକ ସଂକଟରୁ ମୁକୁଳିବାକୁ ମୁଇଜୁ ପିଏମ୍ ମୋଦିଙ୍କ ଆଗରେ ବେଲଆଉଟ୍ ବା ଆର୍ଥିକ ସହାୟତା ପ୍ରସ୍ତାବ ରଖିପାରନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଗତକାଲି ଗସ୍ତର ପ୍ରଥମ ଦିନରେ ନୂଆଦିଲ୍ଲୀରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ଭେଟିଛନ୍ତି ମୁଇଜୁ। ଅକ୍ଟୋବର ୧୦ ପର୍ଯ୍ୟନ୍ତ ସେ ଭାରତରେ ରହିବେ। ମାଳଦ୍ୱୀପ ରାଷ୍ଟ୍ରପତି ମୁଇଜୁ ପତ୍ନୀ ସାଜିଦାଙ୍କ ସହ ଭାରତ ଆସିଛନ୍ତି। ସେ ମୁମ୍ବାଇ ଓ ବେଙ୍ଗାଲୁରୁକୁ ମଧ୍ୟ ଯିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଜୁନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଶପଥ ଗ୍ରହଣ ସମାରୋହକୁ ଆସିଥିଲେ ମୁଇଜୁ।

ସୂଚନା ଯୋଗ୍ୟ ଯେ, ମାଳଦ୍ୱୀପରେ ଇଣ୍ଡିଆ ଆଉଟ୍ ନାରା ଦେଇ ଚର୍ଚ୍ଚାକୁ ଓ କ୍ଷମତାକୁ ଆସିଥିଲେ ମୁଇଜୁ। ମାଳଦ୍ୱୀପରୁ ଭାରତୀୟ ସୈନ୍ୟଙ୍କ ଅପସାରଣ ପାଇଁ ମଧ୍ୟ ତାଙ୍କ ସରକାର ନିଷ୍ପତ୍ତି ନେଇଥିଲା। ମୁଇଜୁଙ୍କ କ୍ୟାବିନେଟର ଜଣେ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିପକ୍ଷରେ ଅସମ୍ମାନସୂଚକ ମନ୍ତବ୍ୟ ରଖିବା ପରେ ଭାରତ ସହ ସଂପର୍କ ତିକ୍ତ ହୋଇଥିଲା। ଏହାର ପରିଣାମ ସ୍ୱରୂପ ଭାରତୀୟ ପର୍ଯ୍ୟଟକମାନେ ମାଳଦ୍ୱୀପ ପରିବର୍ତ୍ତେ ଲାକ୍ଷାଦ୍ୱୀପ ଯିବାକୁ ପସନ୍ଦ କରିଥିଲେ। ଫଳରେ ମାଳଦ୍ୱୀପର ଅର୍ଥନୈତିକ ମେରୁଦଣ୍ଡ କୁହାଯାଉଥିବା ପର୍ଯ୍ୟଟନ ଶିଳ୍ପ ଭୁଶୁଡ଼ି ପଡ଼ିଛି। କେବଳ ସେତିକି ନୁହେଁ ବୈଦେଶିକ ମୁଦ୍ରା ଭଣ୍ଡାର ମଧ୍ୟ ଖାଲି ହେବାକୁ ବସିଲାଣି। କୁହାଯାଉଛି, ମାଳଦ୍ୱୀପ ପାଖରେ ଏବେ ଆମଦାନୀ ପାଇଁ ମାତ୍ର ଦେଢ଼ ମାସର ବୈଦେଶିକ ମୁଦ୍ରା ଗଚ୍ଛିତ ରହିଛି।



# ଅସୁସ୍ଥ ଖବରକୁ ରତନ ଟାଟାଙ୍କ ଅସ୍ୱୀକାର



**ମୁମ୍ବାଇ, ୭।୧୦:** ବିଶିଷ୍ଟ ଉଦ୍ୟୋଗପତି ରତନ ଟାଟା ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କବରକୁ ନିଜେ ରତନ ଟାଟା ଅସ୍ୱୀକାର କରିଛନ୍ତି। ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ସୋସିଆଲ ମିଡିଆରେ ବାର୍ତ୍ତା ଦେଇଛନ୍ତି। ସକାଳେ ଏହି ଖବର ପ୍ରଚାରିତ ହୋଇଥିଲା ଯେ, ରତନ ଟାଟା ଗୁରୁତର ଅସୁସ୍ଥ ହୋଇ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ଏବଂ ତାଙ୍କୁ ଆଇସିୟୁରେ ରଖାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବହୁ ଲୋକ ସୋସିଆଲ ମିଡିଆରେ ତାଙ୍କର ଆଶୁ ଆରୋଗ୍ୟ କାମନା କରି ବାର୍ତ୍ତା ପଠାଇଥିଲେ। ଏହା ପରେ ନିଜେ ରତନ ଟାଟା ଖବରକୁ ଅସ୍ୱୀକାର କରି କହିଛନ୍ତି ଯେ, ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ କେବଳ ରୁଟିନ ଚେକ ଅପ ପାଇଁ ହସ୍ପିଟାଲକୁ ଯାଇଥିଲେ। ତାଙ୍କ ପ୍ରଶଂସକ ଏବଂ ଶୁଭଚିନ୍ତକମାନଙ୍କୁ ସେ କୃତଜ୍ଞତା ଏବଂ ଧନ୍ୟବାଦ ଜଣାଇଛନ୍ତି।

# ଆଜି ହରିୟାନା ଓ ଜାମ୍ମୁ-କାଶ୍ମୀର ଭୋଟ ଗଣତି

**ନୂଆଦିଲ୍ଲୀ, ୭।୧୦:** ଆସନ୍ତା କାଲି ହରିୟାନା ଓ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ଭୋଟ ଗଣତି ହେବ। ସକାଳ ୮ଟାରେ ଏହି ଭୋଟ ଗଣତି ଆରମ୍ଭ ହେବ। ଅପରାହ୍ନ ସୁଦ୍ଧା ପ୍ରଥମ ଫଳାଫଳ ଘୋଷଣା ଆଶା କରାଯାଉଛି। ଜାମ୍ମୁ-କାଶ୍ମୀର ବିଧାନସଭାର ୯୦ ଆସନ ଲାଗି ତିନିଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇଥିବା ବେଳେ ଗତ ୫ ତାରିଖରେ ହରିୟାନାର ସମସ୍ତ ୯୦ ଆସନରେ ଗୋଟିଏ ଦିନରେ ଭୋଟ ଗ୍ରହଣ ହୋଇଥିଲା। ବିଭିନ୍ନ ଏକଜିଟ ପୋଲ ରିପୋର୍ଟ ଅନୁଯାୟୀ ହରିୟାନାରେ କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇ ୧୦ ବର୍ଷ ପରେ କ୍ଷମତାକୁ ଫେରିବ। ଜାମ୍ମୁ-କାଶ୍ମୀରରେ କଂଗ୍ରେସ ନ୍ୟାସନାଲ କନଫରେନ୍ସ ମ୍ୟାଜିକ ନମ୍ବର ୪୬ ଛୁଇଁବା ସମ୍ଭାବନା ରହିଛି। ନଚେତ ଏହା ସଂଖ୍ୟାଗରିଷ୍ଠତାରୁ ଅଳ୍ପ ଦୂରରେ ରହିପାରେ। ସେଭଳି କ୍ଷେତ୍ରରେ କଂଗ୍ରେସ-ନ୍ୟାସନାଲ କନଫରେନ୍ସ ମେଣ୍ଟ ଜାମ୍ମୁ-କାଶ୍ମୀରରେ ସରକାର ଗଠନ କରିବ। ନ୍ୟାସନାଲ କନଫରେନ୍ସର ଓମାର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ହେବ। ଧାରା ୩୭୦ ଉଚ୍ଛେଦ ପରେ ଜାମ୍ମୁ-କାଶ୍ମୀରରେ ପ୍ରଥମ ଥର ଲାଗି ବିଧାନସଭା ନିର୍ବାଚନ ହୋଇଛି।

# ସରକାର ଟମାଟୋ କେଜି ୬୫ ଟଙ୍କାରେ ବିକିବେ

**ନୂଆଦିଲ୍ଲୀ,୭।୧୦:** ଦେଶରେ ଟମାଟୋ ଦର ଏବେ ଶହେ ଟପିଛି। ପାର୍ବଣରେ ଏହା ଖାଉଟୀଙ୍କ ପାଇଁ ବୋଝ ସଦୃଶ ହୋଇଛି। ଆଗାମୀ ମାସକ ଭିତରେ ଦର କମିବାର ସମ୍ଭାବନା ନାହିଁ। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ଖାଉଟୀଙ୍କୁ କେଜି ୬୫ ଟଙ୍କାରେ ଟମାଟୋ ବିକିବେ ବୋଲି କହିଛନ୍ତି। ବିଭିନ୍ନ ଭ୍ରାମ୍ୟମାଣ ବିକ୍ରୀ କେନ୍ଦ୍ରରେ ଏହି ଟମାଟୋ ଉପଲବ୍ଧ ହେବ। ପ୍ରଥମେ ଏହା ଦିଲ୍ଲୀ-ଏନସିଆର ଏବଂ ପରେ ଦେଶର ଅନ୍ୟାନ୍ୟ ସ୍ଥାନରେ ଉପଲବ୍ଧ ହେବ। ନାଫେଡ଼ ଏବଂ ଏନସିସିଏଫ ସହାୟତାରେ ଏହି ଟମାଟୋ ବିକ୍ରୀ ବ୍ୟବସ୍ଥା କରାଯାଉଛି।

# ବିସ୍ଫୋରଣରେ ଥରିଲା କରାଚି, ୩ ମୃତ



**କରାଚି, ୭।୧୦:** ବିସ୍ଫୋରଣରେ ଥରିଲା ପାକିସ୍ତାନର କରାଚି। ଜିନା ଅନ୍ତର୍ଜାତୀୟ ଏୟାରପୋର୍ଟ ପାଖରେ ଗତକାଲି ଏକ ଭୟଙ୍କର ବିସ୍ଫୋରଣ ହୋଇଛି। ଏକ ଟ୍ୟାଙ୍କର ବିସ୍ଫୋରଣରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆହତ ହୋଇଛନ୍ତି ୧୭ ଜଣ। ମୃତକମାନେ ଚାଇନା ନାଗରିକ ବୋଲି ଜଣାଯାଇଛି। ବିସ୍ଫୋରଣ ଏତେ ଜୋରରେ ହୋଇଥିଲା ଯେ, ବ୍ୟାପକ ଅଞ୍ଚଳରେ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା। ବିସ୍ଫୋରଣ ହୋଇଥିବା ଟ୍ୟାଙ୍କର ପାଖରେ ଥିବା କିଛି ଗାଡ଼ି ବି ଜଳି ଯାଇଥିଲା। ଫଳରେ କିଛି ସମୟ ପାଇଁ ଚାରିଆଡ଼େ ଖେଳିଯାଇଥିଲା ନିଆଁ ଧୂଆଁର ଆସ୍ତରଣ। ପାକିସ୍ତାନର ଗୃହ ମନ୍ତ୍ରୀ ଓ ପୁଲିସ୍ ମହାନିରିକ୍ଷକ ବି ଘଟଣାସ୍ଥଳର ପରିଦର୍ଶନ କରିଛନ୍ତି। ମାତ୍ର ଉଭୟ କିଛି ବିବୃତି ଦେଇ ନାହାନ୍ତି। ଏହି ବିସ୍ଫୋରଣ ପାଇଁ କେହି ନିଜକୁ ଦାୟୀ କରି ନାହାନ୍ତି। କୌଣସି ଆତଙ୍କବାଦୀଙ୍କ ସଂପୃକ୍ତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କହିଛନ୍ତି ଇଷ୍ଟ ପାକିସ୍ତାନର ଡିଆଇଜି ଜାଫର ମହେଶର। ଏହାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି। ଚାଇନା ନାଗରିକଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କାରଣ ବିଦେଶୀ ନାଗରିକଙ୍କୁ ନେଇ ଏକ କାର୍ ଏୟାରପୋର୍ଟ ଅଭିମୁଖେ ଯାଉଥିବା ବେଳେ ତାହାକୁ ଏକ ପୁଲିସ୍ ଭ୍ୟାନ୍ ଏସର୍କଟ କରୁଥିଲା। ଏୟାରପୋର୍ଟ ସିଗନାଲ ପାଖରେ କାର୍‌ଗୁଡ଼ିକୁ ଟାର୍ଗେଟ କରି ବିସ୍ଫୋରଣ ହୋଇଥିଲା। ହଠାତ୍ ଗାଡ଼ିଗୁଡ଼ିକ ଜଳିବାକୁ ଲାଗିଲା। ତା' ଭିତରେ ଥିବା ଲୋକେ ଜୀବନ ବିକଳରେ ବାହାରି ଦୌଡ଼ିବାକୁ ଲାଗିଲେ। ଆହତଙ୍କ ମଧ୍ୟରେ

## ଜଳିଗଲା ୧୦ ଗାଡ଼ି

ଜଣେ ଚାଇନା ନାଗରିକ ଥିବା ଜଣାଯାଇଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଆଖପାଖରେ ଥିବା ଗାଡ଼ିଗୁଡ଼ିକୁ ବି ନିଆଁ ବ୍ୟାପି ଯାଇଥିଲା। ଏହି ବିସ୍ଫୋରଣରେ ସମୁଦାୟ ୧୦ଟି ଗାଡ଼ି ଜଳି ପାଉଁଶ ହୋଇଯାଇଛି।

ତେବେ ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ ହୋଇଥିବା ଘଟଣାକୁ ପାକିସ୍ତାନ ପକ୍ଷରୁ ସ୍ୱୀକାର କରାଯାଇ ନାହିଁ। ଏଥିସହ ବିସ୍ଫୋରଣ କିପରି ହେଲା, ଏହା ପଛରେ କାହାର ହାତ ଅଛି ତାହାର ତଦନ୍ତ ଚାଲିଥିବା ପାକିସ୍ତାନର ସିଆଇଡି ଡାଇରେକ୍ଟର ଜେନରାଲ ଆସିଫ ଏଜାଜ ଶେଖ କହିଛନ୍ତି। ବିସ୍ଫୋରଣ ପରେ ତୁରନ୍ତ ଏୟାରପୋର୍ଟକୁ କାର୍ଯ୍ୟକ୍ଷମ କରିବାକୁ କାମ ଚାଲିଥିବା ସେ କହିଛନ୍ତି।

# ଆପ୍ ସାଂସଦଙ୍କ ଘରେ ଇଡି ରେଡ୍

**ନୂଆଦିଲ୍ଲୀ, ୭।୧୦:** ପୁଣି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରାଡାର୍‌ରେ ଆମ୍ ଆଦମୀ ପାର୍ଟି ନେତା। ଆପ୍‌ର ରାଜ୍ୟସଭା ସାଂସଦ ସଞ୍ଜୀବ ଅରୋରାଙ୍କ ଘରେ ପଶିଛି ଇଡି। ଠକେଇ ମାମଲାରେ ଆଜି ସକାଳୁ ଜାଲନ୍ଧର ସ୍ଥିତ ତାଙ୍କ ଘରେ ଚଢ଼ାଉ କରିଛି। ଆପ୍‌ର ରାଜ୍ୟସଭା ସାଂସଦ ସଞ୍ଜୀବ ଆରୋରା ଠକେଇ ମାଧ୍ୟମରେ ଜମି ହାତେଇ ନେଇଥିବା ଅଭିଯୋଗ ହୋଇଛି। ସଞ୍ଜୀବ ଆରୋରାଙ୍କର ନିଜର ବ୍ୟବସାୟ ଅଛି। ଜାଲିଆତି କରି ସେ ଜମି ବଣ୍ଟନ କରିଥିଲେ। ଏହି ମାମଲାରେ ଇଡି ଏହି ଚଢ଼ାଉ କରିଛି। ସଞ୍ଜୀବ ଆରୋରାଙ୍କ ବ୍ୟତୀତ ଜଣାଶୁଣା ବ୍ୟବସାୟୀ ହେମନ୍ତ ସୁଦଙ୍କ ଘରେ ମଧ୍ୟ ଇଡି ରେଡ୍ କରିଛି। ଏହି ଚଢ଼ାଉ ଖବର ସାମ୍ନାକୁ ଆସିବା ପରେ ଦିଲ୍ଲୀର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଆପ୍ ନେତା ମନୀଷ ସିସୋଦିଆ ମୋଦି ସରକାରଙ୍କୁ କଡ଼ା ଟାର୍ଗେଟ୍ କରିଛନ୍ତି। ସେ ସୋଶାଲ ମିଡିଆ ହ୍ୟାଣ୍ଡେଲ ଏକ୍ସରେ ଏକ ପୋଷ୍ଟ ସେୟାର କରି କହିଛନ୍ତି, 'ମୋଦିଜୀ ପୁଣି ଥରେ ଆଜି ନିଜର ତୋତା-ମୈନାଙ୍କୁ ଖୋଲା ଛାଡ଼ି ଦେଇଛନ୍ତି। ଆଜି ସକାଳୁ ଆପ୍ ସାଂସଦ ସଞ୍ଜୀବ ଅରୋରାଙ୍କ ଘରେ ରେଡ୍ ଚାଲିଛି। ଗତ ଦୁଇ ବର୍ଷ ମଧ୍ୟରେ ସେମାନେ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଘରେ ଚଢ଼ାଉ କରିଥିଲେ, ମୋ ଘରେ ରେଡ୍ କରିଥିଲେ, ସଞ୍ଜୟ ସିଂହଙ୍କ ଘରେ ଚଢ଼ାଉ କରିଥିଲେ, ସତ୍ୟେନ୍ଦ୍ର ଜୈନଙ୍କ ଘରେ ମଧ୍ୟ ଚଢ଼ାଉ କରିଥିଲେ। କେଉଁଠୁ ବି କୌଣସି ଜିନିଷ ମିଳିନଥିଲା। କିନ୍ତୁ ଗୋଟିଏ ପରେ ଗୋଟିଏ ନକଲି ମାମଲା ସୃଷ୍ଟି କରିବାରେ ସେମାନେ ସମ୍ପୂର୍ଣ୍ଣ ଭାବେ ଲାଗି ପଡିଛନ୍ତି।'



# କୋଇଲା ଖଣିରେ ବିସ୍ଫୋରଣ ୭ ଶ୍ରମିକ ମୃତ

**କୋଲକାତା, ୭।୧୦:** କୋଇଲା ଖଣିରେ ହେଲା ଭୟଙ୍କର ବିସ୍ଫୋରଣ। ପ୍ରାଣ ହରାଇଲେ ୭ ଶ୍ରମିକ। ସେହିପରି ଅନେକ ଆହତ ହୋଇଥିବା କୁହାଯାଉଛି। ପଶ୍ଚିମବଙ୍ଗର ବୀରଭୂମିରେ ଘଟିଛି ଏହି ଅଘଟଣ। ତେବେ କେଉଁ କାରଣରୁ ଏହି ବିସ୍ଫୋରଣ ଘଟିଛି ତାହା ଜଣାପଡି ନାହିଁ। ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି। ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ୍ୟୁ ସଂଖ୍ୟା ଆଗକୁ ଆହୁରି ବଢ଼ିବା ଆଶଙ୍କା ରହିଛି। ଏଥିସହ ଖଣି ଭିତରେ କେତେ ଜଣ ଶ୍ରମିକ କାମ କରୁଥିଲେ ସେ ନେଇ କୌଣସି ସୂଚନା ମିଳିନାହିଁ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଆଖପାଖରେ ଥିବା ଗାଡ଼ିଗୁଡିକ ମଧ୍ୟ ନଷ୍ଟ ହୋଇଯାଇଛି। ଯେଉଁ କୋଇଲା ଖଣିରେ ଏହି ବିସ୍ଫୋରଣ ଘଟିଥିଲା ତାହା ବୀରଭୂମ ଜିଲ୍ଲାର ଲୋକପୁର ପୁଲିସ ଷ୍ଟେସନ ଅଞ୍ଚଳରେ ଅବସ୍ଥିତ। କମ୍ପାନୀର ନାମ ହେଉଛି ଗଙ୍ଗରାମଚକ୍ ମାଇନିଂ ପ୍ରାଇଭେଟ ଲିମିଟେଡ୍ କୋଲିୟର। ଯେଉଁଠାରେ କୋଇଲା କ୍ରସିଂ ସମୟରେ ଏହା ଖଣିରେ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ଅନେକ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ସେପଟେ ଖବର ପାଇ ସ୍ଥାନୀୟ ବିଜେପି ବିଧାୟକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପୁଲିସ, ଅଗ୍ନିଶମ ବିଭାଗର ଏକ ଟିମ୍ ଓ ୪ରୁ ୫ଟି ଅମ୍ବୁଲାନ୍ସ ଘଟଣାସ୍ଥଳରେ ନିୟୋଜିତ ଅଛି।

## ଆମେରିକା ରାଷ୍ଟ୍ରପତି ନିର୍ବାଚନ

# ମହାକାଶରୁ ଭୋଟ୍ ଦେବେ ସୁନୀତା ୱିଲିୟମ୍ସ



**ୱାଶିଂଟନ, ୭।୧୦:** ଇତିହାସ ରଚିବାକୁ ଯାଉଛନ୍ତି ମହାକାଶଚାରୀ ଭାରତୀୟ ବଂଶୋଦ୍ଭବ ସୁନୀତା ୱିଲିୟମ୍ସ। ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନରୁ ସେ ତାଙ୍କ ମାନବିକ ଅଧିକାର ସାବ୍ୟସ୍ତ କରିବେ। ଅର୍ଥାତ୍ ମହାକାଶରୁ ଦେବେ ଭୋଟ୍। ନଭେମ୍ବରରେ ୫ରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସେ ତାଙ୍କର ମତ ସାବ୍ୟସ୍ତ କରିବେ ବୋଲି ନାସା କହିଛି। ସୁନୀତା ୱିଲିୟମ୍ସ ବର୍ତ୍ତମାନ ଇଣ୍ଟରନ୍ୟାସନାଲ ସ୍ପେସ୍ ଷ୍ଟେସନ (ଆଇଏସ୍ଏସ୍)ର କମାଣ୍ଡର ଭାବରେ କାର୍ଯ୍ୟ କରୁଛନ୍ତି। ପୃଥିବୀ ପୃଷ୍ଠରୁ ପ୍ରାୟ ୪୦୦ କିଲୋମିଟର ଦୂରରୁ ତାଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ। ତେବେ ମହାକାଶରେ ମହାକାଶଚାରୀଙ୍କ ପାଇଁ ଭୋଟ୍ ଦେବା ଏହା ନୂଆ ନୁହେଁ। ୧୯୯୭ ମସିହାରୁ ଏହା ଚାଲିଆସୁଛି। ୧୯୯୭ରେ ଆମେରିକାର ଟେକ୍ସାସ୍ ବିଧାନସଭା ଏନେଇ ଏକ ବିଲ୍ ପାସ୍ କରି ମହାକାଶଚାରୀଙ୍କୁ କକ୍ଷପଥରୁ ଭୋଟ୍ ଦେବାର ଅଧିକାରକୁ ଅନୁମତି ଦେଇଥିଲା। ଏହି ଭୋଟ୍ ବାଲାଟ୍ ପେପର୍ ମାଧ୍ୟମରେ ହୋଇଥାଏ। ଏହା ପୂର୍ବରୁ ଡେଭିଡ ୱଲ୍ଫ ମହାକାଶରୁ ଭୋଟ୍ ଦେଇଥିଲେ। ଏହି ପ୍ରକ୍ରିୟାରେ ସାମିଲ ହେବାରେ ସେ ହେଉଛନ୍ତି ନାସାର ପ୍ରଥମ ମହାକାଶଚାରୀ। ସେ ମିର୍ ସ୍ପେସ୍ ଷ୍ଟେସନରୁ ମତ ସାବ୍ୟସ୍ତ କରିଥିଲେ। ସେହିପରି କାଟେ ରୁବିନ୍ସ ନିକଟରେ ୨୦୨୦ ନିର୍ବାଚନରେ ନିଜର ମତ ସାବ୍ୟସ୍ତ କରିଛନ୍ତି। ଯଦି ସୁନୀତା ୱିଲିୟମ୍ସ ଭୋଟ୍ ଦିଅନ୍ତି, ତେବେ ଏହି ତାଲିକାରେ ସ୍ଥାନ ପାଇବେ।

ଏଥିପାଇଁ ପ୍ରଥମେ ତାଙ୍କୁ ଫେଡେରାଲ୍ ପୋଷ୍ଟ କାର୍ଡ ଆବେଦନ ପୂରଣ କରିବାକୁ ପଡିବ। ଏହାପରେ ୱିଲିୟମ୍ସ ଆଇଏସ୍ଏସ୍ କମ୍ପ୍ୟୁଟର ସିଷ୍ଟମରେ ଇଲେକ୍ଟ୍ରୋନିକ୍ ବାଲାଟ୍ ପେପର୍ ପୂରଣ କରିବେ। ଏହି ଭୋଟ୍ ପ୍ରକ୍ରିୟା ନାସାର ଅତ୍ୟାଧୁନିକ ସ୍ପେସ୍ କମ୍ୟୁନିକେସନ ଏବଂ ନାଭିଗେସନ୍ କାର୍ଯ୍ୟକ୍ରମ ମାଧ୍ୟମରେ କରାଯିବ। ସୁନୀତା ୱିଲିୟମ୍ସ ଓ ତାଙ୍କ କ୍ରୁଡମେଟ୍ ବଚ୍ ୱିଲମୋର ଜୁନ୍ ୫ରେ ନାସା ପକ୍ଷରୁ ଅନ୍ତରୀକ୍ଷ ଯାତ୍ରା କରିଥିଲେ। ଫ୍ଲୋରିଡାର କେପ କାନଭେରାଲ ସ୍ପେସ୍ ଫୋର୍ସ ଷ୍ଟେସନରୁ ବୋଇଙ୍ଗ ଷ୍ଟାରଲାଇନର ମହାକାଶ ଯାନ ଯୋଗେ ସ୍ପେଶ୍ ଷ୍ଟେସନରେ ପଦାର୍ପଣ କରିଥିଲେ। ୫୯ ବର୍ଷୀୟ ୱିଲିୟମ୍ସଙ୍କ ଏହା ଥିଲା ତୃତୀୟ ମହାକାଶ ଯାତ୍ରା। କିନ୍ତୁ ଯାନ୍ତ୍ରୀକ ତ୍ରୁଟି କାରଣରୁ ସେ ସେଠାରୁ ଫେରି ପାରୁନାହାନ୍ତି। ଆସନ୍ତା ବର୍ଷ ଫେବୃଆରୀରେ ଉଭୟ ପୃଥିବୀକୁ ଫେରିବେ ବୋଲି ନାସା ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଟ୍ରେନ୍ ଦୁର୍ଘଟଣା ଲାଗି ଆଉ ଏକ ଷଡଯନ୍ତ୍ର

**ଲକ୍ଷ୍ନୌ, ୭।୧୦:** ଟ୍ରାକ୍‌ରେ ପଡ଼ିଥିଲା ଗଦା ଗଦା ମାଟି। ମାଟି ଏତେ ପଡ଼ିଥିଲା ଯେ ଟ୍ରାକ୍‌ର ଚିହ୍ନବର୍ଣ୍ଣ ବି ଦେଖା ଯାଉ ନ ଥିଲା। ଏପରି ସମୟରେ ଉକ୍ତ ଟ୍ରାକ୍‌ରେ ଯାଉଥିବା ଏକ ଟ୍ରେନ୍‌ଟି ହଠାତ୍ ବ୍ରେକ୍ ମାରିଥିଲା। ଫଳରେ ଏକ ନିଶ୍ଚିତ ଦୁର୍ଘଟଣା ଟଳି ଯାଇଛି। ଏପରି ଏକ ଘଟଣା ଗତ ରାତିରେ ଉତ୍ତରପ୍ରଦେଶର ରାୟବରେଲିରେ ଘଟିଛି। ରାୟବରେଲି ଜିଲ୍ଲାର ରଘୁରାଜ ସିଂହ ରେଲୱେ ଷ୍ଟେଶନ ନିକଟ ଟ୍ରାକ୍‌ରେ ଗତ ରାତିରେ ଟ୍ରାକ୍‌ରେ ମାଟି ଗଦା ହୋଇଥିଲା। ଉକ୍ତ ଟ୍ରାକ୍ ଦେଇ ଯାଉଥିବା ରାୟବରେଲି ରଘୁରାଜପୁର ଶଟଲ ଟ୍ରେନ୍ ଚାଳକ ଏହା ଦେଖି ଏମରଜେନ୍ସି ବ୍ରେକ୍ ମାରିଥିଲେ। ଫଳରେ ଟ୍ରେନ୍‌ଟି ଅଟକି ଯାଇଥିଲା। ଏହାପରେ ତୁରନ୍ତ ରେଲୱେ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଟ୍ରାକ୍‌ରୁ ମାଟି ସଫା କରାଯିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରତ୍ୟକ୍ଷଦର୍ଶୀୟଙ୍କ ସୂଚନା ଅନୁଯାୟୀ, ନିକଟରେ ରାସ୍ତା ନିର୍ମାଣ କାମ ଚାଲୁ ରହିଛି। ତେଣୁ ଗାଡ଼ିରେ ମାଟି ବୁହା ଯାଉଛି। ଗତ ସନ୍ଧ୍ୟାରେ ଏକ ଡମ୍ପର ମାଟି ବୋଝେଇ କରି ଆଣି ଟ୍ରାକ୍‌ରେ ପକାଇ ଦେଇଥିଲା। ଏହାପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରି ଡମ୍ପର ଚାଳକଙ୍କୁ ଖୋଜୁଛି।

# ବିରାଟଙ୍କ ରେକର୍ଡ ଭାଙ୍ଗିଲେ ପାଣ୍ଡ୍ୟା



**ଗ୍ୱାଲିୟର, ୭।୧୦:** ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି ଟିମ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ସେ ବିରାଟ କୋହଲିଙ୍କ ବିରଳ ରେକର୍ଡକୁ ଅତିକ୍ରମ କରି ଯାଇଛନ୍ତି। ଏବେ ସେ ଛକା ମାରି ଭାରତ ପାଇଁ ମ୍ୟାଚ ଶେଷ କରିଥିବା ଖେଳାଳିଙ୍କ ତାଲିକାର ୧ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ପୂର୍ବରୁ ବିରାଟ କୋହଲିଙ୍କ ନାଁରେ ଏହି ରେକର୍ଡ ରହିଥିଲା। କିନ୍ତୁ ବାଂଲାଦେଶ ବିପକ୍ଷ ପ୍ରଥମ ଟି-୨୦ରେ ପାଣ୍ଡ୍ୟା ଛକା ମାରି ମ୍ୟାଚ୍ ଶେଷ କରିବା କ୍ଷଣି ତାଙ୍କ ନାଁରେ ନୂଆ ରେକର୍ଡ ଯୋଡ଼ି ହୋଇଯାଇଛି।

ଗ୍ୱାଲିୟରରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଦେଖିବାକୁ ମିଳିଛି। ବୋଲିଂ ବେଳେ ସେ ୪ ଓଭରରେ ମାତ୍ର ୨୬ ରନ ଦେଇ ଗୋଟିଏ ୱିକେଟ ଦଖଲ କରିଛନ୍ତି। ତାଙ୍କ ବୋଲିଂ ଇକୋନୋମି ୬.୫୦ ରହିଥିଲା। ବାଂଲାଦେଶ ୧୨୭ରେ ଅଟକିବା ପରେ ଭାରତ ଚେଜ ଆରମ୍ଭ କରିଥିଲା। ୧୨୮ ରନର ପିଛା କରୁଥିବା ଭାରତ ପାଇଁ ଫିନିଶିଂ ଟଚ୍ ଦେଇଥିଲେ ପାଣ୍ଡ୍ୟା। ସେ ମାତ୍ର ୧୬ ବଲରେ ବିସ୍ଫୋରକ ୩୯ ରନର ଇନିଂସ ଖେଳିଥିଲେ। ଏଥିରେ ୪ଟି ଚୌକା ଓ ୨ଟି ଛକା ମାରିଛନ୍ତି। ତାଙ୍କ ଇନିଂସର ସବୁଠାରୁ ବଡ଼ ଉପଲବ୍ଧ ଥିଲା ନୋ ଲୁକ ରାମ୍ପ ଶଟ। ସେ ଏହାକୁ ୱିକେଟ କିପରଙ୍କ ମୁଣ୍ଡ ଉପରେ ଶଟ ମାରି ନିଜ ଜଲୱା ଦେଖାଇଥିଲେ। ନିଜ ଶକ୍ତି ଉପରେ ଭରସା ରଖି ହାର୍ଦ୍ଦିକ ଅତି ସହଜରେ ବଲକୁ ବାଉଣ୍ଡରୀକୁ ପଠାଇ ଦେଇଥିଲେ। ଏହାପରେ ସେ ୫ମ ଥର ପାଇଁ ଛକା ମାରି ଭାରତକୁ ବିଜୟ କରାଇଥିଲେ। ବିରାଟ ୪ ଥର ଛକା ମାରି ଭାରତକୁ ଟି-୨୦ କ୍ରିକେଟର ଜିତାଇଥିଲେ।



ସୁଲତାନ ଜୋହର କପ୍

# ଭାରତୀୟ ଦଳରେ ଓଡ଼ିଶାରୁ ୩

**ଭୁବନେଶ୍ୱର, ୭।୧୦:** ସୁଲତାନ ଜୋହର କପ୍ ହକି ପ୍ରତିଯୋଗିତା ଲାଗି ଭାରତୀୟ କନିଷ୍ଠ ଦଳ ରବିବାର ଘୋଷିତ ହୋଇଛି। ଏହି ୧୮ ଜଣିଆ ଦଳରେ ଓଡ଼ିଶାରୁ ୩ ଜଣ ଖେଳାଳି ଅନମୋଲ ଏକ୍କା, ମୁକେଶ ଟୋପ୍ପୋ, ରୋଶନ କୁଜୁର ସ୍ଥାନ ପାଇଛନ୍ତି। ଦଳର ନେତୃତ୍ୱ ଭାର ଅମିର ଅଲ୍ଲୀଙ୍କୁ ମିଳିଥିଲା ବେଳେ ରୋହିତ ଉପଅଧିନାୟକ ଅଛନ୍ତି। ସୁଲତାନ ଜୋହର କପ୍‌ର ଦ୍ୱାଦଶ ସଂସ୍କରଣ ମାଲେସିଆରେ ଚଳିତ ମାସ ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତ ଉଦ୍‌ଘାଟନୀ ଦିବସରେ ଜାପାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ୨୦ରେ ଗ୍ରେଟ୍‌ବ୍ରିଟେନ୍, ୨୨ରେ ମାଲେସିଆ, ୨୩ରେ ଅଷ୍ଟ୍ରେଲିଆ, ୨୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଲିଗ୍ ମ୍ୟାଚ୍ ଖେଳିବ। ଗ୍ରୁପ୍ ପର୍ଯ୍ୟାୟର ଶୀର୍ଷ ଦୁଇ ଦଳ ୨୬ ତାରିଖ ଫାଇନାଲ୍‌ରେ ମୁହାଁମୁହିଁ ହେବେ।

**ଭାରତୀୟ ଦଳ:** ଗୋଲରକ୍ଷକ-ବିକ୍ରମଜିତ ସିଂହ, ଅଲ୍ଲୀ ଖାନ, ଡିଫେଣ୍ଡର-ଅମିର ଅଲ୍ଲୀ, ତାଲେମ ପ୍ରିୟବର୍ତ୍ତ, ଶର୍ଦାନନ୍ଦ ତିୱାରୀ, ସୁଖବିନ୍ଦର, ଅନମୋଲ ଏକ୍କା, ରୋହିତ, ମିଡ୍‌ଫିଲ୍ଡର-ଅଙ୍କିତ ପାଲ, ମନମୀତ ସିଂହ, ରୋଶନ କୁଜୁର, ମୁକେଶ ଟୋପ୍ପୋ, ଚନ୍ଦନ ଯାଦବ, ଫରୱାର୍ଡସ-ଗୁରଜୋଟ ସିଂହ, ସୌରଭ ଆନନ୍ଦ କୁଶୱା, ଦିଲରାଜ ସିଂହ, ଅର୍ଶଦୀପ ସିଂହ, ମହମ୍ମଦ କୋନୈ ଡାଡ୍।

# ଶ୍ରୀଜେଶ ଦିଲ୍ଲୀ ଏସ୍‌ଜି ପାଇପର୍ସ ଟିମ୍‌ର ମାର୍ଗଦର୍ଶକ



**ନୂଆଦିଲ୍ଲୀ, ୭।୧୦:** ୭ବର୍ଷର ବ୍ୟବଧାନ ପରେ ନୂଆ ରୂପ ଏବଂ ନୂତନ ଢାଞ୍ଚାରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଥିବା 'ହକି ଇଣ୍ଡିଆ ଲିଗ୍'କୁ ମିଳିଛି ତାରକାଙ୍କ ସମର୍ଥନ। ପ୍ୟାରିସ୍ ଅଲିମ୍ପିକ୍ସ ପରେ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଥିବା ଭାରତର ମହାନ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେଶ ଲିଗ୍‌ର ଅନ୍ୟତମ ନବାଗତ ଦଳ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳର ମାର୍ଗଦର୍ଶକ ନିଯୁକ୍ତ ହୋଇଛନ୍ତି। ଭାରତୀୟ ହକି ଦଳର ପୂର୍ବତନ ପ୍ରଶିକ୍ଷକ ଗ୍ରାହାମ ରିଡ୍ ଏବଂ ଭାରତୀୟ ମହିଳା ହକି ଦଳର ବୈଷୟିକ ଅନୁଶଳନ ପ୍ରଶିକ୍ଷକ ଡେଭ୍ ସ୍ମୋଲିନାର୍ସ ଯଥାକ୍ରମେ ଏହି ଫ୍ରାଞ୍ଚାଇଜର ପୁରୁଷ ଓ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ହକି ଇଣ୍ଡିଆ ଲିଗ୍‌ର ପରବର୍ତ୍ତୀ ସଂସ୍କରଣ ଚଳିତବର୍ଷ ଡିସେମ୍ବର ୨୮ ତାରିଖରୁ ଫେବ୍ରୁଆରି ପହିଲା ମଧରେ ଓଡ଼ିଶାର ରାଉରକେଲା ଏବଂ ଝାଡ଼ଖଣ୍ଡର ରାଞ୍ଚିରେ ଖେଳାଯିବ। ପୁରୁଷରେ ୮ ଏବଂ ମହିଳାରେ ୬ଦଳ ପ୍ରତିଦ୍ୱନ୍ଦ୍ୱିତା କରିବେ। ପୁରୁଷ ଲିଗ୍‌ର ସମସ୍ତ ୮ଟି ଯାକ ଦଳର ନାଁ ଓ ସହର ଘୋଷଣା କରାଯାଇ ସାରିଥିଲା ବେଳେ ମହିଳା ଦଳର ୪ଟି ଦଳର ନାଁ ଘୋଷଣା କରାଯାଇଛି। ଆଗାମୀ ସମୟରେ ଆଉ ଦୁଇଟି ମହିଳା ଦଳର ନାଁ ଘୋଷଣା କରାଯିବ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ଲିଗ୍ ପାଇଁ ୩୬୪୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ଜଣାପଡ଼ିଛି।

# ଡିଭିଲିୟର୍ସଙ୍କ ବୟାନକୁ ନେଇ ଚର୍ଚ୍ଚା

# ଆର୍‌ସିବିରେ ଯୋଗଦେବେ କି ରୋହିତ



**ନୂଆଦିଲ୍ଲୀ, ୭।୧୦:** ଆଇପିଏଲ୍ ୨୦୨୫ ପାଇଁ ମେଗା ନିଲାମ ଯେତିକି ପାଖେଇ ଆସୁଛି, ଖେଳାଳିମାନଙ୍କୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ଜୋର ଧରିଛି। ଆଇପିଏଲ ମେଗା ନିଲାମରେ ଷ୍ଟାର ବ୍ୟାଟ୍ସମ୍ୟାନ୍ ରୋହିତ ଶର୍ମାଙ୍କ ଉପରେ ସସପେନ୍ସ ଜାରି ରହିଛି। ଗତ ଆଇପିଏଲ୍ ସିଜନରେ ରୋହିତ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକତ୍ୱରୁ ବଞ୍ଚିତ ହୋଇଥିଲେ ଏବଂ ଫ୍ରାଞ୍ଚାଇଜ୍ ଗୁଜୁରାଟ ଟାଇଟାନ୍ସରୁ ଆସିଥିବା ହାର୍ଦ୍ଦିକଙ୍କୁ ନୂତନ ଅଧିନାୟକ କରାଯାଇଥିଲା। ତେବେ ହାର୍ଦ୍ଦିକଙ୍କୁ ଅଧିନାୟକ କରିବା ନିଷ୍ପତ୍ତି ପରେ ପ୍ରଶଂସକମାନେ କ୍ରୋଧିତ ହୋଇଥିଲେ। ହାର୍ଦ୍ଦିକଙ୍କୁ ଷ୍ଟାଡିୟମରେ ଟ୍ରୋଲର ଶିକାର ହେବାକୁ ପଡ଼ିଲା ଏବଂ ହାର୍ଦ୍ଦିକଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଦଳର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ଥିଲା। ଏହା ପରେ ଅନେକ ରିପୋର୍ଟରେ କୁହାଯାଇଥିଲା ଯେ ରୋହିତ ଏବଂ ହାର୍ଦ୍ଦିକଙ୍କ ମଧ୍ୟରେ ସବୁକିଛି ଠିକ୍ ଚାଲିନାହିଁ।

ବର୍ତ୍ତମାନ ଆଇପିଏଲ୍ ୨୦୨୫ ନିଲାମ ପୂର୍ବରୁ ରୋହିତ ଶର୍ମା ନିଲାମରେ ପ୍ରବେଶ କରିପାରନ୍ତି ବୋଲି କଳ୍ପନାଜଳ୍ପନା ଚାଲିଛି। ନିକଟରେ ଭାରତୀୟ କ୍ରିକେଟର ମହମ୍ମଦ କୈଫ ମେଗା ନିଲାମ ସମୟରେ ଭାରତୀୟ ଅଧିନାୟକ ରୋହିତଙ୍କୁ କିଣିବାକୁ ଆରସିବିକୁ ଅପିଲ କରିଥିଲେ। ବର୍ତ୍ତମାନ ଆରସିବି କିମ୍ବଦନ୍ତୀ ଏବି ଡିଭିଲିୟର୍ସ ଏହି ପ୍ରସଙ୍ଗରେ ନିଜର ମତ ଦେଇଛନ୍ତି। ବାସ୍ତବରେ, ଏବି ଡିଭିଲିୟର୍ସ ଏକ ସାକ୍ଷାତକାରରେ କହିଛନ୍ତି ଯେ ରୋହିତ ଆରସିବିରେ ଯୋଗଦେବେ ବୋଲି ସେ ଭାବୁନାହାନ୍ତି।

ଏବି ଡି ଭିଲିୟର୍ସ କହିଛନ୍ତି ଯେ ଯେତେବେଳେ ମୁଁ ରୋହିତଙ୍କ ବିଷୟରେ ଏହି ଆଲୋଚନା ଶୁଣିଲି, ମୁଁ ବହୁତ ହସିଲି। ଯଦି ରୋହିତ ମୁମ୍ବାଇ ଇଣ୍ଡିଆନ୍ସରୁ ଆରସିବି ଯିବେ ତେବେ ଏହା ଏକ ବଡ ହେଡଲାଇନ ହେବ। ଗୁଜୁରାଟ ଟାଇଟାନ୍ସରୁ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇକୁ ଫେରିବାଠାରୁ ଏହା ଆହୁରି ବଡ ଖବର ହେବ। ମୁଁ ଭାବୁନାହିଁ ଏହା ସମ୍ଭବ । ରୋହିତ ଏମଆଇ ଛାଡିବାର କୌଣସି ସମ୍ଭାବନା ମୁଁ ଦେଖୁନାହିଁ। ମୁଁ ଏହାକୁ ଶୂନ କିମ୍ବା ୦.୧ ପ୍ରତିଶତ ସପୋର୍ଟ କରିବି

# ବରିଷ୍ଠ ପୁରୁଷ ରାଜ୍ୟ ହକି: ସୁନ୍ଦରଗଡ଼ ବିଜେତା




**ରାଉରକେଲା, ୭।୧୦:** ଏଠାରେ ଚାଲିଥିବା ବରିଷ୍ଠ ପୁରୁଷ ରାଜ୍ୟ ହକି ପ୍ରତିଯୋଗିତାରେ ସୁନ୍ଦରଗଡ଼ ବିଜେତା ହୋଇଛି। ଦଳ ଫାଇନାଲ ମ୍ୟାଚ୍‌ସାରା ଆଧିପତ୍ୟ ବିସ୍ତାରକରି ଏକ ସହଜ ବିଜୟହାସଲ କରିଛି। ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ସୁନ୍ଦରଗଡ଼ ଓ ପୂର୍ବତଟ ରେଳବାଇ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଶୈଳୀ ଆପଣେଇଥିଲେ, କିନ୍ତୁ ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ତେବେ ୪୦ତମ ମିନିଟ୍‌ରେ ସୁନ୍ଦରଗଡ଼ର ପ୍ରସାଦ ଆଉ ଏକ ଗୋଲ୍‌ଦେଇ ଦଳକୁ ବହୁପ୍ରତିକ୍ଷୀତ ୨-୧ ଗୋଲ୍‌ର ଅଗ୍ରଣୀ ଭେଟିଦେଇଥିଲେ। ଶେଷ କ୍ୱାର୍ଟରରେ ସୁନ୍ଦରଗଡ଼ର ରାହୁଲ ଏକ୍କା(୫୦ ଓ ୫୮) ଦୁଇଟି ଗୋଲ୍ ଦେଇ ବ୍ୟବଧାନକୁ ୪-୧ ଗୋଲକୁ ନେଇଥିଲେ। ମ୍ୟାଚ୍‌କୁ ଫେରିବାକୁ ପୂର୍ବତଟ ରେଳବାଇ ଖେଳାଳି କଡ଼ା ପ୍ରୟାସ କରିଥିଲେ ମଧ୍ୟ ସଫଳ ନହେବାରୁ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସୁନ୍ଦରଗଡ଼ ଦଳର ବିଜୁ ଏକ୍କା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବାବେଳେ ଶ୍ରେଷ୍ଠ ଫର୍‌ୱାର୍ଡ୍ ସୁନୀଲ ଟପ୍ପୋ(ପୂର୍ବତଟ ରେଳବାଇ), ଶ୍ରେଷ୍ଠ ଗୋଲ୍‌ରକ୍ଷକ ଦିଲୀପ କୁମାର ସା(ସୁନ୍ଦରଗଡ଼), ଶ୍ରେଷ୍ଠ ମିଡ୍‌ଫିଲ୍‌ଡର ସଞ୍ଜୟ କୁମାର ସୁରୀନ(ଦେବଗଡ଼), ଶ୍ରେଷ୍ଠ ଡିଫେଣ୍ଡର୍ କେରୋବିନ ଲାକ୍ରା(ଗାଙ୍ଗପୁର) ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା।

ପରସ୍କାର ବିତରଣୀ ଉତ୍ସବରେ ଏସିଏଫ୍ ସୌମ୍ୟ ରଞ୍ଜନ ଗୋଚ୍ଛାୟତ, ରାଉରକେଲା ସରକାରୀ ଡାକ୍ତରଖାନା ସୁପରିଟେଣ୍ଡେଣ୍ଟ୍ ଡା. ସୁଧା ପ୍ରଧାନ, ରାଜ୍ୟ କ୍ରୀଡ଼ା ବିଭାଗର ଉପ-ନିର୍ଦ୍ଦେଶକ ସୁଦୀପ୍ତ ନାୟକ, ଓଡ଼ିଶା ହକିର କୋଚିଂ ନିର୍ଦ୍ଦେଶକ ବି.ଜେ.କାରିଆପ୍ପା, ହକି ଓଡ଼ିଶା ସଂପାଦକ ସନାତନ ସାହୁ, ପାନପୋଷ କ୍ରୀଡ଼ା ଛାତ୍ରାବାସର ଓଏସ୍‌ଡି କେ.ସି.ଚଣ୍ଡୀଧୁରୀ, ଭରତ ଚନ୍ଦ୍ର ସାହୁ, ଲୁସିଲା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲାଲ ବାହିନୀକୁ ...

ଉଗ୍ରବାଦ ପ୍ରତି ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ଏବଂ ସରକାରୀ ଯୋଜନାଗୁଡ଼ିକର ଶତପ୍ରତିଶତ କାର୍ଯ୍ୟକାରିତା ସହିତ ଆମେ ଏଲ୍‌ଡବ୍ଲ୍ୟୁଇ ପ୍ରଭାବିତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ବିକଶିତ କରିବାକୁ ଚାହୁଁଛୁ। ନକ୍ସଲ ପ୍ରଭାବିତ ଅଞ୍ଚଳରେ ଆଇନର ଶାସନ ପ୍ରତିଷ୍ଠା, ହିଂସାତ୍ମକ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ବନ୍ଦ ଓ ଦୀର୍ଘ ନକ୍ସଲ ଆନ୍ଦୋଳନ ଯୋଗୁଁ ବିକାଶରୁ ବଞ୍ଚିତ ଅଞ୍ଚଳର କ୍ଷୟକ୍ଷତିକୁ ଶୀଘ୍ର ଭରଣା କରିବା ପାଇଁ ପଦକ୍ଷେପ ନିଆଯାଉଛି। ନକ୍ସଲବାଦ କେବଳ ଆଦିବାସୀ ଅଂଚଳର ବିକାଶରେ ସବୁଠାରୁ ବଡ ବାଧକ ନୁହେଁ ବରଂ ମାନବିକତାର ଶତ୍ରୁ ଏବଂ ମାନବିକ ଅଧିକାରର ସବୁଠାରୁ ବଡ ଉଲ୍ଲଂଘନକାରୀ। ୮ କୋଟି ଲୋକଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରିବା ମାନବିକ ଅଧିକାରର ବଡ଼ ଉଲ୍ଲଂଘନ। ନକ୍ସଲ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମାସକରେ ଥରେ ଓ ପୋଲିସ ମହାନିର୍ଦ୍ଦେଶକମାନେ ୧୫ ଦିନରେ ଥରେ ନକ୍ସଲ ବିରୋଧୀ ଅଭିଯାନର ସମୀକ୍ଷା କରିବାକୁ ଶ୍ରୀ ଶାହ ପରାମର୍ଶ ଦେଇଛନ୍ତି।

ଶ୍ରୀ ଶାହ କହିଛନ୍ତି, ୨୦୧୪ରୁ ୨୦୨୪ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ବ୍ୟୟ ଯୋଜନାରେ ପ୍ରାୟ ୩ ଗୁଣ ବୃଦ୍ଧି କରାଯାଇ ୩୦୦୬ କୋଟି ଟଙ୍କା କରାଯାଇଛି। ୨୦୦୪ରୁ ୨୦୧୪ ମଧ୍ୟରେ ୬୬ଟି ଫୋର୍ଟିଫାଏଡ୍ ଥାନା ନିର୍ମାଣ ହୋଇଥିବା ବେଳେ ୨୦୧୪ରୁ ୨୦୨୪ ମଧ୍ୟରେ ୫୪୪ଟି ଫୋର୍ଟିଫାଏଡ୍ ଥାନା ନିର୍ମାଣ କରାଯାଇଛି। ଗତ ୧୦ ବର୍ଷମଧ୍ୟରେ ରାସ୍ତା ନିର୍ମାଣ ୧୪,୪୦୦ କିଲୋମିଟରକୁ ବୃଦ୍ଧି ପାଇଛି। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଗତ ୧୦ ବର୍ଷ ମଧ୍ୟରେ ମୋବାଇଲ ସଂଯୋଗ ପାଇଁ କୌଣସି ପ୍ରୟାସ କରାଯାଇ ନଥିବା ବେଳେ ୨୦୧୪ରୁ ୨୦୨୪ ମଧ୍ୟରେ ୬୦୦୦ ଟାୱାର ସ୍ଥାପନ କରାଯାଇଛି ଏବଂ ୩୫୫୧ଟି ଟାୱାରକୁ ୪ଜିରେ ପରିଣତ କରିବା କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ୨୦୧୪ ପୂର୍ବରୁ ମାତ୍ର ୩୮ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆରଏସ୍) ଅନୁମୋଦନ ମିଳିଥିବା ବେଳେ ଏବେ ଗତ ୧୦ ବର୍ଷ ମଧ୍ୟରେ ୨୧୬ଟି ବିଦ୍ୟାଳୟକୁ ଅନୁମୋଦନ ମିଳିଥିବା ବେଳେ ସେଥିମଧ୍ୟରୁ ୧୬୫ଟି ଇଏମ୍‌ଆର୍ ସ୍କୁଲ ପ୍ରତିଷ୍ଠା ହୋଇଛି। ୨୦୦୪ରୁ ୨୦୧୪ ମଧ୍ୟରେ ୧୦ ବର୍ଷ ମଧ୍ୟରେ ୧୬,୪୬୩ ଟି ହିଂସାକାଣ୍ଡ ଘଟିଥିଲା ଯାହା ବର୍ତ୍ତମାନ ପ୍ରାୟ ୫୩% ହ୍ରାସ ପାଇ ୭୭୦୦କୁ ହ୍ରାସ ପାଇଛି । ସେହିପରି ସାଧାରଣ ନାଗରିକ ଓ ସୁରକ୍ଷା ବାହିନୀର ମୃତ୍ୟୁ ସଂଖ୍ୟା ୭୦ ପ୍ରତିଶତ ହ୍ରାସ ପାଇଥିବା ବେଳେ ୯୬ଟି ଜିଲ୍ଲାରେ ହିଂସା କାଣ୍ଡ ୫୭ ପ୍ରତିଶତ ହ୍ରାସ ପାଇ ୧୬ରେ ପହଞ୍ଚିଛି। ଏହି ସଫଳତା ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମର ଫଳ ବୋଲି ଶ୍ରୀ ଶାହା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମକୁ ଏହାକୁ ଅଧିକ ସଂକଳ୍ପ ଏବଂ ଉତ୍ସାହ ସହିତ ଆଗକୁ ନେବାକୁ ପଡିବ।

ନକ୍ସଲବାଦ ବିରୋଧରେ ଛତିଶଗଡ଼ରେ ହାସଲ କରିଥିବା ସଫଳତା ଆମ ସମସ୍ତଙ୍କୁ ପ୍ରେରଣା ଦେଉଛି ବୋଲି ଶ୍ରୀ ଶାହ କହିଛନ୍ତି। ସେ କହିଛନ୍ତି, ୨୦୧୯ରୁ ସୁରକ୍ଷା ଜନିତ ଅଭାବ ପୂରଣ କରିବା ପାଇଁ ୨୮୦ ନୂଆ ଶିବିର ପ୍ରତିଷ୍ଠା କରାଯାଇଛି, ୧୫ଟି ନୂତନ ଯୁଗ୍ମ ଟାସ୍କ ଫୋର୍ସ ଗଠନ କରାଯାଇଛି ଏବଂ ବିଭିନ୍ନ ରାଜ୍ୟରେ ରାଜ୍ୟ ପୋଲିସକୁ ସହାୟତା କରିବା ପାଇଁ ୬ଟି ସିଆର୍‌ପିଏଫ୍ ବାଟାଲିୟନ ମୁତୟନ କରାଯାଇଛି । ଏହା ସହ ନକ୍ସଲଙ୍କୁ ପାଣ୍ଠି ଯୋଗାଣ ରୋକିବା ପାଇଁ ଏନଆଇଏକୁ ସକ୍ରିୟ କରି ଆକ୍ରମଣାତ୍ମକ ରଣନୀତି ଗ୍ରହଣ କରାଯାଇଛି। ଫ୍ଲାଗସିପ୍ ଯୋଜନା ବ୍ୟତୀତ ମୋଦୀ ସରକାର ସଡ଼କ ଯୋଗାଯୋଗ, ଦୂରସଂଚାରରେ ଉନ୍ନତି, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପୋଷଣ ଭଳି ପ୍ରମୁଖ ବିକାଶ କ୍ଷେତ୍ର ଉପରେ ଗୁରୁତ୍ୱ ଦେଇଛନ୍ତି, ଯାହାର ସକାରାତ୍ମକ ଫଳାଫଳ ମିଳିଛି । ଅକ୍ଟୋବର ୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାଡ଼ଖଣ୍ଡ ମାଟିରୁ 'ଧର୍ତି ଆବା ଜନଜାତିଆ ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଦ୍ୱାରା ମାଓ ପ୍ରଭାବିତ ଅଞ୍ଚଳର ପ୍ରାୟ୧.୫ କୋଟି ଲୋକ ଉପକୃତ ହେବେ । ମୋଦୀ ସରକାର ୩-ସି ଅର୍ଥାତ୍ ସଡ଼କ ସଂଯୋଗ, ମୋବାଇଲ ସଂଯୋଗ ଏବଂ ଆର୍ଥିକ ସଂଯୋଗକୁ ସୁଦୃଢ଼ କରୁଛନ୍ତି।

### ୧୨ କଂପାନୀ...

ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟର ନକ୍ସଲ ସ୍ଥିତି ସଂପର୍କରେ ତଥ୍ୟ ଦେବା ସହିତ ନକ୍ସଲ ମୁକାବିଲା ଲାଗି ଦୁଇ ଗୁରୁତ୍ୱପୂର୍ଣ୍ଣ ଦାବି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଯୋଗ ଦେଇଛନ୍ତି। ବୈଠକ ଅବସରରେ ଶ୍ରୀ ମାଝୀ କହିଛନ୍ତି, ନକ୍ସଲ ଅପରେସନ ତୀବ୍ର କରିବାକୁ ୧୨ କଂପାନୀ ଫୋର୍ସ ମାଗିଛୁ। ଅପରେସନରେ ସହାୟତା ପାଇଁ ଏକ ହେଲିକପ୍ଟର ମଧ୍ୟ ମାଗିଛୁ। ନକ୍ସଲ ପ୍ରଭାବିତ ଅଞ୍ଚଳରେ ବିକାଶମୂଳକ କାମ ପାଇଁ ସହଯୋଗ ଲୋଡ଼ାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଦାବିକୁ ଗୁରୁତର ସହ ନେଇ ବିଚାର କରିବାକୁ ସେ କଥା ଦେଇଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲ ମୁକ୍ତ ଟାର୍ଗେଟକୁ ନେଇ ଆମେ କାମ କରୁଛୁ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ୧୦ ମାଓ ପ୍ରବଣ ଜିଲ୍ଲା ରହିଛି । ୪ରୁ ୫ ଜିଲ୍ଲାରେ ଅଧିକ ମାତ୍ରାରେ ମାଓ ଗତିବିଧି ରହିଛି। ଏହାକୁ ନେଇ ଅପରେସନ ତୀବ୍ର କରିବାକୁ ଅତିରିକ୍ତ କେନ୍ଦ୍ରୀୟ ଫୋର୍ସ ଓ ହେଲିକପ୍ଟର ଆବଶ୍ୟକ। ମାଓ ପ୍ରଭାବିତ ଅଞ୍ଚଳର ବିକାଶ କିଭଳି ହେବ ତାକୁ ନେଇ ସ୍ୱତନ୍ତ୍ର ଯୋଜନା କରାଯାଇଛି । ତା' ସହ ଟାର୍ଗେଟ ମଧ୍ୟ ଫିକ୍ସ କରାଯାଇଛି। ରାଜ୍ୟ ସରକାରଙ୍କ ୪୦ ଲୋକାଭିମୁଖୀ ଯୋଜନାକୁ ଏକ କରାଯାଇଛି। ତାକୁ 'ଗ୍ରାମୋଦୟ' ଯୋଜନା ନାଁରେ ନାମକରଣ କରାଯାଇଛି। ଗ୍ରାମୋଦୟ ଯୋଜନା ମାଧ୍ୟମରେ ୪୦ ସ୍କିମକୁ ଏକ କରି ମାଓ ଅଞ୍ଚଳର ବିକାଶ ହେବ।

### ଟାଟା ପାୱାରର...

ଜୋନ୍‌ରେ ବିଭକ୍ତ କରି ବିଦ୍ୟୁତ୍ ବିତରଣ ନିଜ ହାତରେ ରଖିଥିଲେ । ଲାଭ ବି କରୁଥିଲେ। ବିତରଣରେ ସେଭଳି କୌଣସି ସମସ୍ୟା ନଥିଲା । ସରକାରୀ ସଂସ୍ଥା ଉପରେ ବି ଲୋକଙ୍କର ଭରସା ଥିଲା । ତେବେ ହଟାତ୍ ଟାଟା ପାୱାରକୁ ୫୧ ପ୍ରତିଶତ ଅଂଶଧନ ବିକିଦେଲେ । ଟାଟାପାୱାର ଠାରୁ ମିଳିଥିବା ୧୭୮ କୋଟି ଟଙ୍କାକୁ ସେସୁ ବାକି ସୁଝିବା ଆଳରେ ଗ୍ରିଡ୍‌କୋକୁ ଦେଇଦେଲା । ସେତେବେଳେ ଏସବୁ କାମ ଏଭଳି ଚତୁରତାର ସହ ହେଲା ଯେ କେହି ଟେର୍ ସୁଦ୍ଧା ପାଇଲେ ନାହିଁ । ଯେଉଁମାନେ ଜାଣିଲେ ସେମାନଙ୍କ ମୁହଁ ବନ୍ଦ କରିଦିଆଗଲା।

ଅଳ୍ପ କିଛି ଟଙ୍କା ବଦଳରେ ୫୧ ପ୍ରତିଶତ ଅଂଶଧନ ହାତେଇବା ପରେ ଟାଟା ପାୱାର ଧିରେ ଧିରେ ଏବେ ତାହାର ଅସଲ ରୂପ ଦେଖାଇବାରେ ଲାଗିଛି । କମ୍ପାନୀର ଛତା ତଳେ ଅଣଓଡିଆମାନେ ପ୍ରବେଶ କରିବାରେ ଲାଗିଛନ୍ତି । ଏପରିକି ବିଦ୍ୟୁତ୍ କମ୍ପାନୀପାଇଁ ରାସ୍ତାକଡରୁ ଗଛଡାଳ କାଟୁଥିବା କର୍ମଚାରୀ ବି ଅଣଓଡିଆ । କମ୍ପାନୀର ଉପର ପାହ୍ୟାରେ ବସିଥିବା ଅନେକ ବାବୁ ଓଡିଆରେ କଥା ହୋଇ ପାରୁନାହାନ୍ତି । ସବୁ ବାହାରୁ ଆସିଛନ୍ତି।

ଇତି ମଧ୍ୟରେ ଟାଟା ପାୱାର ଘରେ ଘରେ ଲଗାଉଥିବା ଡିଜିଟାଲ ମିଟରରେ ଅତିଷ୍ଠ ହୋଇ ବରଗଡ ଜିଲ୍ଲାର ହଜାର ହଜାର ଲୋକେ ନିଜ ନିଜ ଘରର ମିଟରକୁ ତାଡି ଆଣି କମ୍ପାନୀ ଅଫିସ୍‌ରେ ଫୋପାଡି ଦେଇଛନ୍ତି । ଏହି ମିଟର ନିଆଁ ପଶ୍ଚିମରୁ ଏବେ ଦକ୍ଷିଣରେ ପହଞ୍ଚିଛି । ସେଠାରେ ବି ଲୋକେ ନିଜ ଘରେ ଲାଗିଥିବା ଡିଜିଟାଲ ମିଟରକୁ ଓପାଡିବାରେ ଲାଗିଛନ୍ତି । ଉପକୂଳ ଜିଲ୍ଲାର ହିତାଧିକାରୀମାନେ ବି ଡିଜିଟାଲ ମିଟର ବିରୁଦ୍ଧରେ ସ୍ୱର ଉଠାଇଲେଣି।

ଟାଟା ପାୱାର କର୍ତ୍ତୃପକ୍ଷ କାହା କଥାକୁ କର୍ଣ୍ଣପାତ କରୁନାହାନ୍ତି । ଡିଜିଟାଲ ମିଟରକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ବଢୁଥିବବେଳେ କମ୍ପାନୀ କର୍ତ୍ତୃପକ୍ଷ ଏବେ ପ୍ରିପେଡ୍ ମିଟର ଲଗାଇବା ଆରମ୍ଭ କରିଛନ୍ତି । ଗ୍ରାହକମାନଙ୍କ କଥାକୁ ଶୁଣାଯାଉ ନାହିଁ । ଲୋକଙ୍କ ଠାରୁ ଆଗୁଆ ପଇସା ନେବାପାଇଁ ଟାଟା ପାୱାର ଏବେ ସହରାଞ୍ଚଳରେ ଜାଲ ବିଛାଇବାରେ ଲାଗିଛି । ସେଥିରେ ସଫଳ ହେଲେ ଏହି ବ୍ୟବସ୍ଥା ଗାଁ ଗଣ୍ଡାକୁ ନେବ । ଲୋକେ ଆଗକୁ ପଇସା ଦେଇ କମ୍ପାନୀକୁ ସଲାମ କରିବାକୁ ବାଧ୍ୟ ହେବେ।

### କୋଟିଏ ...

ହେବ ବୋଲି ଶ୍ରୀମତୀ ପରିଡ଼ା କହିଥିଲେ। ଆଜି ଏହା ପ୍ରମାଣିତ ହୋଇଛି। ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରାଙ୍କ କ୍ଷେତ୍ର ବାରିପଦାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ପ୍ରଦାନ କରିବେ। ଏଥିପାଇଁ ବାରିପଦାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଯେଉଁମାନଙ୍କ ବ୍ୟାଙ୍କ ଖାତା ଠିକ୍ ଥିବ ସେମାନଙ୍କୁ ଟଙ୍କା ମିଳିବ। ଆଧାରକାର୍ଡ, ବ୍ୟାଙ୍କ ଆକାଉଣ୍ଟ ସହ ମୋବାଇଲ ଲିଙ୍କ ହୋଇଥିଲେ ଟଙ୍କା ମିଳିବ। ନିୟମାବଳୀକୁ ପୂରଣ କରୁଥିବା ମଧ୍ୟ ଦରକାର। କିଛି ମହିଳାଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଟଙ୍କା ଆସି ନ ଥିଲା। ଯେଉଁ ଯୋଗ୍ୟ ହିତାଧିକାରୀ ଏଥର ବି ବାଦ୍ ପଡ଼ିବେ ସେମାନଙ୍କୁ ମାର୍ଚ୍ଚ ୮ ତାରିଖ ସୁଦ୍ଧା ଟଙ୍କା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏହା ସହ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି, ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତା ସଚଳ ଅଛି କି ନାହିଁ ତାହା ପରୀକ୍ଷା କରିବା ସହ ସ୍ୱଚ୍ଛତା ଅନୁଧ୍ୟାନ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରୀକ୍ଷାମୂଳକ ଭାବେ ଏକ ଟଙ୍କା ପଠାଇଯିବାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଏପରି କିଛି ବ୍ୟବସ୍ଥା ଏଯାବତ ଆରମ୍ଭ କରାଯାଇନାହିଁ। ସୋସାଲ ମିଡିଆରେ ଚାଲୁଥିବା ଏହି ମିଥ୍ୟା ଖବର ଦ୍ୱାରା ଭ୍ରମିତ ନ ହେବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଅନୁରୋଧ କରାଯାଉଛି। ଉକ୍ତ ଯୋଜନା ସମ୍ବନ୍ଧୀୟ ସମସ୍ତ ଅପଡେଟ ଖବର ପାଇଁ 'ସୁଭଦ୍ରା'ର ଅଫିସିଆଲ ୱେବ୍‌ସାଇଟ କିମ୍ବା ଅଫିସିଆଲ ସୋସାଲ ମିଡିଆକୁ ଅନୁସରଣ କିମ୍ବା ଟୋଲ ଫ୍ରୀ ନମ୍ବର (୧୪୬୭୮)କୁ କଲ କରିବାକୁ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଯେ ବିଜେଡି ସରକାରର ଏଭଳି ଅଂଶଧନ ବିକ୍ରି ସଂକ୍ରାନ୍ତରେ ବିଜେପି ସରକାର ମୁହଁ ଖୋଲୁ ନାହାନ୍ତି । ବରଂ ଲୋକେ ମିଟର ଫେରାଇବାକୁ ନେଇ ସେମାନଙ୍କୁ ଚେତାବନୀ ଦେଇଛନ୍ତି । ସରକାରଙ୍କ ସମର୍ଥନ ନଥିଲେ ବି ଲୋକେ ସେମାନଙ୍କ ବଳରେ ପ୍ରତିବାଦକୁ ଜୋରଦାର କରୁଛନ୍ତି । ତେବେ ଅଂଶଧନ ଖରିଦ ସମୟରେ ଯେଉଁମାନେ ଗଡଫାଦର ସାଜିଥିଲେ ସେମାନେ କୁଆଡେ ଏବେ ନେପଥ୍ୟରେ ରହି ଟାଟା ପାୱାରକୁ ସୁରକ୍ଷା ଦେଉଥିବା ଆଲୋଚନା ହେଉଛି । ତେବେ ମୋହନ ସରକାର କେବେ ଟାଟା ପାୱାରର ଗଡଫାଦରମାନଙ୍କୁ ପରଦା ପଛରୁ ଭିଡି ଆଗକୁ ଆଣୁଛନ୍ତି ତାହାକୁ ରାଜ୍ୟବାସୀ ଅପେକ୍ଷା କରିଛନ୍ତି।

### ସେତେବେଳେ...

ଅଧୀନରେ ଥିବା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଏହା ଲାଗୁ ହେବ। ପୂର୍ବ ସରକାର ମଧ୍ୟ ଏମିତି ରଙ୍ଗ ବଦଳାଇ ମାଇଲେଜ ନେବାକୁ ଚେଷ୍ଟା କରିଥିଲା ଆଉ ତାର ପରିଣାମ ଏବେ ଭୋଗୁଛନ୍ତି ସମ୍ପୃକ୍ତ ଦଳର ନେତାମାନେ। ପ୍ରାୟ ବର୍ଷ ତଳେ ସାରା ରାଜ୍ୟକୁ ସବୁଜମୟ କରିବାକୁ ବିଜେଡି ସବୁ ସରକାରୀ କୋଠାକୁ ହାଲୁକା ସବୁଜ ଓ ଧଳା ରଙ୍ଗ ଦେଇଥିଲା। କାନ୍ଥବାଡ଼ ଯେଉଁଠି ପାଇଲା ସେଠି ସୌନ୍ଦର୍ଯ୍ୟକରଣ ନାଁରେ ସବୁଜ ରଙ୍ଗ ଲଗାଇ ପରୋକ୍ଷରେ ବିଜେଡିର ପ୍ରଚାର କରାଯାଉଥିଲା। ହେଲେ ଲୋକଙ୍କ ଆଖିକୁ ଏହା ଖଟକିଲା ଆଉ ବିଜେଡି ନିଜ ପ୍ରଚାର ସର୍ବସ୍ୱ ରାଜନୀତି ପାଇଁ ଏବେ ପସ୍ତାଉଛି।

ନୂଆ ସରକାର ମଧ୍ୟ ସେଇ ସମାନ ଢାଞ୍ଚା ଆପଣେଇଥିବା ଚର୍ଚ୍ଚା ହେଉଛି। ପ୍ରଥମେ ଓମଫେଡ, ତାପରେ ସ୍କୁଲ ୟୁନିଫର୍ମ ଆଉ ଏବେ ସରକାରୀ କୋଠାର ରଙ୍ଗ ବଦଳାଯାଉଛି। ବିଶେଷଜ୍ଞଙ୍କ ମତରେ ଓମଫେଡ ରଙ୍ଗ ବଦଳାଯିବା ଦ୍ୱାରା ଯଦିଓ ସରକାରୀ ତହବିଲ ଉପରେ ପ୍ରଭାବ ପଡୁନାହିଁ, ସରକାରୀ କୋଠା ଓ ୟୁନିଫର୍ମ ରଙ୍ଗ ବଦଳାଇବା ଦ୍ୱାରା ରାଜ୍ୟ ରାଜକୋଷ ଉପରେ ଅଜଥା ଚାପ ବଢ଼ିବ। ତିନି ମାସ ହେଲା ସରକାରକୁ ଆସିଥିବା ସରକାର ପାଇଁ ଏଭଳି ପ୍ରଚାର ସର୍ବସ୍ୱ ପ୍ରଶାସନ ଶୋଭଙ୍କର ନୁହେଁ। ବରଂ ସରକାର କିଭଳି ଲୋକଙ୍କ ବିଶ୍ୱାସଭାଜନ ଓ ନିକଟତର ହେବ ତାହା ହିଁ ଏକମାତ୍ର ପ୍ରାଥମିକତା ହେବା ଉଚିତ।

### ଦଶହରା...

ବଢ଼ିବାରେ ଲାଗିଛି। ଏକାସାଙ୍ଗରେ ଏମାନେ ଯୁବକଙ୍କ ସହ ବାର୍, ପବ୍ ଯାଉଛନ୍ତି । ନାଚ ଗୀତ କରୁଛନ୍ତି । ସେକ୍ସି ଡ୍ରେସ ପିନ୍ଧି ଗ୍ଲାସରେ ମଦ ଢାଳୁଛନ୍ତି । ଏଭଳି ବ୍ୟବହାର ପାଇଥିବା କିଛି ଯୁବକଙ୍କ କହିବା ମୁତାବକ ଜୀବନରେ ଆଉ କିଛି ଦରକାର ନାହିଁ । ତାଙ୍କ ଗାର୍ଲଫ୍ରେଣ୍ଡ ଠୁ ଅଧିକ ଏହି ଯୁବତୀ ମାନେ । ଭଲ ସର୍ଭିସ ଦେଉଛନ୍ତି। ଏଣୁ ଆଗକୁ ଏହାର ଡିମାଣ୍ଡ ବଢ଼ିବା ନିହାତି ଦରକାର ବୋଲି ସେମାନେ କହିଛନ୍ତି। ଆଗକୁ ପୁଣି ଦଶହରା । ଚାରିଆଡେ ଭିଡ଼ ।

ଏହାରି ଭିତରେ ପଟିଆ ଅଞ୍ଚଳରେ ବିଦେଶୀ ଯୁବତୀ ଉଚ୍ଚ ଶିକ୍ଷା ନାଁ ରେ ଆସି ଦେହବେପାରରେ ଲିପ୍ତ ରହୁଥିବା ଖବର ମିଳିଛି । କେନିଆ, ନାମ୍ବିଆ ଭଳି ରାଷ୍ଟ୍ର ରୁ ଯୁବତୀ ରାଜଧାନୀରେ ଉଚ୍ଚଶିକ୍ଷା ପାଇଁ ରହିବା ସହ ଦେହବେପାର ଓ ନିଶା କାରବାରରେ ଲିପ୍ତ ରହୁଛନ୍ତି । ଫରେନର ବା ବିଦେଶୀ ବାରମ୍ବାର ଏହି ଧନ୍ଦାରେ ଲିପ୍ତ ରହୁଥିବା ପୋଲିସ ଜାଣିବାକୁ ପାଉଥିଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏଯାବତ ନେଇପାରିନାହିଁ।

### ବିଜେଡିକୁ ...

ଅଭିଯୋଗ ଆଣିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ବିଜେଡିରେ ଥିବା ଅଭିଜ୍ଞ ରାଜନେତାମାନେ ଏଭଳି ନିଷ୍ପତ୍ତି ନେଉଛନ୍ତି ନାଁ ପୂର୍ବ ଫର୍ମୁଲାରେ କିଛି ଅଫିସର ଏହି ସ୍କ୍ରିପ୍ଟ ଲେଖୁଛନ୍ତି ତାହା ଏବେ ସନ୍ଦେହରେ । କାରଣ ବିଜେଡିରେ ଅନେକ ଅଭିଜ୍ଞ ନେତା ଅଛନ୍ତି ଯେଉଁମାନେ ବିରୋଧିଦଳର ଭୂମିକା ଠିକଣା ଭାବେ ନିର୍ବାହ କରିପାରିବେ। ହେଲେ କୌଣସି ଅଦୃଶ୍ୟ ଶକ୍ତିର ଚାପରେ ସେମାନେ ଯେଉଁଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି ଏହା ବିଜେଡିକୁ ଲାଭ ଦେଉ କି ନଦେଉ ମୋହନଙ୍କ ହାତମୁଠାକୁ କିନ୍ତୁ ଟାଣ କରିବାରେ ଲାଗିଛି ।

### ଭାଇରାଲ...

ଜଣକ ମହିଳାଙ୍କ ସହ ଖାଇବା ସହ ତାଙ୍କୁ ଖୁଆଇ ଦେଉଛନ୍ତି। ଭିଡିଓରୁ ଯାହା ଜଣାପଡୁଛି ବିଧାୟକ ଓ ତାଙ୍କ ବାନ୍ଧବୀ ନିଶାସକ୍ତ ଅବସ୍ଥାରେ ଅଛନ୍ତି। ଏହି ଭିଡିଓ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି।

ଏହି ଭିଡିଓରେ ଉଭୟଙ୍କ ମଧ୍ୟରେ ହେଉଥିବା କଥାବାର୍ତ୍ତାରୁ ଯାହା ଜଣାପଡୁଛି ମହିଳାଜଣକ ଅଳ୍ପ କିଛି ଦିନ ହେଲା ବିଧାୟକଙ୍କ ନିକଟତର ହୋଇଛନ୍ତି। ବାନ୍ଧବୀ ନିଜେ ଭିଡିଓ ଉତ୍ତୋଳନ କରୁଥିଲେ। ତେବେ ଏହି ଭିଡିଓ କେବେକାର ତାହା ଏଯାଏଁ ସ୍ପଷ୍ଟ ହୋଇନି। ଏବାବଦରେ ବିଧାୟକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରିନଥିଲା।

### ଓଏସ୍‌ଡି ନିଯୁକ୍ତି ...

ସେହିପରି ସେମାନଙ୍କ ନାଁରେ କୌଣସି ପ୍ରକାର ଭିଜିଲାନ୍ସ କିମ୍ବା ଫୌଜଦାରୀ ମାମଲା ନଥିବା ଆବଶ୍ୟକ। ସେମାନଙ୍କ ସିସିଆର/ପିଏଆରରେ କୌଣସି ପ୍ରକାର ନକାରାତ୍ମକ ମନ୍ତବ୍ୟ ନଥିବା ଆବଶ୍ୟକ।ସଂପୃକ୍ତ ବିଭାଗମାନଙ୍କୁ ଏହି ଗାଇଡଲାଇନକୁ କଡ଼ାକଡ଼ି ଭାବେ ମାନିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି।

## ନବରାତ୍ରିର ପଞ୍ଚମ ଦିନରେ ମା'ସୁରେଶ୍ୱରୀଙ୍କ ଭୈରବୀ ବେଶ

**ସୁବର୍ଣ୍ଣପୁର, ୭।୧୦ (ସଂଚାର ବ୍ୟୁରୋ) :** ମା' ସୁରେଶ୍ୱରୀ ଭୈରବୀ ବେଶ ଧାରଣ କରି ଭକ୍ତ ମାନଙ୍କୁ ଦର୍ଶନ ଦେଉଛନ୍ତି। ମାତାଙ୍କ ଏହି ସ୍ୱରୂପ ଦଶ ମହାବିଦ୍ୟା ମଧ୍ୟରେ ଏକ ପ୍ରମୁଖ ଅବତାର ଅଟେ ଏବଂ ଏହା ତ୍ରିପୁର ଭୈରବୀ ଭାବରେ ଖ୍ୟାତ ଅଟନ୍ତି।



ଦେବୀ ଭାଗବତ ପୁରାଣ ଅନୁସାରେ ମାତା ଭୈରବୀ ହେଉଛନ୍ତି ମାତା ପାର୍ବତୀଙ୍କର ଏକ ଉଗ୍ରରୂପ।ଯେତେବେଳେ ଦେବ ଦେବ ମହାଦେବ ଧ୍ୟାନମୁଦ୍ରାରେ ରହିଥିଲେ ତାଙ୍କର ଧ୍ୟାନଭଗ୍ନ କରିବାରେ ମାତା ବିଫଳ ହୋଇ ଏହିଭଳିଆ ଉଗ୍ରରୂପ ଧାରଣ କରିଥିବା କଥା ପୁରାଣରେ ବର୍ଣ୍ଣିତ ହୋଇଛି। ଯାହାକି ପରବର୍ତ୍ତୀ ସମୟରେ ତାହା ଜଗତକଲ୍ୟାଣ ନିମନ୍ତେ ମଙ୍ଗଳ ସାଧିତ ହୋଇ ପାରିଥିଲା।ହିନ୍ଦୁ ଧର୍ମର ମାନ୍ୟତା ଅନୁଯାୟୀ ମାତା ଭୈରବୀ ହେଉଛନ୍ତି ଏକ ପ୍ରମୁଖ ଦେବୀ ଏବଂ ମାତାଙ୍କୁ ତ୍ରିମୁର୍ତ୍ତିଙ୍କ ଠାରୁ ମଧ୍ୟ ଶ୍ରେଷ୍ଠତର ବୋଲି ବିବେଚନା କରାଯାଏ। ଆହୁରି ମଧ୍ୟ ଜଣାଯାଏ ନିଷ୍ଠା ଓ ଭକ୍ତି ର ସହ ଯେଉଁମାନେ ମାତାଙ୍କୁ ପୂଜା ଆରାଧନା କରିଥାନ୍ତି ମାତା ତାଙ୍କୁ ଅଭୂତପୂର୍ବ ଶକ୍ତି ଓ ସିଦ୍ଧି ପ୍ରଦାନ କରିଥାନ୍ତି। ଜୀବନର ଗତିପଥରେ ରହି ଆସୁଥିବା ଝଡଝଞ୍ଜାର ଅବସାନ ସହ ଏକ ଶ୍ରେଷ୍ଠ ମଣିଷ ଭାବରେ ଉନ୍ନତିର ମାର୍ଗ ପ୍ରଶସ୍ତର କୃପା ଆଶିଷ ପ୍ରଦାନ କରଥାନ୍ତି। ତେଣୁ ଅନେକ ଆଶା,ଭରସା ଓ କୃପା ଆଶିଷ ଟିକକ ପ୍ରାପ୍ତ ନିମନ୍ତେ ନବରାତ୍ରି ସମୟରେ ମା'ସୁରେଶ୍ୱରୀଙ୍କ ପୀଠରେ ଦୁରଦୁରାନ୍ତ ରୁ ଭକ୍ତଙ୍କ ସମାଗମ ରେ ପୀଠରେ ଗହଳି ଦେଖିବାକୁ ମିଳୁଛି। ବିଶେଷ କରି ମା'ସୁରେଶ୍ୱରୀ ଙ୍କ ପୀଠରେ ନବଦିନ ବ୍ୟାପି ଶପ୍ତଶତୀ ଚଣ୍ଡୀ ଯଜ୍ଞ ମଧ୍ୟ ଅନୁଷ୍ଠିତ ହେଉଥିବା ଯୋଗୁଁ ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ଅପୂର୍ବ ଭିଡ ଲାଗିରହିଛି।

### ମୁକୁଳା ଡ୍ରେନ୍‌ରେ ଭାସି ଶିଶୁ ମୃତ

# କାରଣ ଦର୍ଶାଅ ନୋଟିସ୍‌ରେ ସୀମିତ କାର୍ଯ୍ୟାନୁଷ୍ଠାନ

**ବ୍ରହ୍ମପୁର, ୭।୧୦ (ସଂଚାର ବ୍ୟୁରୋ) :** ବ୍ରହ୍ମପୁର ମୁକୁଳା ଡ୍ରେନ୍‌ରେ ପଡି ନାବାଳକ ମୃତ୍ୟୁ ମାମଲା ସାରା ରାଜ୍ୟରେ ଖୁବ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ବ୍ରହ୍ମପୁର ମହାନଗର ନିଗମ ମେୟର, କମିଶନରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ମଧ୍ୟ ଘଟଣାକୁ ଗୁରୁତର ସହ ନେଇ ମତ ରଖିଥିଲେ। ତେବେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ପାଇଁ କିଏ ଦାୟୀ ସେନେଇ ଅନେକ ପ୍ରଶ୍ନ ମଧ୍ୟ ଉଠିଥିଲା। ଅକାଳରେ ନିରୀହ ସ୍କୁଲ ଛାତ୍ରର ଜୀବନ ଯିବା ଘଟଣାରେ ବ୍ରହ୍ମପୁର ମହାନଗର ନିଗମର ଦାୟିତ୍ୱହୀନ ନୀତିକୁ ଦାୟୀ କରିଥିଲେ ସହରବାସୀ। ଯଦିଓ ବିଏମସି ଏବଂ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ମୃତ ନାବାଳକଙ୍କ ପରିବାର ବର୍ଗଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି କିନ୍ତୁ ଦୀର୍ଘ ଦିନ ପରେ ବି ଘଟଣା ପାଇଁ କିଏ ଦାୟୀ ସେକଥା ଆଉ ଚର୍ଚ୍ଚାକୁ ଆସୁନାହିଁ।

ଘଟଣା ଘଟିବା ପରେ ଲଗାତାର ବିଭିନ୍ନ ଗଣମାଧ୍ୟମରେ ବିଏମସିର ବେଖାତିର ନୀତି ନେଇ ଖବର ପ୍ରକାଶ ପାଇଥିଲା। ବିଏମସି କମିଶନର ମଧ୍ୟ ଆକ୍ସନ୍ ମୁଡ୍‌କୁ ଆସି ସହକାରୀ ଯନ୍ତ୍ରୀ ମିଥିଲେଶ ରଞ୍ଜନ ରଥଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଅଗଷ୍ଟ ୨୮ ତାରିଖରେ ବ୍ରହ୍ମପୁର ମହାନଗର ନିଗମ କମିଶନର ସହକାରୀ ଯନ୍ତ୍ରୀଙ୍କୁ ନୋଟିସ୍ ଜାରି କରିବା ସହ ଗତ ଜୁନ ମାସ ରୁ ଖୋଲମେଲା ଅବସ୍ଥାରେ ଥିବା ଡ୍ରେନ୍ ଗୁଡିକରେ ସିମେଣ୍ଟ ପ୍ଲେଟ୍ କିମ୍ବା ବ୍ୟାରିକେଟ୍ ବ୍ୟବସ୍ଥା କରିବାକୁ ଦିଆଯାଇଥିବା ନିର୍ଦ୍ଦେଶ ସତ୍ତ୍ୱେ କାହିଁକି ହୋଇନଥିଲା ଏବଂ ଘଟଣା ଘଟିବା ପରେ କାହିଁକି ଯନ୍ତ୍ରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବନି ସେନେଇ ପ୍ରଶ୍ନ କରିଥିଲେ। ଏଥିସହ ନୋଟିସ୍‌ର ୪୮ ଘଣ୍ଟା ମଧ୍ୟରେ ଏହାର ଉତ୍ତର ନଦେଲେ ଆବଶ୍ୟକ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସ୍ ରେ ଦର୍ଶାଇଥିଲେ କମିଶନର।



### ମିଳିମିଶି ଘଟଣାକୁ ଚାପିଦେଲେ ! ଯନ୍ତ୍ରୀଙ୍କ ପଦୋନ୍ନତି

ତେବେ ପରବର୍ତ୍ତୀ ସମୟରେ ଯନ୍ତ୍ରୀ କେଉଁ ଉତ୍ତର ଦେଲେ ତାହା ସାର୍ବଜନୀନ କରାଯାଇନାହିଁ। ଏନେଇ ବାରମ୍ବାର ଖବର ପ୍ରସାରଣ ସହ କିଛି ବୁଦ୍ଧିଜୀବୀଙ୍କ ଟ୍ୱିଟ୍ ଆଉ ଚିଠି ପରେ ବି ବିଏମସି ଓ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳିନାହିଁ। କହିବାକୁ ଗଲେ ନିରୀହ ଶିଶୁର ମୃତ୍ୟୁ ପାଇଁ କିଏ ଦାୟୀ ,ଏ ପ୍ରସଙ୍ଗରେ ସଭିଏଁ ଚୁପ୍। ନିକଟରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଯନ୍ତ୍ରୀଙ୍କ ପଦୋନ୍ନତି ତାଲିକାରେ ବିଏମସିର ଯନ୍ତ୍ରୀ ମିଥିଲେଶ ରଞ୍ଜନ ରଥଙ୍କୁ ପଦୋନ୍ନତି ମିଳିଛି। ବିଏମସିର ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ତାଙ୍କର ପଦୋନ୍ନତି ହୋଇଛି। କିନ୍ତୁ କାର୍ଯ୍ୟାନୁଷ୍ଠାନ ବଦଳରେ ପଦୋନ୍ନତିକୁ ସହଜରେ ଗ୍ରହଣ କରିପାରିନାହାଁନ୍ତି ବ୍ରହ୍ମପୁରବାସୀ। ଏପରିକି ପୁର୍ନବାର ତାଙ୍କୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ବିଏମସିରେ ହିଁ ଦାୟିତ୍ୱ ଦିଆଯାଇଛି।

ଗତ କିଛି ଦିନ ତଳେ ଭୁବନେଶ୍ୱରରେ ଏକ ଗଣମାଧ୍ୟମର ପ୍ରଶ୍ନରେ ଖୋଦ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଏ ସମ୍ପର୍କରେ ତଦନ୍ତ ଅନୁଯାୟୀ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ଦେଇଥିଲେ। କିନ୍ତୁ ଘଟଣା ଘଟିବାର ଏକ ମାସରୁ ଉର୍ଦ୍ଧ ସମୟ ବିତିଗଲାଣି। ଆଉ କାର୍ଯ୍ୟାନୁଷ୍ଠାନ ବଦଳରେ ବିଭାଗ ପକ୍ଷରୁ ଯନ୍ତ୍ରୀଙ୍କୁ ପଦୋନ୍ନତି ମିଳିବାକୁ ସହରବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଚର୍ଚ୍ଚା ହେଉଛି, ମିଳିମିଶି ଘଟଣାକୁ ଚାପି ଦେବାକୁ କିଛି ନେତା ଏବଂ ଅଧିକାରୀ ଉଦ୍ୟମ କରି ସଫଳ ହୋଇଛନ୍ତି। ଉକ୍ତ ଯନ୍ତ୍ରୀ ଜଣକ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଛତ୍ରଛାୟା ତଳେ ରହିଥିବା ବି କୁହାଯାଉଛି। ତେଣୁ ନୋଟିସ୍ ପରେ ତାଙ୍କ ଉପରେ କୌଣସି ଆକ୍ସନ୍ ବି ହୋଇନଥିବା ଶୁଣିବାକୁ ମିଳୁଛି।

ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୧ ତାରିଖ ରାତିରେ ବ୍ରହ୍ମପୁର ବଡ ବଜାର ସ୍ଥିତ ୨ ନମ୍ବର ୱାର୍ଡ ଲକ୍ଷ୍ମୀ ନୃସିଂହ ସାହିରେ ସାଇରାମ ପାତ୍ର (୧୧) ମୁକୁଳା ଡ୍ରେନ୍ ରେ ପଡି ମୃତ୍ୟୁ ବରଣ କରିଥିଲେ। ପ୍ରବଳ ବର୍ଷା ହେତୁ ମୁକୁଳା ଡ୍ରେନ୍ ରେ ପ୍ରବାହିତ ବର୍ଷା ଜଳର ପ୍ରଖର ସ୍ରୋତରେ ନାବାଳକ ଜଣକ ସାଇକେଲ ସହ ପଡି ଭାସି ଯାଇଥିଲେ। ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକଙ୍କ ଦୀର୍ଘ ୫ ରୁ ୬ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ଘଟଣା ନିକଟ ଏକ ପଙ୍କ ଗଦାରୁ ନାବାଳକଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା। ତେବେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଏ ଘଟଣାରେ ଦାୟୀ କରାଯାଇ ନୋଟିସ୍ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିଏମସି କିମ୍ବା ଗୃହ ଓ ନଗର ଉନ୍ନୟନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜଣାପଡିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି।

### ଜିଲ୍ଲାସ୍ତରୀୟ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

## ଜଏଣ୍ଟ ଫରେଷ୍ଟ ମ୍ୟାନେଜମେଣ୍ଟ ସାରାଦେଶରେ ସଫଳ

**ନୟାଗଡ଼, ୭।୧୦ (ସଂଚାର ବ୍ୟୁରୋ) :** ଜିଲ୍ଲାସ୍ତରୀୟ ୭୦ତମ ବନ୍ୟପ୍ରାଣୀ ସପ୍ତାହ ଜିଲ୍ଲା ପରିଷଦ ସୃଜନ ସଭା ଗୃହରେ ପାଳିତ ହୋଇଯାଇଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନି ସାରଥୀ ମଲ୍ଲିକ, ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇ. ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସନାତନ କାଲୁ ପ୍ରମୁଖ ଉପସ୍ଥିତ ରହିଥିଲେ। ନୟାଗଡ଼ ବନଖଣ୍ଡରେ ୧୮୦ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନରେ ୨୦୦ କ୍ୟାମେରା ଜରିଆରେ ବନ୍ୟପ୍ରାଣୀଙ୍କ ଉପରେ ନଜର ରଖାଯାଉଥିବା ଶ୍ରୀମତୀ ଷଡ଼ଙ୍ଗୀ ସୂଚନା ଦେଇଥିଲେ। ୬୨ଟି ଜଳାଶୟ ନିର୍ମାଣ କରାଯାଇଛି। ଲବଣ ଅଭାବ ଦୂର କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଅନୁକମ୍ପା ଆପ ଜରିଆରେ ବନ୍ୟପ୍ରାଣୀଙ୍କ ଦ୍ୱାରା ହେଉଥିବା କ୍ଷତି ଗୁଡ଼ିକ ବାବଦ ସହାୟତା ପ୍ରଦାନ କରାଯାଉଛି। ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା, ପରିବେଶ ସନ୍ତୁଳନ ରକ୍ଷା କରିବା ଉପରେ ସାଂସଦ ପାଣିଗ୍ରାହୀ ଗୁରୁତ୍ୱାରୋପ କରିଥିଲେ। ସୃଷ୍ଟିର ସନ୍ତୁଳନ ରକ୍ଷା ପାଇଁ ଜୀବଜଗତ ସମନ୍ୱୟ ରକ୍ଷା ଆବଶ୍ୟକ ବୋଲି ଜିଲ୍ଲାପାଳ କହିଥିଲେ।



ଜିଲ୍ଲାରେ ୩ ହଜାର ୯ ଶହ ସ୍କୋୟର କିଲୋମିଟର ମଧ୍ୟରୁ ୨ ହଜାର ୯୮ ସ୍କୋୟାର କିଲୋମିଟର ଜଙ୍ଗଲ ବୋଲି ନୟାଗଡ଼ ବିଧାୟକ ଡ. ସାହୁ ସୂଚନା ଦେଇଛନ୍ତି। ମଣିଷ ନିଜର ସୁଖ, ଅୟସ ଆରାମ ପାଇଁ ପ୍ରକୃତିର ବ୍ୟାପକ କ୍ଷତି କରୁଛି। ବନ୍ୟଜନ୍ତୁଙ୍କ ସହ ମଣିଷର ସହାବସ୍ଥାନର ଆବଶ୍ୟକତା ଓ ଅନାବଶ୍ୟକତା ସମ୍ପର୍କରେ ବିଧାୟକ ଆଲୋଚନା କରିଥିଲେ। ଜଏଣ୍ଟ ଫରେଷ୍ଟ ମ୍ୟାନେଜମେଣ୍ଟ ନୟାଗଡ଼ରୁ ଆରମ୍ଭ ହୋଇ ସାରାଦେଶରେ ସଫଳ ହୋଇଛି। ଜନସଚେତନତାର ଆବଶ୍ୟକତା ସମ୍ପର୍କରେ ବିଭାଗୀୟ କର୍ମଚାରୀଙ୍କ ଭୂମିକା ସମ୍ପର୍କରେ ବିଧାୟକ ପ୍ରସ୍ତାବ ଦେଇଥିଲେ। ପରିବେଶ ସନ୍ତୁଳନ ରହିଲେ ଜୈବ ବିବିଧତା ବଜାୟ ରହିବ ବୋଲି ଦଶପଲ୍ଲା ବିଧାୟକ କହିଥିଲେ। ପ୍ଲାଷ୍ଟିକରୁ ତିଆରି ଜିନିଷକୁ ଖାଇ ଜୀବଜନ୍ତୁ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଣୁ ଆମ ଜିଲାକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ। ସଚେତନତା ବୃଦ୍ଧି କରିବା, ଲୋକଙ୍କ ସହ ବିଭାଗର ସୌହଦ୍ୟା ପୂର୍ଣ୍ଣ ସମ୍ପର୍କ ନିହାତି ଆବଶ୍ୟକତା ରହିଛି ବୋଲି ବାଚସ୍ପତି କହିଥିଲେ। କାଠ ଚୋରା ଚାଲାଣ, ଖଣି ଖୋଳା ଯିବାଉପରେ ବିଭାଗ ନୀରବ ଦ୍ରଷ୍ଟା ରହିବା କେତେଦୂର ଯୁକ୍ତିଯୁକ୍ତ ବୋଲି ବାଚସ୍ପତି ପ୍ରଶ୍ନ କରିଥିଲେ। ବନ୍ୟଜନ୍ତୁଙ୍କ ଉପରେ ଗୋଟିଏ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ, ବୁଦ୍ଧିଜୀବୀ ସାମିଲ ରହିଥିଲେ।

ଏହି ଅବସରରେ ନୂଆଗାଁ ବ୍ଲକ୍ ଡାକଢୋଲ ପ୍ରାଥମିକ ବିଦ୍ୟାଳୟ, ଓଡ଼ଗାଁ ବ୍ଲକ୍ ବାଉଁଶଗାଡ଼ିଆ ଭୀମସେନ କୃଷି ନୋଡାଲ ବିଦ୍ୟାପୀଠ, ଦଶପଲ୍ଲା ବ୍ଲକ୍ ନଛିପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଖଣ୍ଡପଡ଼ା ବ୍ଲକ୍ ଯୋଗିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର-୨୦୨୩ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଦଶପଲ୍ଲାର ବିଜୟ କୁମାର ସେଠୀ, ଓଡ଼ଗାଁର ପରମାନନ୍ଦ ସ୍ୱାଇଁ, ନୟାଗଡ଼ର ରବୀନ୍ଦ୍ର କୁମାର ମହାପାତ୍ର, ନୂଆଗାଁର ସତ୍ୟ ନାରାୟଣ ସାହୁ, ଭାପୁରର ପଣ୍ଡିତ ଲକ୍ଷ୍ମୀଧର ବ୍ରହ୍ମାଙ୍କୁ ପ୍ରକୃତି ବନ୍ଧୁ - ୨୦୨୩ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଧର୍ମ ପରାୟଣାଙ୍କ ପରଲୋକ

**ପାଟଣାଗଡ, ୭।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପଞ୍ଚାୟତ ରେଙ୍ଗାଲଜୁରୀ ଗ୍ରାମର ମଝିଆ ଗୌନ୍ତିଆ ବ୍ରଜମୋହନ ବରିହାଙ୍କ ଧର୍ମ ପତ୍ନୀ ସାବିତ୍ରୀ ବରିହା (୭୦) ବୟସରେ ନିଜ ବାସଭବନରେ ରବିବାର ରାତି ୧୦.୩୦ମି ସମୟରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ିତ ଥିଲେ । କିଛି ଦିନ ହେବ ସେ ଅସୁସ୍ଥ ଅନୁଭବ ବିଭିନ୍ନ ଡାକ୍ତରଖାନା ଯାଇ ଚିକିତ୍ସିତ ହୋଇ ସେ ପ୍ରାୟ ୨ ବର୍ଷ ଧରି ନିଜ ଘରେ ଶଯ୍ୟାଶାୟୀ ଥାଇ ନିୟମିତ ଔଷଧ ସେବନ କରୁଥିଲେ । ଆଜି ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ରେଙ୍ଗାଲଜୁରୀ ଗ୍ରାମରେ ତଥା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତା ସାବିତ୍ରୀ ଜଣେ ଧର୍ମ ପରାୟଣ ଓ ପରୋପକାରୀ ମହିଳା ଥିଲେ । ତାଙ୍କ ଶେଷ ଦର୍ଶନ ପାଇଁ ବନ୍ଧୁ ବାନ୍ଧବ, ମାନ୍ୟଗଣ୍ୟ ବ୍ୟକ୍ତି ମାନେ ନିଜ ବାସଭବନ ଆସିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ବ୍ରଜମୋହନ ବରିହା, ୩ ପୁଅ, ନିତ୍ୟାନନ୍ଦ ବରିହା, ସଦାନନ୍ଦ ବରିହା, ୩ ବୋହୁ, ୨ ଝିଅ, ତାରାକାନ୍ତି ବରିହା, ଜ୍ୱାଇଁ ପ୍ରଦୀପ ବରିହା, ନାତି ଅମିର, ଉମେଶ, ମିଳନ, ମଞ୍ଜିଲ, ନାତୁଣୀ ଅମ୍ବିକା, ଭାଇଙ୍କ ସହ ଗୌନ୍ତିଆ ପରିବାର ବର୍ଗ, ବନ୍ଧୁ ବର୍ଗ ଉପସ୍ଥିତ ଥିଲେ ।



## ଶକ୍ତି ମଣ୍ଡପରେ ଜଗତ ଜନନୀ ମା'ଦୁର୍ଗାଙ୍କ ନବଦିନାତ୍ମକ ପୂଜା ଆରମ୍ଭ

**କଳାହାଣ୍ଡି, ୭।୧୦ (ସଂଚାର ବ୍ୟୁରୋ) :** ବିଲ୍ୱ ବରଣ ପରେ ବିଧିବଦ୍ଧ ଭାବେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଶକ୍ତି ମଣ୍ଡପ ଠାରେ ଆରମ୍ଭ ହୋଇଛି ଶାରଦୀୟ ଦୁର୍ଗାପୂଜା। ଧର୍ମଗଡ଼ ସହର ଆଜି ଉତ୍ସବ ମୁଖର ହୋଇ ପଡିଛି । ପୂଜା ବଜାର ଚଳଚଞ୍ଚଳ ହୋଇ ଉଠିଛି । ସଜେଇ ହୋଇଛି ଧର୍ମଗଡ ସହର। ଚଳିତ ବର୍ଷ ଦୁଇଟି ମଣ୍ଡପରେ ଜଗତ୍ ଜନନୀ ମା ଦୂର୍ଗାଙ୍କର ନବଦିନାତ୍ମକ ପୂଜା ହେଉଛି। ଧର୍ମଗଡ ସହର ବସ୍ତିପଡ଼ା ସ୍ଥିତ ସାର୍ବଜନୀନ ଦୂର୍ଗା ପୂଜା ୬୫ତମ ବର୍ଷରେ ପଦାର୍ପଣ କରିଥିବା ବେଳେ ୫୫ ବର୍ଷରେ ପଦାର୍ପଣ କରିଛି ଶକ୍ତିମଣ୍ଡପ ଦୂର୍ଗାପୂଜା । ଶୁକ୍ରବାର ଦିନ ବିଲ୍ୱ ବରଣରୁ ପୂଜାରମ୍ଭ ହୋଇ ୧୩ ତାରିଖ ଗ୍ରାମ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ଦଶହରା ପୂଜା ପରେ ୧୪ ତାରିଖ ଦିନ ଭସାଣି ଉତ୍ସବ ସମାପନ ହେବ ବସ୍ତିପଡାର ସାର୍ବଜନୀନ ଦୁର୍ଗାପୂଜା। ବସ୍ତିପଡ଼ା ପୂଜାରେ ନବୀନ କୁମାର ଅଗ୍ରୱାଲ ଓ ଶକ୍ତି ମଣ୍ଡପ ପୂଜାରେ କୃପାସିନ୍ଧୁ ପଣ୍ଡା କର୍ତ୍ତା ଭାବେ ରହି ମା'ଙ୍କ ପୂଜାରେ ସହଯୋଗ କରୁଛନ୍ତି । ଶକ୍ତି ମଣ୍ଡପ ରେ ୧୩ ତାରିଖ ବିଜୟା ଦଶମୀ ଦିନ ରାବଣ ପୋଡ଼ି ସହ ପୂଜା ସମାପ୍ତ ହେବ। ଏଥିରେ ଧୁମ୍ ଧାମ ରେ ପୂଜା କରାଯିବା ନେଇ ଉଭୟ ପୂଜା କମିଟି ପକ୍ଷରୁ ପ୍ରକାଶ ପାଇଛି । ପୂଜାକୁ ଆକର୍ଷଣୀୟ କରିବା ପାଇଁ ଦୁଇ ପୂଜା ମଣ୍ଡପରେ ଆକର୍ଷଣୀୟ ସଦୃଶ୍ୟ ତୋରଣ ସହ ଆଲୋକ ମାଳାରେ ପୂଜାମଣ୍ଡପକୁ ସଜା ଯାଇଛି। ଶକ୍ତି ମଣ୍ଡପ ରେ ବିଜୟା ଦଶମୀ ଦିନ ରାବଣ ପୋଡ଼ି ମୁଖ୍ୟ ଆକର୍ଷଣ ଥିବା ବେଳେ ବସ୍ତିପଡା ଦୁର୍ଗାପୂଜାରେ ବିଜୟା ଦଶମୀ ପରଦିନ ଗ୍ରାମର ଆରାଧ୍ୟ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ପୀଠରେ ଦଶହରା ପୂଜା ସମ୍ପନ୍ନ ହେବ।ଧର୍ମଗଡ ସହରର ଅନ୍ୟ ଚାରିଛକ ଓ ଗୋରୁ ବଜାର ପଡ଼ା ଦୁଇଟି ପୂଜା ମଣ୍ଡପ ରେ ୯ ତାରିଖ ଠାରୁ ପୂଜା ଆରମ୍ଭ ହୋଇ ୧୩ ତାରିଖ ଦିନ ଶେଷ ହେବ। ସେହିପରି ଧର୍ମଗଡ ଇନ୍ଦ୍ରାବତୀ କଲୋନୀ ନିକଟରେ ଥିବା ମା ବିଷ୍ଣୋଦେବୀ ମନ୍ଦିରରେ ଶୁକ୍ରବାର ଦିନ ଠାରୁ ନବରାତ୍ରି ପୂଜା ଆରମ୍ଭ ହୋଇଛି।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଖୋର୍ଦ୍ଧା, ୭।୧୦ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ମିଳିତ ଜନଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧିକ୍ଷକ ସାଗରୀକା ନାଥ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପ-ଜିଲ୍ଲାପାଳ, ଖୋର୍ଦ୍ଧା ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରୀ ବାଳା ଜେନା, ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜଲକ୍ଷ୍ମୀ ପଟ୍ଟନାୟକ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ତହସିଲଦାର ବିଭାଷ ରଞ୍ଜନ ପାଣିଗ୍ରାହୀ, ବିଡିଓ କ୍ଷୀରାବ୍ଧି ତନୟା ସାହୁ ପ୍ରମୁଖଙ୍କ ସହ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୧୮୨ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ



ସେଥିମଧ୍ୟରୁ ୧୬୮ ଟି ବ୍ୟକ୍ତି ବିଶେଷଙ୍କର ଅଭିଯୋଗ ଥିବା ୧୦ ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା ବୋଲି ସୂଚନା ମିଳିଛି । ଦୁଇ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଦଶ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ତତକ୍ଷାଳ ଦୁଇଟା ଅଭିଯୋଗ ସମାଧାନ କରାଯାଇଥିଲା ।

### ଦଲପାହାଡ଼ ଲୌହ ଓ ମାଙ୍ଗାନିଜ ଖଣିରେ ଜନଶୁଣାଣି

## ସ୍ଥାନୀୟ ବାସିନ୍ଦାଙ୍କ ବିରୋଧାଭାସ

**ଯୋଡା, ୭।୧୦ (ସଂଚାର ବ୍ୟୁରୋ) :** ଯୋଡା ଖଣି କ୍ଷେତ୍ର ଅନ୍ତର୍ଗତ ବୈତରଣୀ ସଂରକ୍ଷିତ ଜଙ୍ଗଲର ଦଲପାହାଡ ଗ୍ରାମରେ ବଡବିଲ ତହସିଲ ଅଧିନ ୮୯.୯୬୧ ହେକ୍ଟର ପରିମିତ ଧରମଚାନ୍ଦ ଜେନଙ୍କର ନାମରେ ଏକ ଲୌହ ଓ ମାଙ୍ଗାନିଜ ଖଣି ରହିଛି । ଏହି ଖଣିର ମାଙ୍ଗାନିଜ ଉତ୍ପାଦନ କ୍ଷମତା ବାର୍ଷିକ ୦.୦୯୪ ନିୟୁତ ଟନ୍ ସହିତ ଲୌହ ଉତ୍ପାଦନ କ୍ଷମତା ୦.୩୧ ନିୟୁତ ଟନ୍‌ରୁ ୨.୯୯ ନିୟୁତ ଟନକୁ ବୃଦ୍ଧି କରିବା ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ୧୮ ତାରିଖରେ ଏକ ଜନଶୁଣାଣି ଅନୁଷ୍ଠିତ ହେବାକୁ ଯାଉଛି । ଏହି ଜନଶୁଣାଣୀ ନିମନ୍ତେ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଓଡିଶା ପକ୍ଷରୁ ୧୨.୦୯.୨୦୨୪ରେ ପତ୍ର ସଂଖ୍ୟା ୧୪୯୦୫ରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ତେବେ ଏହି ଖଣି ନିମନ୍ତେ ୨ଟି ପଞ୍ଚାୟତ ଏବଂ ଯୋଡା ପୌରପାଳିକାର ଗୋଟିଏ ୱାର୍ଡ ପ୍ରଭାବିତ ହେବାକୁ ଥିବା ବେଳେ ପ୍ରଭାବିତ ଖଣ୍ଡବନ୍ଧ, ବିଚାକୁଣ୍ଡି, ଭୁୟାଁରୋଇଡାର ବାସିନ୍ଦାମାନେ ଏହାକୁ ତୀବ୍ର ବିରୋଧ କରିବା ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି । ଏହି ଖଣିଟି ନିମନ୍ତେ ପୂର୍ବରୁ ୨୮.୦୮.୨୦୨୧ ଏବଂ ୦୮.୦୯.୨୦୨୧ରେ ଖଣି ଉତ୍ତୋଳନ ନିମନ୍ତେ ପରିବେଷ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ୨ଟି ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ପ୍ରତିଶ୍ରୁତି ମୁତାବକ ପ୍ରଭାବିତ ଅଞ୍ଚଳବାସୀଙ୍କ ନିମନ୍ତେ କୌଣସି ପ୍ରକାର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇନଥିବା ବେଳେ ଏହି ଜନଶୁଣାଣୀକୁ ସେମାନେ ବିରୋଧ କରିବେ ବୋଲି ପୂର୍ବାଭାଷ ମିଳିଛି । ତେବେ ଦେଖିବାକୁ ବାକି ରହିଲା ଜନଶୁଣାଣୀଟି କେତେଦୁର ସଫଳ ହେଉଛି ।



## ସର୍ବଭାରତୀୟ ରେଲୱେ ବକ୍ସିଂ ଚାମ୍ପିଅନସିପ୍ ପୂର୍ବତଟ ରେଳପଥର ସଫଳତା

**ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ) :** ନିକଟରେ ଶେଷ ହୋଇଥିବା ସର୍ବଭାରତୀୟ ରେଲୱେ ବକ୍ସିଂ ଚାମ୍ପିଅନସିପରେ ପୂର୍ବତଟ ରେଳପଥ ଚାରିଟି ସମ୍ମାନଜନକ ପଦକ ହାସଲ କରି ତାରକା ପ୍ରଦର୍ଶନ କରିଥିଲା। ପୁରୁଷ ଦଳ ଦୁଇଟି ରୌପ୍ୟ ପଦକ ଜିତିଥିବାବେଳେ ମହିଳା ଦଳ ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରି ଜାତୀୟ ସ୍ତରରେ ସେମାନଙ୍କର ଆଭିମୁଖ୍ୟ ଏବଂ ନିଷ୍ଠା ପ୍ରତିଫଳିତ କରିଛନ୍ତି। ପୂର୍ବତଟ ରେଳପଥ ବକ୍ସିଂ ଖେଳାଳି ମାନଙ୍କର ସଫଳତାକୁ ସ୍ୱୀକୃତି ଦେଇ ଛଅ ଜଣ ବିଶିଷ୍ଟ ଖେଳାଳି - ପୁରୁଷ ଦଳର ତିନିଜଣ ଏବଂ ମହିଳା ଦଳର ତିନିଜଣ - ଜାତୀୟ ବକ୍ସିଂ ଦଳକୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି, ଯାହା ପୂର୍ବତ ରେଳପଥ ଖେଳାଳି ମାନଙ୍କ ପାଇଁ ଏକ ଉଲ୍ଲେଖନୀୟ ପ୍ରଦର୍ଶନ।

ଆଜି ଭୁବନେଶ୍ୱର ଠାରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ବ୍ୟକ୍ତିଗତ ଭାବେ ବିଜୟ ବକ୍ସରମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠାକୁ ପ୍ରଶଂସା କରିଥିଲେ। ସେମାନଙ୍କର ଭବିଷ୍ୟତ ପ୍ରୟାସ ପାଇଁ ସେ ତାଙ୍କର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ଉଭୟ ରେଳବାଇ ଏବଂ ଦେଶକୁ ଗର୍ବିତ କରିବାକୁ ଉତ୍ସାହିତ କରିଥିଲେ।

### ଦୁର୍ଗମ ଅଞ୍ଚଳରେ ମିଳୁନି ମୋବାଇଲ ସେବା

# ଅସୁବିଧା ଭୋଗୁଛନ୍ତି ଲୋକେ

**କାମାକ୍ଷାନଗର, ୭।୧୦ (ସଂଚାର ବ୍ୟୁରୋ) :** ଦେଶ ତଥା ରାଜ୍ୟରେ ଏବେ ଚାଲିଛି ଡିଜିଟାଲ ସରକାରା ଗାଁ ଠାରୁ ସହର ସବୁଠାରେ ଡିଜିଟାଲ ଇଣ୍ଡିଆର ନାରା। କିନ୍ତୁ ବାସ୍ତବରେ ଆଜି ପର୍ଯ୍ୟନ୍ତ ଡିଜିଟାଲ ଇଣ୍ଡିଆ କେବଳ ଏକ ଡାଇଲଗରେ ସୀମିତ। ଆଜିବି ଗାଁ ଗହଳିର ଲୋକେ ପାଉନାହାନ୍ତି ମୋବାଇଲ ସେବା । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କାମାକ୍ଷାନଗର ଉପଖଣ୍ଡର ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକର ବାମ ପଞ୍ଚାୟତ ।

ବ୍ଲକ ସଦର ମହକୁମା ଠାରୁ କୋଡିଏ କିଲୋମିଟର ଦୂର ଏହି ପଞ୍ଚାୟତବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି ମୋବାଇଲ ସେବା। ପାକଟମୁଣ୍ଡା, ଗଣ୍ଡିଖୋଲ, ପଥରଗଡ଼, ବାମ ଆଦି ଗାଁକୁ ନେଇ ଗଠିତ ଏହି ପଞ୍ଚାୟତର ଲୋକମାନଙ୍କ ପାଇଁ ଦିବାସ୍ୱପ୍ନ ସାଜିଛି ମୋବାଇଲ ସେବା । ଏହି ପଞ୍ଚାୟତରେ ବସବାସ କରୁଥିବା ଲୋକମାନେ ଇଣ୍ଟରନେଟ ଓ ମୋବାଇଲ ସେବାରୁ ବଞ୍ଚିତ ହେବା ଫଳରେ କୌଣସି ସୁବିଧା, ଅସୁବିଧା, କିମ୍ବା ଅତ୍ୟାବଶ୍ୟକ ମେଡିକାଲ ସେବା ପାଇପାରୁନାହାନ୍ତି। ଏହି ସବୁ ଗ୍ରାମରେ ଆଜି ପର୍ଯ୍ୟନ୍ତ କୌଣସି ମୋବାଇଲ ନେଟୱାର୍କ ଉପଲବ୍ଧ ନାହିଁ। ଘର ଭିତରେ ମୋବାଇଲ ନେଟୱାର୍କ ଆସୁନଥିବାରୁ ପାହାଡ଼, ଜଙ୍ଗଲ ଓ ବଡ଼ ଗଛରେ ଚଢି ମୋବାଇଲରେ କଥା ହେଉଛନ୍ତି ଲୋକେ । ଯାହା ଫଳରେ ଆବଶ୍ୟକ ସମୟରେ ମୋବାଇଲ ସେବାରୁ ବଞ୍ଚିତ ହେଉଛନ୍ତି ଏହି ଅଞ୍ଚଳର ଗ୍ରାମବାସୀ । ଯାହା ଫଳରେ ଖରା,



ବର୍ଷା ଓ ଶୀତ ଦିନରେ ଅନେକ କଷ୍ଟ ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗାଁ ଲୋକ।

ଗାଁ'ର ବିଦ୍ୟାଳୟ ଗୁଡିକରେ ପାଠ ପଢୁଥିବା ପିଲାମାନେ ମୋବାଇଲ ମାଧ୍ୟମରେ ପାଠ ପଢୁଥିବା ବେଳେ ନେଟୱାର୍କ ଅଭାବରୁ ବିଭିନ୍ନ ପାଠ୍ୟକ୍ରମ ଓ ସରକାରୀ ସୂଚନାରୁ ବଞ୍ଚିତ ହେଉଛନ୍ତି । ସରକାରଙ୍କ ତରଫରୁ ବିଦ୍ୟାଳୟକୁ ମିଳିଥିବା ଟାବ୍‌ଲେଟ ମଧ୍ୟ ଅଚଳ ହୋଇ ପଡ଼ିରହିଛି । ଫଳରେ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଦ୍ୟାଳୟ ସମ୍ବନ୍ଧିତ ତଥା କୌଣସି ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ବିଷୟରେ ସୂଚନା ପାଇବାରେ ଅସୁବିଧା ହେଉଥିବା କହିଛନ୍ତି ସ୍ଥାନୀୟ ଶିକ୍ଷକ ଗଗନ ବିହାରୀ ସିଂହ।

ବାମ ପଞ୍ଚାୟତରେ ମୋବାଇଲ ସେବା ପାଇଁ ଆଜି ପର୍ଯ୍ୟନ୍ତ କୌଣସି ଟାୱାର ନାହିଁ । ଯାହା ଫଳରେ ଏହି ପଞ୍ଚାୟତ ଅଧୀନରେ ବାସ କରୁଥିବା ବାସିନ୍ଦା ମାନେ ମୋବାଇଲ ସେବା ପାଇବା ପାଇଁ ପ୍ରାୟ ୬ ରୁ ୭ କିଲୋମିଟର ଦୂରରେ ଥିବା ଝିଲି ପଞ୍ଚାୟତ କିମ୍ବା ଡୋଲିଆ ଉପରେ ନିର୍ଭର କରନ୍ତି । ଗାଁ'ର ପ୍ରାୟ ଲୋକ ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ମୋବାଇଲ ସେବା ପାଇବା ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବାରେ ଅସମର୍ଥ । ମୋବାଇଲ ସେବା ପାଇବା ପାଇଁ ଗ୍ରାମବାସୀ ମାନେ ବିଭିନ୍ନ ସମୟରେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିକାର ବ୍ୟବସ୍ଥା ହୋଇ ପାରିନାହିଁ । ଯାହା ଫଳରେ ଆଜିର ଡିଜିଟାଲ ଇଣ୍ଡିଆ ସହ ଏମାନଙ୍କ କୌଣସି ସମ୍ପର୍କ ନଥିବା ମନେ ହୁଏ ।

ଏବେ ଉଭୟ ଦେଶ ତଥା ରାଜ୍ୟରେ ଡିଜିଟାଲ ଇଣ୍ଡିଆର ନାରା ଦେଇ ସରକାର ଚାଲୁଥିବାରୁ ସରକାରୀ ସ୍ତରରେ ମୋବାଇଲ ସେବା ପାଇବା ନେଇ ଆଶାବାଦୀ ୩୦୦୦ରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ । ତେବେ ବାମ ପଞ୍ଚାୟତରେ ତୁରନ୍ତ ସରକାର ଓ ପ୍ରଶାସନ ତରଫରୁ ଟାୱାର ବସାଇବା ନେଇ ସ୍ଥାନୀୟ ସରପଞ୍ଚ ଫକୀର ଚରମ ମହାନ୍ତ ଅନୁରୋଧ କରିଛନ୍ତି । ଆଜିର ସମୟରେ ସମାଜ ର ପ୍ରତ୍ୟକ ବ୍ୟକ୍ତି ପାଇଁ ମୋବାଇଲ ବିଶେଷ ମହତ୍ୱ ରଖୁଥିବା ବେଳେ ଏଥିରୁ ବଞ୍ଚିତ ବାମ ପଞ୍ଚାୟତ। ଜଙ୍ଗଲ ଓ ପାହାଡ଼ ମଝିରେ ଥିବା ଏହି ଗାଁ ଲୋକେ କିଭଳି ମୋବାଇଲ ସେବା ପାଇପାରିବେ ସେଥିପାଇଁ ରାଜ୍ୟସରକାରଙ୍କୁ ଅନୁରୋଧ କରିଛନ୍ତି। ତେବେ ସରକାରଙ୍କ ତରଫରୁ କେଉଁ ପ୍ରକାରର ବ୍ୟବସ୍ଥା କରାଯାଉଛି ନା ଡିଜିଟାଲ ଇଣ୍ଡିଆ ର ନାରା କେବଳ ସଭା, ସମିତିରେ ସୀମିତ ରହୁଛି ତାହାକୁ ଅପେକ୍ଷା କରିଛନ୍ତି ସ୍ଥାନୀୟ ବାସିନ୍ଦା ।

# ପ୍ରସନ୍ନଙ୍କ ଟାର୍ଗେଟରେ କିଏ ?

## ମୋହନ ନା କାର୍ତ୍ତିକ



**ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ ଏବେ ବିଜେଡିର ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ନେଇ ରାଜନୀତିକ ବୟାନବାଜୀ ବଢ଼ିବାରେ ଲାଗିଛି। ବିଜେଡି ନେତା ଶ୍ରୀ ଆଚାର୍ଯ୍ୟ ଦୁଇଦିନ ତଳେ ପଦଯାତ୍ରାବେଳେ କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ କହୁ କହୁ କହିଥିଲେ, ରାଜ୍ୟରେ ଗୋଟିଏ ନୁହେଁ, ୪ଟି ସରକାର ଚାଲିଛି। ପ୍ରକୃତରେ ଶ୍ରୀ ଆଚାର୍ଯ୍ୟ ବିଜେପିକୁ ସମାଲୋଚନା କରିନାହାନ୍ତି ବରଂ ଦଳରେ ନିଜର ଶତ୍ରୁ ନଂ-୧ ଭୈରବ କାର୍ତ୍ତିକେୟନ ପାଣ୍ଡିଆନ ରାଜ୍ୟର ଶତ୍ରୁ ବୋଲି ଲୋକମାନଙ୍କ ମନରେ ଧାରଣା ସୃଷ୍ଟି କରିବା ପାଇଁ ଶାସକ ଦଳକୁ ଉସୁକାଉଛନ୍ତି ବୋଲି ଆଲୋଚନା ହେଉଛି। ଘଟଣାଟି ଏପରି, ଦୁଇଦିନ ତଳେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଲୁହାପଙ୍କ ପଞ୍ଚାୟତ ହେମାମୁରାରେ ଆୟୋଜିତ ପଦଯାତ୍ରାରେ ଶ୍ରୀ ଆଚାର୍ଯ୍ୟ ଯୋଗଦେଇ ରାଜ୍ୟ ବିଜେପି ସରକାରକୁ ସମାଲୋଚନା କରିଥିଲେ। ସେ କହିଥିଲେ, ଏଠି ଗୋଟିଏ ସରକାର ନୁହେଁ, ୪ଟି ସରକାର ଚାଲିଛି। କିନ୍ତୁ ଆମର ଗୋଟିଏ ସରକାର ନବୀନ ପଟ୍ଟନାୟକ। ସିଏ ଯାହା କହୁଥିଲେ ଆମେ ମାନୁଥିଲୁ। ହେଲେ ଏଠି ଗୋଟିଏ ସରକାର ନୁହେଁ, ୪ଟି ସରକାର। ଦିଲ୍ଲୀରେ ଜଣେ ବ୍ୟକ୍ତି ଅଛନ୍ତି। ସିଏ ଗୋଟିଏ ଅର୍ଡର ଦେଉଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ହିସାବରେ ଗୋଟିଏ ଅର୍ଡର ଦେଉଛନ୍ତି। ଆଉ ଅନ୍ୟ ଦୁଇଜଣଙ୍କ ନାଁ କହିବିନି। ସେମାନେ ମୋର ବନ୍ଧୁ। ତେଣୁ ଗୋଟିଏ ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ୪ ଜଣଙ୍କ କଥା ଶୁଣିବାକୁ ପଡ଼ୁଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ।ବିଜେଡି ନେତା ଶ୍ରୀ ଆଚାର୍ଯ୍ୟଙ୍କ ମନ୍ତବ୍ୟକୁ ଲକ୍ଷ୍ୟ କଲେ ଜଣାପଡୁଛି ଯେ ବିଜେପିରେ ଥିବା ତାଙ୍କର ଦୁଇ ବନ୍ଧୁ ଏବେ ତାଙ୍କ ପାଇଁ ନିଜ ବନ୍ଧୁକରୁ ଗୁଳି ଛାଡ଼ିଛନ୍ତି। ବିଜେପିର ଏହି ଗୁଳି ଶ୍ରୀ ଆଚାର୍ଯ୍ୟଙ୍କ ନାମରେ ତାଙ୍କ ଶତ୍ରୁଙ୍କୁ ଲଙ୍ଗଳା କରିଦେଇଛନ୍ତି। ସୋସାଲ୍ ମିଡିଆ 'ଏକ୍ସ'ରେ ଶ୍ରୀ ମହାନ୍ତି ଲେଖିଛନ୍ତି, ପ୍ରସନ୍ନ ଭାଇ, ଆପଣ ଓ ଆପଣଙ୍କ ଦଳ ପରାଜୟ ପରେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଓଡ଼ିଆ ଲୋକଙ୍କ ନିଷ୍ପତ୍ତିକୁ ଆପଣ ଅହଙ୍କାର କାରଣରୁ ସ୍ୱୀକାର କରିପାରୁନାହାନ୍ତି। ବିଜେପିର ଲୋକ କଲ୍ୟାଣକାରୀ ଯୋଜନାରେ ଇର୍ଷାନ୍ୱିତ ହୋଇ ଆପଣ ଏଭଳି ମନ୍ତବ୍ୟ ଦେଉଛନ୍ତି। ଚଳିତ ନିର୍ବାଚନ ସମୟରେ ଆପଣଙ୍କ ଦଳ ଆପଣଙ୍କୁ କୋଣଠେସା କରି ଟିକେଟ ଦେଉନଥିଲା ? ଏ କଥାକୁ ଆପଣ ଭୁଲି ଯାଉଛନ୍ତି। ଯଦି ନବୀନ ବାବୁ ଏତେ ଜନପ୍ରିୟ ଓ ଲୋକ ପ୍ରିୟ, ତାହାହେଲେ ସିଏ ଗତ ସାଧାରଣ ନିର୍ବାଚନରେ କଣ୍ଟାବାଞ୍ଜିରୁ ୧୬୩୪୪ ଭୋଟ୍‌ରେ ପରାସ୍ତ ହୋଇଥିଲେ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି ?

ସେ ଆହୁରି ଲେଖିଛନ୍ତି, ପ୍ରସନ୍ନ ଭାଇ, ଦୀର୍ଘ ୨୪ ବର୍ଷ ଧରି ଲୋକଙ୍କୁ ପ୍ରତାରିତ କରିବା ତଥା ପ୍ରତିଶ୍ରୁତି ପୂରଣ ନ କରିବା ପରାଜୟର କାରଣ ନୁହେଁ କି? ଆପଣଙ୍କ ଦଳର ସଭାପତି କ୍ରମାଗତଭାବେ ନିଜର ଆସ୍ଥା ଓ ବିଶ୍ୱାସ ଓଡ଼ିଶାବାସୀଙ୍କଠାରୁ ହରାଇ ବସିଛନ୍ତି। ଏହି କଥାକୁ ଆପଣ କାହିଁକି ଗ୍ରହଣ କରୁନାହାନ୍ତି ? ଚଳିତ ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ସେ(ନବୀନ) କେତେ ଭୋଟ୍ ବ୍ୟବଧାନରେ ଜିତିଛନ୍ତି? ଆପଣ ନବୀନ ବାବୁଙ୍କୁ ପଚାରିଲେ ଭଲ ହୁଅନ୍ତା ବୋଲି ସମୀର ମହାନ୍ତି କହିଛନ୍ତି।

ସମୀର ଆହୁରି ଲେଖିଛନ୍ତି, ପ୍ରସନ୍ନ ଭାଇ, ବିଗତ କିଛିବର୍ଷ ଧରି ଆପଣଙ୍କ ଦଳରେ ମନ୍ତ୍ରୀ ଓ ବିଧାୟକମାନଙ୍କ ସ୍ଥିତି କ'ଣ ଥିଲା? ଏହା ଆପଣ ଅନୁଭବ କରିଥିବେ। ବର୍ତ୍ତମାନ ଯେତେବେଳେ ବିଜେପି ରାଜ୍ୟରେ ରାଜନୈତିକ ସଂସ୍କୃତି ଓ ପରମ୍ପରାକୁ ପାଳନ କରିବା ସହ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା କରି ଶାସନଭାର ସମ୍ଭାଳିଛି, ତାହା ଆପଣଙ୍କୁ କାହିଁକି କଷ୍ଟ ଦେଉଛି ବୋଲି ସମୀର କହିଛନ୍ତି।

ବିଜେପି ନେତା ଶ୍ରୀ ମହାନ୍ତିଙ୍କ ପ୍ରଶ୍ନ ପ୍ରସନ୍ନ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ପଚରାଯାଇଥିଲେ ହେଁ ବାସ୍ତବରେ ନବୀନ ପଟ୍ଟନାୟକ ଓ ତାଙ୍କର ଏକାନ୍ତ ଅନୁଗତ ପାଣ୍ଡିଆନଙ୍କ ଅସଲ ମୁଖା ଖୋଲି ଦେଇଛନ୍ତି। ସମୀରଙ୍କ ପ୍ରଶ୍ନରେ ଶ୍ରୀ ଆଚାର୍ଯ୍ୟ ନିଶ୍ଚିତ ଭାବରେ ଖୁସି ହେଉଥିବେ ବୋଲି ରାଜନୀତିକ ମହଲରେ ଆଲୋଚନା ହେଉଛି।

# ବସ୍ ଧର୍ମଘଟ ସ୍ଥଗିତ

## ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା ସଫଳ



**ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ):** ଦୁର୍ଗା ପୂଜାରେ ବନ୍ଦ ହେବନି ବସ୍ ଚଳାଚଳ । ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ଗୋଳକଛରାସ୍ଥିତ ବାସଭବନରେ ଆଲୋଚନା କରି ଆଶ୍ୱାସନା ପାଇବା ପରେ ଧର୍ମଘଟ କରିବେ ନାହିଁ ବୋଲି ସୂଚନା ଦେଇଛନ୍ତି ଦକ୍ଷିଣ ଓ ପଶ୍ଚିମାଞ୍ଚଳ ବସ୍ ମାଲିକ।

ରାଜ୍ୟ ସରକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ ତଥା ବ୍ଲକ ଏବଂ ଜିଲ୍ଲା ସଦର ମହକୁମା ମଧ୍ୟରେ ଟାୟାର-ଟୁ ଏସି ବସ୍ ସେବା ନିଷ୍ପତ୍ତିକୁ ବିରୋଧ କରି ସୋମବାର ସନ୍ଧ୍ୟାରୁ ବସ୍ ମାଲିକ ସଂଘ ପକ୍ଷରୁ ୧୪ ଜିଲ୍ଲାରେ ୨୪ ଘଣ୍ଟିଆ ବସ ବନ୍ଦ ଡାକରା ଦିଆଯାଇଥିଲା। ଲକ୍ଷ୍ମୀ ବସ୍ ଚଳାଚଳ ହେତୁ ସେମାନେ ବହୁ କ୍ଷତିର ସମ୍ମୁଖୀନ ହେଉଥିବାରୁ ବ୍ଲକ ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟକୁ ଯାତାୟତ କରୁଥିବା ଟାୟାର-ଟୁ ଏସି ବସ୍ ସେବାକୁ ବନ୍ଦ କରିବାକୁ ଦାବି କରିଥିଲେ।

ସରକାର ଏନେଇ କୌଣସି ନିଷ୍ପତ୍ତି ନ ନେଲେ ୨୪ ଘଣ୍ଟିଆ ବସ୍ ସେବା ବନ୍ଦ ରଖିବାକୁ ଗତକାଲି ଚେତାବନୀ ଦେଇଥିଲେ ପଶ୍ଚିମାଞ୍ଚଳ ଏବଂ ଦକ୍ଷିଣାଞ୍ଚଳର ସଦସ୍ୟ । ଆଜି ସଂଧ୍ୟା ୬ଟାରୁ ୮ ତାରିଖ ସଂଧ୍ୟା ୬ଟା ଯାଏଁ ବସ୍ ଗଡ଼ିବନି ବୋଲି ସେମାନେ କହିଥିଲେ। ଏହାପରେ ଗତକାଲି ମନ୍ତ୍ରୀ ଆପୋଷ ଆଲୋଚନାରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ବୈଠକ ପାଇଁ ଆମନ୍ତ୍ରଣ କରିଥିଲେ। ଆଜି ବ୍ରହ୍ମପୁରରେ ପରିବହନ ମନ୍ତ୍ରୀଙ୍କ ବାସଭବନରେ ସହ ସଂଘର କର୍ମକର୍ତ୍ତାଙ୍କ ବୈଠକ ହୋଇଥିଲା। ଦୀର୍ଘ ସମୟର ବୈଠକ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା କୁହାଯାଇଛି। ପରେ ଦକ୍ଷିଣ ଓ ପଶ୍ଚିମାଞ୍ଚଳ ବସ୍ ମାଲିକ ସଂଘ ଧର୍ମଘଟରୁ ଓହରିଥିବା କହିଛନ୍ତି।

ବୈଠକ ପରେ ମନ୍ତ୍ରୀ କହିଛନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ଆଲୋଚନା ଶେଷ ହୋଇଛି। ଲକ୍ଷ୍ମୀ ବସ୍ ଚଳାଚଳ ହେତୁ କ୍ଷତି ହେଉଥିବା ସେମାନେ ଦାବି ରଖିଥିଲେ। ସେମାନଙ୍କ ଦାବିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆମେ ଏବେ ଲକ୍ଷ୍ମୀ ବସ୍‌ର ଟାୟାର-ଟୁ ଏସି ବସ୍ ଚଳାଚଳକୁ ସ୍ଥଗିତ ରଖୁଛୁ। ମାତ୍ର ଆମେ ନୂଆ ଲୋଗୋ, ନୂଆ ଅପରେସନ ଓ ନୂଆ ସ୍ୱରୂପରେ ଲକ୍ଷ୍ମୀ ବସ୍‌ର କାମ କରିବୁ। ଅତି ଶୀଘ୍ର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବୁ। ତେଣୁ ଏବେ ଉଭୟ ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ବରଗଡ଼ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ କହିଛନ୍ତି, ଲକ୍ଷ୍ମୀ ବସ୍‌ର ଟାୟାର-୨ ପରିମିଟ୍ କିଛି ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ବାତିଲ କରିବାକୁ ଦାବି କରିଥିଲୁ। ଏବେ ଆଉ ନୂଆ ପରମିଟ୍ ଇସ୍ୟୁ ହେବନି ବୋଲି ମନ୍ତ୍ରୀ କହିଛନ୍ତି । ବ୍ଲକ ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟକୁ ବସ୍ ନ ଚଳାଇବାକୁ ଦାବି କରିଥିଲୁ। କାରଣ ଏହାଦ୍ୱାରା ଆମର ପ୍ରଭୂତ କ୍ଷତି ଘଟୁଥିଲା। ସରକାର ଆମ ଦାବି ମାନି ନେଇଥିବାରୁ ଆମେ ଆଜି ଡାକରା ଦେଇଥିବା ଆନ୍ଦୋଳନ ପ୍ରତ୍ୟାହାର କରୁଛୁ।

## ଭିଜିଲାନ୍ସ ଜାଲରେ ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ

**ସୁବର୍ଣ୍ଣପୁର, ୭।୧୦ (ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ । ସୁବର୍ଣ୍ଣପୁର ଜିଲ୍ଲା ତେଲ ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ପାଢ଼ୀ ଆଜି ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଜଣେ ଠିକାଦାରଙ୍କ ଠାରୁ ବକେୟା ବିଲ କରିବା ପାଇଁ ସେ ୪୬ ହଜାର ଟଙ୍କା ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଖବର ମୁତାବକ, ଦେବରଞ୍ଜନ ତ୍ରିପାଠୀ ନାମକ ଜଣେ ଠିକାଦାର ତାଙ୍କର ବକେୟା ବିଲ୍ ପାଇଁ ତେଲ ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ପାଢ଼ୀଙ୍କ ପଖକୁ ଯାଇଥିଲେ । ଏନେଇ ଯନ୍ତ୍ରୀ ଜଣଙ୍କ ତାଙ୍କୁ ୪୬ ହଜାର ଟଙ୍କା ମାଗିଥିଲେ । ଏନେଇ ଦେବରଞ୍ଜନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ଯୋଜନା ମୁତାବକ ଠିକାଦାର ଦେବରଞ୍ଜନ ଯନ୍ତ୍ରୀ ଜିତେନ୍ଦ୍ର ପାଢ଼ୀଙ୍କୁ ଟଙ୍କା ଦେବାବେଳେ ଭିଜିଲାନ୍ସ ହାବୁଡ଼ରେ ପଡିଥିଲେ । ସମ୍ବଲପୁର ଭିଜିଲାନ୍ସ ନିର୍ଦ୍ଦେଶକ୍ରମେ ଏହି ଚଢାଉ ହୋଇଥିବାବେଳେ ବର୍ତ୍ତମାନ କାର୍ଯ୍ୟାଳୟ, ସରକାରୀ ବାସ ଭବନ, ପୁରୀ, ଭୁବନେଶ୍ୱରର ଶୈଳଶ୍ରୀ ବିହାର ଆଦି ଘରେ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

## ଭୀମସାରରେ ସଂଘର୍ଷ: ୩ ଡାକ୍ତରୀ ଛାତ୍ର ଆହତ



**ସମ୍ବଲପୁର, ୭।୧୦ (ସଂଚାର ବ୍ୟୁରୋ):** ବୁର୍ଲା ଭୀମସାରରେ ଛାତ୍ର ସଂଘର୍ଷ । ୨ ଡାକ୍ତରୀ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ । ଯୁଜି ଛାତ୍ର ସଂଘର ବାର୍ଷିକ ଉତ୍ସବ ବେଳେ ଗଣ୍ଡଗୋଳ ହୋଇଥିବା ନେଇ ସୂଚନା ମିଳିଛି । ଗଣ୍ଡଗୋଳରେ ୩ ଜଣ ଆହତ ହୋଇଛନ୍ତି । ହାଉସ୍ ସର୍ଜନ ଓ ପିଜି ଛାତ୍ରଙ୍କ ମଧ୍ୟରେ ମାଡ଼ପିଟ୍। ହାଉସ୍ ସର୍ଜନଙ୍କ ପକ୍ଷରୁ ବୁର୍ଲା ଥାନାରେ ଲିଖିତ ଅଭିଯୋଗ । ସେପଟେ ମାଡ଼ ପ୍ରତିବାଦରେ ହାଉସ୍ ସର୍ଜନଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ନିଷ୍ପତ୍ତି ।

ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତ୍ରୀରେ ଭୀମସାର ପରିସରରେ ଯୁଜି ଛାତ୍ର ସଂଘର ବାର୍ଷିକ ଉତ୍ସବ ଚାଲିଥିବା ବେଳେ ପିଜି ଛାତ୍ର ଓ ହାଉସ ସର୍ଜନଙ୍କ ମଧ୍ୟରେ ଗଣ୍ଡଗୋଳ ଏବଂ ମାରପିଟ ଭଳି ପରିସ୍ଥିତି ଉପୁଜିଥିଲା। ତେବେ ସଂଘର୍ଷ ପଛରେ ପିଜି ଛାତ୍ରଙ୍କ ପୂର୍ବ ତିକ୍ତତା ଥିବା ନେଇ ସୂଚନା ମିଳିଛି। ଏନେଇ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ହାଉସ୍ ସର୍ଜନ। ଅନ୍ୟପକ୍ଷରେ ଉଭୟ ଗୋଷ୍ଠୀ ଛାତ୍ରଙ୍କ ସହିତ କର୍ତ୍ତୃପକ୍ଷଙ୍କ ବ୍ୟାପକ ଆଲୋଚନା ପରେ ସହମତିରେ ବିବାଦର ସମାଧାନ ହୋଇଥିବା ସୂଚନା ମିଳିଛି।

ଅନ୍ୟପଟେ ଗଣ୍ଡଗୋଳ କଥାକୁ ସ୍ୱୀକାର କରିଛନ୍ତି ଭୀମସାର ଭାରାପ୍ରାପ୍ତ ନିର୍ଦ୍ଦେଶକ। ଭୀମସାର ନିର୍ଦ୍ଦେଶକଙ୍କ ସହ ବୁର୍ଲା ଥାନା ଆଇଆଇସି, ଏସଡିପିଓ ଏବଂ ଛାତ୍ରମାନଙ୍କ ସହ ବିଳମ୍ବିତ ରାତି ଯାଏଁ ଆଲୋଚନା କରାଯାଇଥିଲେ ମଧ୍ୟ ସମାଧାନର କୌଣସି ବାଡ ଫିଟିନଥିବା ବେଳେ ସମାଧାନ ପାଇଁ ବୁଝାସୁଝା କରାଯାଇଛି, କିଛି ଅସୁବିଧା ନାହିଁ ବୋଲି କହିଛନ୍ତି ଭୀମସାର ଭାରାପ୍ରାପ୍ତ ନିର୍ଦ୍ଦେଶକ।

## ୧୦ରୁ ଖୋଲିବ ଶିମିଳିପାଳ

**ବାରିପଦା, ୭।୧୦ (ସଂଚାର ବ୍ୟୁରୋ):** ଆସନ୍ତା ଅକ୍ଟୋବର ୧୦ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଖୋଲାଯିବ। କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶଚାନ୍ଦ ଗୋଗିନାନୀ ଆଜି ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ବର୍ଷାଋତୁ ପାଇଁ ଜୁନ୍ ୧୨ ତାରିଖରୁ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ଲାଗି ବନ୍ଦ ରହିଥିଲା। ଚଳିତବର୍ଷ ଶିମିଳିପାଳକୁ କମ୍ ସଂଖ୍ୟାରେ ପର୍ଯ୍ୟଟକ ଆସିଥିଲେ। ୨୦୨୨-୨୩ରେ ୪୧ ହଜାର ୩୪୬ ଜଣ ପର୍ଯ୍ୟଟକ ଆସିଥିବା ବେଳେ ଚଳିତବର୍ଷ ୨୦୨୩-୨୪ରେ ୨୫ ହଜାର ୮୪୬ ଜଣ ଆସିଥିଲେ ବୋଲି ସୂଚନା ମିଳିଛି।

୨୦୨୩ ନଭେମ୍ବରରେ ୩୨୬୯ ଜଣ, ଡିସେମ୍ବରରେ ୬୪୭, ୨୦୨୪ ଜାନୁଆରିରେ ୧୬୦୭, ଫେବୃଆରିରେ ୫୮୦, ମାର୍ଚ୍ଚରେ ୭୯୭, ଏପ୍ରିଲରେ ୨୫୩ ଓ ମେ' ମାସରେ ୧୭୮ ଜଣ ପର୍ଯ୍ୟଟକ ଶିମିଳିପାଳ ବୁଲିବାକୁ ଆସିଥିଲେ। ବାରିପଦା ପିଠାବଟା ଫାଟକ ଦେଇ ୧୨ ହଜାର ୯୦୯ ଓ ଯଶୀପୁର କାଳିକାପ୍ରସାଦ ଫାଟକ ଦେଇ ୧୩ ହଜାର ୨୧୦ ଜଣ ପର୍ଯ୍ୟଟକ ଆସିଛନ୍ତି। ନଭେମ୍ବରରୁ ମେ' ମାସ ମଧ୍ୟରେ ମୋଟ୍ ୪ ହଜାର ୬୫୪ଟି ଗାଡ଼ିରେ ପର୍ଯ୍ୟଟକମାନେ ଶିମିଳିପାଳ ଭ୍ରମଣ କରିଥିବା ଜଣାପଡ଼ିଛି।

### ଓଏସ୍‌ଏସ୍‌ଏସ୍‌ସି ପରିଚାଳିତ ପରୀକ୍ଷାରେ ଅନିୟମିତତା

# ଲୋୟର ପିଏମ୍‌ଜିରେ ଗର୍ଜିଲେ ହଜାର ହଜାର ପ୍ରାର୍ଥୀ



**ଭୁବନେଶ୍ୱର,୭।୧୦ (ସଂଚାର ବ୍ୟୁରୋ):** ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ପରୀକ୍ଷାରେ ଅନିୟମିତତାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି ହଜାର ହଜାର ପ୍ରାର୍ଥୀ। ଓଏସ୍‌ଏସ୍‌ଏସ୍‌ସି ପରୀକ୍ଷା ବିଭ୍ରାଟକୁ ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗର୍ଜିଛନ୍ତି। ଆର୍‌ଆଇ,ଏଆର୍‌ଆଇ, ଅମିନ, ଆଇସିଡିସି ସୁପରଭାଇଜର୍ ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ପରୀକ୍ଷା ବାତିଲ ଦାବିରେ ପ୍ରାର୍ଥୀମାନେ ଆନ୍ଦୋଳନ କରିଛନ୍ତି।

ଏକାଧିକ ପରୀକ୍ଷାରେ ଗୁରୁତର ତ୍ରୁଟି ଅଭିଯୋଗ କରିବା ସହିତ ଟଙ୍କା ନେଇ ଚାକିରି କାରବାର ଅଭିଯୋଗ କରିଛନ୍ତି ପରୀକ୍ଷାର୍ଥୀ । ଏଥିସହିତ ବିଭ୍ରାଟରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅକ୍ଟୋବର ଆରମ୍ଭରେ ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା ବିଭିନ୍ନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ ପରୀକ୍ଷାର୍ଥୀ। କେତେକ ସ୍ଥାନରେ ଇଣ୍ଟରନେଟ କାମ କରୁ ନ ଥିବାରୁ ଅନେକ ପରୀକ୍ଷା ଦେଇପାରି ନ ଥିଲେ। ଯାହାକୁ ନେଇ ପରୀକ୍ଷାର୍ଥୀ ଅସନ୍ତୋଷ ପ୍ରକାଶ କରିଥିଲେ। ଶିକ୍ଷା ମନ୍ତ୍ରୀଙ୍କ ଘର ଘେରାଉ କରିବା ସହ କଟକରେ ବଡ ରାଲି କରି ଜିଲ୍ଲାପାଳଙ୍କୁ ମଧ୍ୟ ଭେଟିଥିଲେ । ଫଳରେ ତଦନ୍ତ ହେବ ବୋଲି ମଧ୍ୟ ରାଜସ୍ୱମନ୍ତ୍ରୀ କହିଥିଲେ । ଯାହା ପରେ ପରୀକ୍ଷାର୍ଥୀ ୬ ତାରିଖ ସଂଧ୍ୟା ସୁଦ୍ଧା ନିଷ୍ପତ୍ତି ନେବାକୁ ଦାବି କରିଥିଲା। ଗତକାଲି ସୁଦ୍ଧା ସରକାର କିଛି ନିଷ୍ପତ୍ତି ନ ନେବାରୁ ସୋମବାର ରାଜରାସ୍ତାକୁ ଓହ୍ଲାଇଛନ୍ତି ପରୀକ୍ଷାର୍ଥୀ। ଏଥିସହିତ ସେମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ କରିଛନ୍ତି।

**ଆସନ୍ତାକାଳି ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ**

ଏତଦ୍‌ଭିନ୍ନ ରବିବାର (୬ ତାରିଖ) ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ ପରୀକ୍ଷରେ ମଧ୍ୟ ଗୁରୁତର ତ୍ରୁଟି ବିଚ୍ୟୁତି ଅଭିଯୋଗ କରିଛନ୍ତି ପ୍ରାର୍ଥୀ। ବାଲେଶ୍ୱରରେ ଥିବା ଏକ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ସିଲ୍ ଖୋଲା ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅପରାହ୍ନରେ ଦୁର୍ନୀତି ବିରୋଧୀ ଛାତ୍ର ସଂଗଠନର ଏକ ପ୍ରତିନିଧି ଦଳ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆସନ୍ତାକାଲି ସୁଦ୍ଧା ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରତ ଆଶାୟୀ ଛାତ୍ରଛାତ୍ରୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ତେବେ ଆସନ୍ତାକାଲି ସୁଦ୍ଧା ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନ ନେଲେ ସେମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

### ଜଳ ସମ୍ପଦ ବିଭାଗର ସଂକଳ୍ପପତ୍ର ଜାରି

# ହୀରାକୁଦ ଡ୍ୟାମ୍ କେନାଲର ହେବ ନବୀକରଣ

## ବ୍ୟୟ ଅଟକଳ ୮୫୫ କୋଟି



**ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ):** ଖୁବଶୀଘ୍ର ହୀରାକୁଦ ଡ୍ୟାମ କେନାଲର ହେବ ନବୀକରଣ। ଖର୍ଚ୍ଚ ହେବ ୮୫୫ କୋଟି ଟଙ୍କା। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ସଂକଳ୍ପ ପତ୍ର ଜାରି ହୋଇଛି। ହୀରାକୁଦ ଡ୍ୟାମ୍ ପ୍ରକଳ୍ପ କେନାଲ ପଦ୍ଧତିର ନବୀକରଣ ଯୋଜନାର ବିସ୍ତୃତ ତଥ୍ୟ ମଧ୍ୟ ଆସିଛି। ଆସନ୍ତା ୪ ବର୍ଷ ଭିତରେ ନବୀକରଣ କାମ ସାରିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର।

୨୦୨୪-୨୫ରୁ ୨୦୨୭-୨୮ମଧ୍ୟରେ ଉପଯୁକ୍ତ ଜଳ ବଣ୍ଟନ ଓ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଜଳଭଣ୍ଡାରର ସିମେଣ୍ଟ ଲାଇନିଂ ପାଇଁ ୮୫୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ନବୀକରଣ ଯୋଜନାରେ ଜଳପଥଗୁଡ଼ିକୁ ମାଇନର, ସବମାଇନର ଭାବରେ ପୁନଃନାମିତ କରାଯିବ। ଏଥସହ ମାଟିରେ ନିର୍ମିତ ହୋଇଥିବା ଜଳପଥଗୁଡ଼ିକରେ ସିମେଣ୍ଟ କଂକ୍ରିଟ ଲାଇନିଂ କରି ଜଳ ପରିଚାଳନା ସ୍ଥିରତା ସୁନିଶ୍ଚିତ କରାଯିବ।

କେନାଲର ଜଳସେଚନ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହ ବଣ୍ଟନ ବ୍ୟବସ୍ଥାରେ ଜଳ କ୍ଷତିକୁ ହ୍ରାସ କରି ତଳ ମୁଣ୍ଡରେ ପାଣି ଉପଲବ୍ଧତା ବୃଦ୍ଧି କରାଯିବ। ବରଗଡ଼ ମୁଖ୍ୟ କେନାଲ୍, ଶାସନ ମୁଖ୍ୟ କେନାଲ ଓ ଅନ୍ୟାନ୍ୟ ଡିଷ୍ଟ୍ରିବ୍ୟୁଟାରୀରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଫଲ ଓ ଆଉଟଲେଟର ନବୀକରଣ କରାଯବ। ଦକ୍ଷିଣ ଓ ବା ସ୍ପିଲୱେ ଫାଉଣ୍ଡେସନ୍ ଗ୍ୟାଲେରୀର ମରାମତି ଓ ନବୀକରଣ ସହିତ ଏହାର ସଂଲଗ୍ନ ହୀରାକୁଦ ଡ୍ୟାମର ଛୋଟ କୁଦର ପୁନଃସଯୋଜନ କରାଯିବ। ୧୯୫୭ ମସିହାରେ ଦେଶର ସବୁଠାରୁ ଲମ୍ବା ମାଟିବନ୍ଧ ହୀରାକୁଦ ଡ୍ୟାମ୍ ନିର୍ମାଣ କରାଯାଇଥିଲା।

## ପିସି ମାଗି ମହିଳା ଯନ୍ତ୍ରୀ ସସ୍‌ପେଣ୍ଡ



**ଜଗତସିଂହପୁର, ୭।୧୦(ସଂଚାର ବ୍ୟୁରୋ):** ବିଲ୍ ପାଇଁ ପିସି ମାଗିବା ଭିଡିଓ ଭାଇରାଲ ହେବା ପରେ ଜଣେ ଯନ୍ତ୍ରୀଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି କାରଣରୁ ତିର୍ତ୍ତୋଲ ବ୍ଲକର ସହକାରୀ ଯନ୍ତ୍ରୀ ଚିନ୍ମୟୀ ଦ୍ୱିବେଦୀଙ୍କୁ ନିଲମ୍ବନ କରାଯାଇଛି। ଗୋପାଳପୁର ପଞ୍ଚାୟତରେ ହୋଇଥିବା ଏକ ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ପାସ୍ କରିଦେବା ପାଇଁ ସଂପୃକ୍ତ ଠିକାଦାରଙ୍କୁ ସହକାରୀ ଯନ୍ତ୍ରୀ ଚିନ୍ମୟୀ ଦ୍ୱିବେଦୀ ୧୦% ପିସି ମାଗିବାର ଅଡିଓ ଭାଇରାଲ ହୋଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପଞ୍ଚାୟତରାଜ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ସହକାରୀ ଯନ୍ତ୍ରୀ ଚିନ୍ମୟୀ ଦ୍ୱିବେଦୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଗତସିଂହପୁର ପିଡି ଡିଆରଡିଏଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ି କେଉଁଆଡ଼େ ଯାଇପାରିବେ ନାହିଁ।

## ବିଦାୟ ସମ୍ବର୍ଦ୍ଧନାରେ ଭାବ ବିହ୍ୱଳ ହେଲେ ଅରୁଣ



ଭୁବନେଶ୍ୱର,୭।୧୦ ସଂଚାର ବ୍ୟୁରୋ): କାଲିଠୁ ଆଉ ପିନ୍ଧି ପାରିବିନି ୟୁନିଫର୍ମ। ଶୁଣିଲେ ଦୁଃଖ ଲାଗୁଛି। ଏତେଶୀଘ୍ର ୟୁନିଫର୍ମ ଖୋଲିବି ଭାବି ନ ଥିଲି। ବିଦାୟକାଳୀନ ସମ୍ବର୍ଦ୍ଧନା ବେଳେ ଭାବବିହ୍ୱଳ ହୋଇ ଏମିତି କଥା କହିଛନ୍ତି ବରିଷ୍ଠ ଆଇପିଏସ୍ ଅଧିକାରୀ ଅରୁଣ ଷଡ଼ଙ୍ଗୀ। ରାଜ୍ୟ ସରକାର ଶ୍ରୀ ଷଡ଼ଙ୍ଗୀଙ୍କୁ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଅନୁମତି ଦେଇଛନ୍ତି। ତାଙ୍କୁ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଅରୁଣ ନୂଆ ଦାୟିତ୍ୱ ନେବା ପାଇଁ ସେପ୍ଟେମ୍ବର ୩୦ତାରିଖରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନିମନ୍ତେ ଆବେଦନ କରି ଅକ୍ଟୋବର ୭ତାରିଖ ପୂର୍ବାହ୍ନରୁ ତାଙ୍କୁ ଅବସର ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ଅରୁଣଙ୍କର ଚାକିରି ୨୦୨୫ ଜୁଲାଇ ପର୍ଯ୍ୟନ୍ତ ଥିଲା। ତାଙ୍କୁ ପୂର୍ବ ବିଜେଡି ସରକାର ୨୦୨୩ ଡିସେମ୍ବର ୩୧ ତାରିଖରେ ରାଜ୍ୟର ଅସ୍ଥାୟୀ ପୋଲିସ ଡିଜି ଭାବେ ନିଯୁକ୍ତି ଦେଇଥିଲେ। ଭାଜପା ସରକାର କ୍ଷମତାକୁ ଆସିବା ପରେ ତାଙ୍କୁ ଅଗଷ୍ଟ ୧୬ତାରିଖରେ ଡିଜି ପଦରୁ ହଟାଇ ଦେଇଥିଲେ।

# ରମାଦେବୀ ବିଶ୍ୱବିଦ୍ୟାଳୟ-ନାକ୍ ମାନ୍ୟତା ଖସିଲା

**ଭୁବନେଶ୍ୱର, ୭।୧୦ (ତଥ୍ୟ):** ମା'ରମାଦେବୀଙ୍କ ନାମରେ ନାମିତ ଓଡ଼ିଶାର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ନାକ୍ ଗ୍ରେଡିଂରେ ଦୟନୀୟ ସ୍ଥିତିରେ ରହିଛି। ରମାଦେବୀ ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ପୂର୍ବରୁ ନାକ୍‌ର 'ଏ' ଗ୍ରେଡ ମିଳିଥିବା ବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କିନ୍ତୁ 'ବି'++ ଗ୍ରେଡ ପାଇଛି। ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟକୁ ଉନ୍ନିତ ହେବା ପରେ ଏହି ଗୌରବାବହ ଶିକ୍ଷାନୁଷ୍ଠାନଟି ଗ୍ରେଡ ବଢ଼ିବା ପରିବର୍ତ୍ତେ କମିବା ରାଜ୍ୟର ଶିକ୍ଷାବିତ୍, ବୁଦ୍ଧିଜୀବୀ ଏବଂ ବିଶେଷକରି ଏହି ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କୁ ନିରାଶ କରିଛି।

ପ୍ରାୟ ୬୦ବର୍ଷ ତଳେ ଭୁବନେଶ୍ୱର ମହିଳା କଲେଜ୍ ନାମରେ ଆରମ୍ଭ ହୋଇଥିବା ଶିକ୍ଷାନୁଷ୍ଠାନଟି ଗାନ୍ଧୀ ଶତବାର୍ଷିକୀ ବର୍ଷରେ ମା'ରମାଦେବୀଙ୍କ ନାମରେ ନାମିତ ହେବା ସହ ରୁପାଲିଛକ ନିକଟରେ ଥିବା ତାହାର ସ୍ଥାୟୀ କ୍ୟାମ୍ପସ୍‌କୁ ଉଠି ଆସିଥିଲା। ୨୪ ଏକରରୁ କମ୍ ପରିମିତ ଅଞ୍ଚଳରେ ରମାଦେବୀ ମହିଳା କଲେଜ୍, ତାହାର ଛାତ୍ରୀ ନିବାସ, ଖେଳ ପଡ଼ିଆ, ସଭାଗୃହ ଆଦି ରହିଥିଲା। ବିଶ୍ୱବିଦ୍ୟାଳୟ ହେବା ପରେ ଏହି କ୍ୟାମ୍ପସ୍‌ରେ ପ୍ରଶାସନିକ ଭବନ, କୁଳପତିଙ୍କ ଦପ୍ତର ଆଦି ନିର୍ମିତ ହେବା ଫଳରେ ଏହାର ଖେଳ ପଡ଼ିଆ ଆଦି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏମିତିକି ଛାତ୍ରୀମାନଙ୍କ ପାଇଁ କ୍ୟାଣ୍ଟିନ୍‌ଟିଏ ନାହିଁ କିମ୍ବା ଛାତ୍ରୀ ନିବାସରେ ୱାଇ-ଫାଇ ବ୍ୟବସ୍ଥା ବି ନାହିଁ। ବିଶ୍ୱବିଦ୍ୟାଳୟ ପରିସରରେ ଏନ୍‌ସିସି ଛାତ୍ରୀଙ୍କ ପରେଡ୍ ଅଭ୍ୟାସ ଲାଗି ଜାଗା ନଥିବା ବେଳେ ପିଲାମାନେ ଖେଳ ସୁଯୋଗରୁ ବି ବଞ୍ଚିତ ହେଉଛନ୍ତି।




ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପାଇଁ ଦ୍ୱିତୀୟ କ୍ୟାମ୍ପସ୍ ନିର୍ମାଣ କରାଯିବ ବୋଲି ମୂଳରୁ କୁହାଯାଉଛି। କିନ୍ତୁ ଏଯାବତ୍ ପ୍ରାୟ ୮ବର୍ଷ ଧରି ଜମି ମିଳିନାହିଁ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଲାଗି ୧୩୭ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବା ବେଳେ ସେଥିରୁ ୭୭ଟି ଖାଲି ପଡ଼ିଛି। ଏହି ବିଶ୍ୱବିଦ୍ୟାଳୟ ଲାଗି ଥିବା ୧୩ଟି ପ୍ରଫେସର ପଦବୀ ମଧ୍ୟରୁ ୮ ଖାଲି ପଡ଼ିଥିବା ବେଳେ ୩୮ଟି ସହଯୋଗୀ ପ୍ରଫେସର ପଦବୀ ମଧ୍ୟରୁ ବି ୨୩ଟି ଖାଲି। ଏଠାରେ ୮୬ଜଣ ସହକାରୀ ପ୍ରଫେସର ନିଯୁକ୍ତ ହେବାକଥା। କିନ୍ତୁ ଏଠି ଏବେ ମାତ୍ର ୪୬ଜଣ ସହକାରୀ ପ୍ରଫେସର ରହିଛନ୍ତି। ସେହିଭଳି ଉକ୍ତ ମହିଳା ବିଶ୍ୱବିଦ୍ୟାଳୟ ପାଇଁ ୧୦୧ଟି ମଞ୍ଜୁରୀପ୍ରାପ୍ତ ଅଣ ଶିକ୍ଷକ ପଦବୀ ଥିବା ବେଳେ ମାତ୍ର ୧୩ଜଣରେ କାମ ଚଳାଯାଉଛି। ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତା ଦୁର୍ଘଟଣାପ୍ରବଣ ହୋଇଥିବାରୁ ସେଠାରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ୨୦୧୧ ମସିହାରେ ୧୨ଜଣ ନେତା ଶିଳାନ୍ୟାସ କରିଥିବା ଫଳକଟି ରାସ୍ତାରେ ମଝିରେ ପରିତ୍ୟକ୍ତ ଭାବରେ ପଡ଼ିଥିବା ବେଳେ ଫୁଟ୍ ଓଭରବ୍ରିଜ୍ ପାଇଁ ଫୁଟେ ବି କାମ ଆରମ୍ଭ ନହେବା ଏହି ମହିଳା ବିଶ୍ୱବିଦ୍ୟାଳୟ ପାଇଁ ବ୍ୟବସ୍ଥାର ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ନଥିବାରୁ ଏହି ମହିଳା ବିଶ୍ୱବିଦ୍ୟାଳୟର ଗବେଷଣା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ତେଣୁ ଏଠାରୁ ଯେତେ ସଂଖ୍ୟକ ଗବେଷଣା ସନ୍ଦର୍ଭ ପ୍ରକାଶ ପାଇବା କଥା ତାହା ହୋଇପାରୁ ନାହିଁ। ଏହାବ୍ୟତୀତ ଦୀର୍ଘବର୍ଷ ଧରି ଏଠାରେ ଛାତ୍ରୀ ସଂସଦ ନିର୍ବାଚନ ହେଉନଥିବାରୁ ଛାତ୍ରୀମାନଙ୍କ ସମସ୍ୟା ଉପସ୍ଥାପନ ଲାଗି କୌଣସି ଫୋରମ୍ ବି ନାହିଁ। ସବୁଠାରୁ ଉଦ୍‌ବେଗର କଥା ହେଉଛି ଏହି ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ଆସନ୍ତା ମାସରେ ପୁରିବାକୁ ଯାଉଥିବା ବେଳେ ନୂଆ କୁଳପତି ନିଯୁକ୍ତି ଲାଗି ଏଯାବତ୍ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନ୍ୟାକ୍ ମାନ୍ୟତା ଗ୍ରେଡ୍ ଯେଉଁସବୁ କାରଣରୁ କମିଛି ତାହା ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ୧୭ଟି ଯାକ ବିଶ୍ୱବିଦ୍ୟାଳୟରେ ବି ଅନୁଭୂତ ହେଉଛି। ଆଜିର ଦିନରେ ରାଜ୍ୟର ୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ପଡ଼ିଥିବା ବେଳେ ଅନ୍ୟୁନ ୬୦ ପ୍ରତିଶତ ଶିକ୍ଷକ ଓ ୭୦ ପ୍ରତିଶତରୁ ଅଧିକ ଅଣ ଶିକ୍ଷକ ପଦବୀ ଖାଲି ରହିଛି। ଏ ପରିପ୍ରେକ୍ଷୀରେ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଶ୍ୱସ୍ତରୀୟ କରିବା ପାଇଁ ବାରମ୍ବାର ଯେଉଁ ଆହ୍ୱାନ ଦିଆଯାଉଛି ତାହା ପଛରେ କେତେ ଆନ୍ତରିକତା ରହିଛି ସେଥିଯୋଗେ ବହୁ ସଂଖ୍ୟକ ଅବସରପ୍ରାପ୍ତ କୁଳପତି ଓ ଶିକ୍ଷକମାନେ ପ୍ରଶ୍ନ ଉଠାଉଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର